# ସ୍ୱାତୀ

# ବାର୍ଷିକ ବିବରଣୀ

## ୨୦୨୪-୨୫




ସୋସିଆଲ୍ ୱେଲ୍‌ଫେୟାର ଏଜେନ୍ସି ଏଣ୍ଡ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ସ୍ୱାତୀ)

# ସଂପାଦକୀୟ



ଚଳିତ ବର୍ଷ ସ୍ୱାତୀ ଏହାର ରୌପ୍ୟ ଜୟନ୍ତୀ ପାଳନ କରିଛି । ଗୋଷ୍ଠୀ ବିକାଶରେ ୨୫ ବର୍ଷ ପୂର୍ଣ୍ଣ କରିବା ପରେ ଏହାର ଅଭିଜ୍ଞତା ଓ ଅନୁଭବରେ ଯେତିକି ପରିପକ୍ୱତା ଆସିଛି, ସାମାଜିକ ପ୍ରତିବଦ୍ଧତା ଓ ଦାୟିତ୍ୱ ମଧ ସେହି ହିସାବରେ ବଢ଼ିଯାଇଛି । ଗତ ବର୍ଷରେ ଆମେ ପାଳନ କରିଥିବା ରୌପ୍ୟ ଜୟନ୍ତୀ ସମାରୋହରେ ଅନେକ ସାମାଜିକ କର୍ମୀ, ବୁଦ୍ଧିଜୀବି, ଲୋକ ପ୍ରତିନିଧି, ଗୋଷ୍ଠୀସ୍ତରର ନେତୃତ୍ୱ ଏବଂ ଶୁଭେଚ୍ଛୁ ମାନେ ଯୋଗଦେଇ ଅମକୁ ଅନେକ ପରାମର୍ଶ ଓ ପ୍ରେରଣା ଯୋଗାଇଛନ୍ତି । ସେସବୁ ଆମକୁ ସ୍ୱାତୀର ପରବର୍ତ୍ତୀ କାର୍ଯ୍ୟ ସଂଚାଳନରେ ନିଶ୍ଚୟ ସହାୟକ ହେବ ।

ଚଳିତ ବର୍ଷ ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠାନର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ସ୍ୱାତୀ ସହ ବିଭିନ୍ନ ସମୟରେ ଜଡିତ ଥିବା ଅଧିକାଂଶ କର୍ମୀ ଯୋଗ ଦେଇ ନିଜର ଅନୁଭୂତି ପ୍ରକାଶ କରିଥିଲେ ଏବଂ ସ୍ୱାତୀରେ କାର୍ଯ୍ୟ କରିଥିବା ସମୟ ଗୁଡିକ ସେମାନଙ୍କ ଜୀବନରେ ଅନେକ ସକାରାତ୍ମକ ପ୍ରଭାବ ପକାଇଥିବା କହିଥିଲେ । ଏହି ଉପଲବ୍ଧିଟି ଅନୁଷ୍ଠାନ ପାଇଁ ଅଧିକ ମୂଲ୍ୟବାନ କାରଣ ସାମାଜିକ କାର୍ଯ୍ୟ ସହ ମାନବିକ ମୂଲ୍ୟବୋଧର ବିକାଶ ସ୍ୱାତୀ ଗଠନର ଏକ ପ୍ରଧାନ ଲକ୍ଷ୍ୟ ଅଟେ । ସ୍ୱାତୀ ସହ ଜଡିତ କର୍ମୀ ମାନଙ୍କ ପାଇଁ ଏଠାରେ ବିତାଇଥିବା ସମୟ ଓ କରିଥିବା କାମ ଗୁଡିକ ଯଦି ଭବିଷ୍ୟତ ଜୀବନ ପାଇଁ ପ୍ରେରଣାଦାୟୀ ହୋଇପାରିଲା ତାହେଲେ ତାହାହିଁ ଅନୁଷ୍ଠାନର ସାର୍ଥକତା ।

ଚଳିତ ଆର୍ଥିକ ବର୍ଷ – ୨୦୨୪-୨୫ର ବାର୍ଷିକ ବିବରଣୀ ଉପସ୍ଥାପନ ଅବସରରେ ମୁଁ ସ୍ୱାତୀର ଗୋଷ୍ଠୀ ବିକାଶ କାର୍ଯ୍ୟକୁ ସହାୟତା ଓ ସହଯୋଗ କରିଆସୁଥିବା ସମସ୍ତ ସରକାରୀ ବିଭାଗ, ଦାତବ୍ୟ ଅନୁଷ୍ଠାନ ଏବଂ ସହଭାଗୀ ଅନୁଷ୍ଠାନ ଯଥା – ଓଡିଶା ସରକାରଙ୍କ ଅନୁସୂଚୀତ ଜାତି ଓ ଜନଜାତି ବିକାଶ ମନ୍ତ୍ରଣାଳୟ, ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ, କନ୍ଧମାଳ ଜିଲ୍ଲା ପ୍ରଶାସନ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ଓଡିଶା ରାଜ୍ୟ ଏଡ୍‌ସ ସେଲ୍, କ୍ରାଏ, ୟୁ.ଏସ୍.କଲନ୍‌ସୁଲେଟ୍ ଜେନେରାଲ୍, ବେସିକ୍ ନିଡ୍ ଇଣ୍ଡିଆ ଆଦିଙ୍କୁ ସେମାନଙ୍କର ସହାୟତା ଓ ଦିଗ୍‌ଦର୍ଶନ ପାଇଁ ଆମେ କୃତଜ୍ଞତା ଜଣାଉଛୁ । ଏଥିସହ ସ୍ୱାତୀ କାର୍ଯ୍ୟରେ ସାମିଲ୍ ସମସ୍ତ ଗୋଷ୍ଠୀ ସ୍ତରୀୟ ସଂଗଠନ, ନାଗରୀକ ସମାଜ ଓ ଗଣମାଧମ ପ୍ରତିନିଧି ମାନଙ୍କୁ ମଧ ଆମର ଆନ୍ତରିକ କୃତଜ୍ଞତା । ଏହି ବିବରଣୀ ଗ୍ରାମସ୍ତରରୁ ଆରମ୍ଭ କରି ବୁଦ୍ଧିଜୀବୀ ଓ ସରକାରୀ ସ୍ତର ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ସ୍ୱାତୀର ଚିନ୍ତା, ପ୍ରଚେଷ୍ଟା ଓ କାର୍ଯ୍ୟଧାରାକୁ ପରିଚିତ କରିପାରିବ ବୋଲି ଆଶା ।

ଧନ୍ୟବାଦ ସହ
ଇଂ. ହରିଶଙ୍କର ରାଉତ
ସଂପାଦକ, ସ୍ୱାତୀ

# ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| ସାମାଜିକ କଲ୍ୟାଣ ଅନୁଷ୍ଠାନ ସ୍ୱାତୀ ସମ୍ପର୍କରେ | ୪ - ୮ |
| ସ୍ୱାତୀ ସମୟ ସାରଣୀ | ୮ - ୧୧ |
| ଦାରିଦ୍ର୍ୟ ଦୂରୀକରଣ ଓ କ୍ଷୁଧାରୁ ମୁକ୍ତି | ୧୨ - ୨୬ |
| ସୁସ୍ଥ ଜୀବନ ଓ ସ୍ୱାସ୍ଥ୍ୟସେବା | ୨୭ - ୪୧ |
| ମହିଳା ସଶକ୍ତିକରଣ | ୪୨ - ୪୪ |
| ଶିକ୍ଷାର ବିକାଶ | ୪୫ - ୪୬ |
| ପ୍ରାକୃତିକ ସମ୍ବଳ ପରିଚାଳନା ଓ ଜଳବାୟୁ ପରିବର୍ତ୍ତନ ମୁକାବିଲା | ୪୭ - ୫୦ |
| ସାମାଜିକ ସଂହତି ଓ ସାମାଜିକ ନ୍ୟାୟ | ୫୧ |
| ଅଧ୍ୟୟନ ଓ ପ୍ରକାଶନ | ୫୨ |
| ବିଧିସମ୍ମତ ଆନୁଷ୍ଠାନିକ ତଥ୍ୟ | ୫୩ |










ସ୍ୱାତୀ (ସୋସିଆଲ୍ ୱେଲ୍‌ଫେୟାର ଏଜେନ୍ସି ଏଣ୍ଡ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍) ଅନୁଷ୍ଠାନ ୨୫ ବର୍ଷ ପୂର୍ଣ୍ଣ କରି ୨୬ ବର୍ଷରେ ପଦାର୍ପଣ କରିଛି । ୧୯୯୯ ମସିହା ଜୁନ୍ ୨୪ ତାରିଖରେ ଏହା ଇଂ. ହରିଶଙ୍କର ରାଉତଙ୍କ ଉଦ୍ୟମରେ ଏକ ସାମାଜିକ ଅନୁଷ୍ଠାନ ଭାବେ ପଂଜିକୃତ ହୋଇଥିଲା ଏବଂ ସେବେଠାରୁ ଦୀର୍ଘ ୨୬ ବର୍ଷ ଧରି ଏହା ନିରବିଚ୍ଛିନ୍ନ ଭାବେ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ କରିଆସୁଛି । ସ୍ୱଳ୍ପ ସମ୍ବଳ ଓ ଦୃଢ଼ ମନୋବଳ ନେଇ ଟିକାବାଲି ଓ ସଂଲଗ୍ନ ଫିରିଙ୍ଗିଆ ବ୍ଲକ୍ ଅଂଚଳର ଦୁର୍ଗମ ଗାଁ ଗୁଡିକରେ ଏହା ପ୍ରଥମେ କାର୍ଯ୍ୟକ୍ରମ ଆରମ୍ଭ କରିଥିଲା । ପ୍ରଥମେ ଗ୍ରାମ୍ୟ ସଂଗଠନ, ମହିଳା ସଂଗଠନ ଏବଂ ଯୁବ ସଂଗଠନ ଆଦି ଦ୍ୱାରା ଗାଁ ଗୁଡିକରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ସରକାରୀ ଯୋଜନା ଆଦି ସଂପର୍କରେ ସଚେତନତା ସୃଷ୍ଟି ସହ ମହିଳା ଦଳ ଗୁଡିକ ମାଧ୍ୟମରେ ସଂଚୟ ବୃଦ୍ଧି ଓ ପାଣ୍ଠି ଗଠନ କାର୍ଯ୍ୟ କରାଗଲା । ପରେ ପ୍ରାକୃତିକ ସଂପଦର ସୁପରିଚାଳନା ମାଧ୍ୟମରେ ଗ୍ରାମବାସୀ ମାନଙ୍କ ଜୀବନଜୀବିକାର ଦୃଢ଼ୀକରଣ ନିମନ୍ତେ ଟିକାବାଲି ବ୍ଲକ୍ ଅଂଚଳରେ ଜଳଛାୟା କାର୍ଯ୍ୟକ୍ରମ ଏବଂ ଫିରିଙ୍ଗିଆ ବ୍ଲକ୍ ଅଂଚଳରେ ସାମୂହିକ ମରୁଡି ପ୍ରତିକାର କାର୍ଯ୍ୟକ୍ରମ ଜରିଆରେ ଜମିଜମା ବିକାଶ ଓ କୃଷି ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରାଗଲା । ଏହି ପ୍ରକଳ୍ପ ମାଧ୍ୟମରେ ମହିଳା ସ୍ୱୟଂସହାୟିକା ଦଳ ଗୁଡିକୁ ସୁଦୃଢ଼ କରି ନାବାର୍ଡ ଅନୁଷ୍ଠାନ ସହ ଯୋଡିବା ପାଇଁ ସ୍ୱାତୀ ପ୍ରୟାସ ଆରମ୍ଭ କରିଥିଲା ଏବଂ ଜିଲ୍ଲାସ୍ତରରେ ବିଭିନ୍ନ ବିଭାଗ ସହ ମଧ୍ୟ ସଂପର୍କ ସୃଷ୍ଟି କରିପାରିଥିଲା । ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଦାନ ସଂଗ୍ରହ କରି ଗାଁ ଗୁଡିକରେ ବିକାଶ ମୂଳକ କାର୍ଯ୍ୟକ୍ରମ ମାନ ଗ୍ରହଣ କଲା ।




ଧିରେ ଧିରେ ପରିବ୍ୟାପ୍ତ ହେଲା ଏହାର କାର୍ଯ୍ୟକ୍ରମ ଓ କାର୍ଯ୍ୟଭୂକ୍ତ ଅଂଚଳ । ଗାଁରୁ ପଂଚାୟତ, ବ୍ଲକ୍ ଓ ସାରା କନ୍ଧମାଳ ଜିଲ୍ଲା ସହିତ ଜିଲ୍ଲା ବାହାରକୁ ପସାରିତ ହେଲା ସ୍ୱାତୀର କାର୍ଯ୍ୟକ୍ରମ । ପ୍ରଥମେ ଜଳବିଭାଜିକା ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ଗଂଜାମ ଜିଲ୍ଲାରେ କାମ କରିବା ସହିତ ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା - ଜାତୀୟ ସହରାଂଚଳ ଜୀବିକା ମିଶନ ସହାୟତାରେ ଭୁବନେଶ୍ୱର ମହାନଗର ନିଗମ, ବ୍ରହ୍ମପୁର ମହାନଗର ନିଗମ, ବୌଦ୍ଧ ଓ ଫୁଲବାଣୀ ବିଜ୍ଞାପିତ ଅଂଚଳ ପରିଷଦ ଆଦି ୪ଟି ସହରାଂଚଳକୁ ଏହାର କାର୍ଯ୍ୟକ୍ରମ ସଂପ୍ରାରଣ କରିଥିଲା । ପରେ ଓଡିଶା ବନାଂଚଳ ଉନ୍ନୟନ ପ୍ରକଳ୍ପ ମାଧ୍ୟମରେ ଏହା ଗଂଜାମ ଜିଲ୍ଲାର ଉତର ଘୁମୁସର ବନଖଣ୍ଡ ଅଂଚଳରେ କାର୍ଯ୍ୟକ୍ରମ ଗ୍ରହଣ କଲା ।  ଏବେ 'ସ୍ୱାତୀ' କନ୍ଧମାଳ ଜିଲ୍ଲା ସହ ଗଂଜାମ, ବୌଦ୍ଧ, ସୋନପୁର ଓ ଖୋର୍ଦ୍ଧା ଜିଲ୍ଲାର ୨୦ଟି ବ୍ଲକ୍‌ର ୬୦୦ରୁ ଅଧିକ ଗାଁରେ ଏକ ଲକ୍ଷରୁ ଉର୍ଦ୍ଧ୍ୱ ପରିବାର ସହ କାର୍ଯ୍ୟରତ ।

ଆଦିବାସୀ, ଦଳିତ, ଗରିବ ଶ୍ରେଣୀ, ମହିଳା, ଯୁବବର୍ଗ, ତୃତୀୟଲିଙ୍ଗି ଆଦି ସମାଜର ସବୁବର୍ଗର ଲୋକଙ୍କ ବିକାଶ ପାଇଁ ଏହା କାର୍ଯ୍ୟ କରୁଛି ।

ଏବେ 'ସ୍ୱାତୀ' ଜିଲ୍ଲା ତଥା ରାଜ୍ୟର ଏକ ପ୍ରମୁଖ ଅନୁଷ୍ଠାନ ହିସାବରେ ପ୍ରତିଷ୍ଠା ଅର୍ଜନ କରିପାରିଛି । 'ସ୍ୱାତୀ' ସହ ୩୦୦ରୁ ଅଧିକ ଗ୍ରାମ୍ୟ ଉନ୍ନୟନ ସମିତି ୧୨୦୦ରୁ ଅଧିକ ସ୍ୱୟଂସହାୟିକା ଦଳ, ୧୦୦ ବନ ସଂରକ୍ଷଣ ସମିତି, ୪୦୦ କିଶୋର କିଶୋରୀ ଦଳ, ୩୦ ଟି ଆଂଚଳିକ ମହିଳା ମହାସଂଘ ଓ ୫ଟି କୃଷକ ଉତ୍ପାଦକ କମ୍ପାନୀ କାର୍ଯ୍ୟରତ ଅଛନ୍ତି । ସ୍ୱାତୀର ବିଭିନ୍ନ କାର୍ଯ୍ୟକ୍ରମରେ ୨୦୦ରୁ ଅଧିକ ଦକ୍ଷ ଓ ଅଭିଜ୍ଞ କର୍ମୀ ସାମିଲ ଥିବାବେଳେ ଅନେକ ବୁଦ୍ଧିଜୀବି, ବିଶେଷଜ୍ଞ, ସାଧନବ୍ୟକ୍ତି ଓ ପ୍ରଶିକ୍ଷକ ଏହା ସହ ଯୋଡି ହୋଇ ରହିଛନ୍ତି । ଅନେକ ରାଜ୍ୟ ତଥା ଜାତୀୟ ସ୍ତରର ସଂଗଠନ ଓ ମଂଚ ସହ ସ୍ୱାତୀ ଜଡିତ ରହିଛି । ନିଜର କାର୍ଯ୍ୟ ପାଇଁ ଅନୁଷ୍ଠାନ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ମଂଚରେ ସମ୍ମାନୀତ ହୋଇଛି । ସ୍ୱାତୀ ୨୦୧୭ ମସିହାରେ ଇଲାପଣ୍ଡା ଫାଉଣ୍ଡେସନ୍ ତରଫରୁ ଦିଆଯାଉଥିବା ଚତୁର୍ଥ ସମ୍ମାନଜନକ ଶାମ୍ଭବୀ ପୁରସ୍କାର ହାସଲ କରିଛି । ସେହିପରି ୨୦୨୦ ମସିହାରେ ଇଣ୍ଡିଆନ୍ ସଲିଡାରିଟି କାଉନ୍‌ସିଲ୍ ପ୍ରଦତ ଏସିଆ ପାସିଫିକ୍ ଆଚିଭର ଆୱାର୍ଡ, ସମାଜ ପ୍ରଦତ ପୁରସ୍କାର ମଧ ପାଇଛି ।

## ସରକାରୀ ଅଧିନୀୟମରେ ସ୍ୱାତୀ

**ଅନୁଷ୍ଠାନ ପଞ୍ଜିକରଣ ଅଧିନୀୟମ** – ସ୍ୱାତୀ ଅନୁଷ୍ଠାନ ପଞ୍ଜିକରଣ ଅଧିନୀୟମ ୧୮୬୦ରେ ପଞ୍ଜିକୃତ ଏବଂ ଏହାର ଆଇ.ଜି.ଆର୍ ସଂଖ୍ୟା ହେଉଛି ୨୧୦୩୦/୧୬୯/୧୯୯୯ ।

**ବୈଦେଶିକ ସହାୟତା ନିୟାମକ ଆଇନ** (ଏଫ୍.ସି.ଆର୍.ଏ) - ୧୯୭୬ରେ ପଞ୍ଜିକୃତ ଓ ଏହାର ସଂଖ୍ୟା ହେଉଛି ୧୦୫୦୩୦୦୦୭/୨୦୦୨

**ଆୟକର ଅଧିନୀୟମ** ୧୯୬୧ ଅନ୍ତର୍ଗତ ୧୨ଏଏ ଓ ୮୦ଜି ରେ ଅନୁଷ୍ଠାନ ପଞ୍ଜିକୃତ ।

**କର୍ମଚାରୀ ଭବିଷ୍ୟନଧି ପାଣ୍ଠି ଏବଂ ଆନୁସଙ୍ଗିକ ବ୍ୟବସ୍ଥା ନୀୟମ** -୧୯୫୨ରେ ଏହା ପଂଜିକୃତ ଏବଂ ଏହାର ସଂଖ୍ୟା ହେଉଛି ଓଆର/ବିଏମ/୧୧୦୪୭/୨୦୧୨

## ସ୍ୱାତୀ ଅନୁଷ୍ଠାନର ଲକ୍ଷ୍ୟ

ଏକ ସାମାଜିକ ଅନୁଷ୍ଠାନ ହିସାବରେ ସ୍ୱାତୀର ଆନୁଷ୍ଠାନିକ ପ୍ରଧାନ ଲକ୍ଷ୍ୟ ହେଉଛି, ଏକ ସୁସ୍ଥ, ଆତ୍ମନିର୍ଭରଶୀଳ ଓ ମର୍ଯ୍ୟାଦାପୂର୍ଣ୍ଣ ଗୋଷ୍ଠୀଜୀବନ ବଂଚୁଥିବା ଏକ ସାମାଜିକ ବ୍ୟବସ୍ଥା ଗଠନ, ଯେଉଁଠି କି ସମସ୍ତଙ୍କ ପାଇଁ ସମାନ ସୁଯୋଗ, ଅଧିକାର, ନ୍ୟାୟ ଓ ମୁକ୍ତ ବାତାବରଣ ରହିଥିବ ଏବଂ ସେମାନଙ୍କ ସକ୍ରିୟ ଭାଗୀଦାରିତା, ସଚେତନ ନିଷ୍ପତି ଏବଂ ସମସ୍ୟା ସମାଧାନ ସାମର୍ଥ୍ୟ ଜରିଆରେ ଗୋଷ୍ଠୀର ବିକାଶ ସାଧିତ ହୋଇ ପାରୁଥିବ ।

## ସ୍ୱାତୀ ଅନୁଷ୍ଠାନର କାର୍ଯ୍ୟ ପଦ୍ଧତି

ସ୍ୱାତୀ ନିଜସ୍ୱ ପ୍ରଧାନ ଲକ୍ଷ୍ୟ ଓ ଗୋଷ୍ଠୀର ସମସ୍ୟାକୁ ଗୁରୁତ୍ୱ ଦେଇ କାର୍ଯ୍ୟକ୍ରମ ମାନ ଗ୍ରହଣ କରିଥାଏ । ଏହାର କାର୍ଯ୍ୟପଦ୍ଧତିରେ ଗୋଷ୍ଠୀଗତ ସ୍ୱାତନ୍ତ୍ର୍ୟତା, ସାମାଜିକ ସଂହତି, ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ, ଲିଙ୍ଗଗତ ସାମ୍ୟତା, ସମାଜର ସବୁ ବର୍ଗର ପ୍ରତିନିଧିତ୍ୱ ଏବଂ ପ୍ରାକୃତିକ ସମ୍ବଳର ସଦୁପଯୋଗ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥାଏ । କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୂଖ୍ୟକୁ ପ୍ରାଧାନ୍ୟ ଦେଇ ଲୋକ ସହଭାଗୀତାରେ ଏହାର ଯୋଜନା ପ୍ରସ୍ତୁତି ଓ ଗ୍ରାମ୍ୟସ୍ତରରେ ରୂପାୟନ କରିବା ସ୍ୱାତୀର କାର୍ଯ୍ୟପଦ୍ଧତିର ମୂଳ ଭିତ୍ତି । କାର୍ଯ୍ୟକ୍ରମ ଗୁଡିକ ଯେପରି ଗ୍ରାମସ୍ତରରେ ସମସ୍ୟା ସମାଧାନ ସହ ଏକ ଦୀର୍ଘସ୍ଥାୟୀ ପ୍ରଭାବ ସୃଷ୍ଟି କରିବ ସେ ଦିଗରେ ଅନୁଷ୍ଠାନ ବିଶେଷ ଧ୍ୟାନ ଦେଇଥାଏ ।




**ସ୍ୱାତୀ କାର୍ଯ୍ୟପଦ୍ଧତିର ମୂଖ୍ୟ ବୈଶିଷ୍ଟ୍ୟ ଗୁଡିକ ହେଲା –**

- ସମସ୍ୟା ଭିତିକ କାର୍ଯ୍ୟକ୍ରମ ଗ୍ରହଣ
- ସହଭାଗୀ ଓ ସମୟାନୁ ଭିତିକ ଯୋଜନା ପ୍ରସ୍ତୁତି
- କାର୍ଯ୍ୟକ୍ରମର ସମସ୍ତ ସ୍ତରରେ ସ୍ଥାନୀୟ ଗୋଷ୍ଠୀର ସକ୍ରିୟ ସଂପୃକ୍ତି
- କାର୍ଯ୍ୟ ସମ୍ପାଦନ ପାଇଁ ଆବଶ୍ୟକୀୟ ଗୋଷ୍ଠୀସ୍ତରୀୟ ଦକ୍ଷତା ସୃଷ୍ଟି
- କାର୍ଯ୍ୟର ପ୍ରଭାବ ଓ ଫଳାଫଳର ସାମାଜିକ ସମୀକ୍ଷା ।


## ସ୍ୱାତୀ ଅନୁଷ୍ଠାନର କାର୍ଯ୍ୟଗତ ପ୍ରାଧାନ୍ୟତା

ସ୍ୱାତୀ ଏହାର କାର୍ଯ୍ୟକ୍ରମ ଗୁଡିକ ମାଧମରେ ସମାଜର ଅସୁରକ୍ଷିତ ବର୍ଗ ବିଶେଷକରି ଆଦିବାସୀ, ଦଳିତ, ଗରିବ, କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଅସହାୟ ଆଦିଙ୍କ ଜୀବନଜୀବିକାର ବିକାଶ ଦିଗରେ ପ୍ରାଧାନ୍ୟ ଦେଇଆସୁଛି ।

ଏହାର କାର୍ଯ୍ୟକ୍ରମ ଗୁଡିକର ମୂଖ୍ୟ ଉଦ୍ଦେଶ୍ୟ ହେଉଛି –

- ସମସ୍ତ ସରକାରୀ ଯୋଜନା ଗୁଡିକୁ ଗ୍ରାମ୍ୟସ୍ତରରେ ଠିକ୍ ଭାବେ କାର୍ଯ୍ୟକାରୀ ପାଇଁ ସରକାରୀ ସମନ୍ୱୟ ସ୍ଥାପନ ଓ ଗୋଷ୍ଠୀକୁ ଦକ୍ଷ କରିବା
- ପ୍ରାକୃତିକ ସମ୍ବଳର ସଦୁପଯୋଗ କରି ସ୍ଥାୟୀ ଜୀବିକାର୍ଜନ ପନ୍ଥା ସୃଷ୍ଟି କରିବା ନିମନ୍ତେ ଆବଶ୍ୟକୀୟ ସହାୟତା ପ୍ରଦାନ କରିବା
- ଗ୍ରାମସ୍ତରୀୟ ସାଂଗଠନିକ ଦୃଢ଼ତା, ଅଧିକାରଗତ ସଚେତନତା, ଜ୍ଞାନ ଓ ସାମର୍ଥ୍ୟର ଅଭିବୃଦ୍ଧି ମାଧମରେ ଏକ ସ୍ୱଛ ଓ ଉତରଦାୟୀ ଶାସନ ବ୍ୟବସ୍ଥା ସୃଷ୍ଟି କରିବା ।
- ଗୋଷ୍ଠୀ ସଂଗଠନ ଏବଂ ସଂଘ ମାନ ଗଠନ ଓ ବିକାଶ କରିବା ଏବଂ ସେମାନଙ୍କୁ ବିକାଶ ଦିଗରେ ପରିଚାଳିତ କରିବା ।
- ମହିଳା ସଶକ୍ତିକରଣ ଏବଂ ସେମାନଙ୍କର ନେତୃତ୍ୱର ବିକାଶ କରିବା






- ଯୁବ ଗୋଷ୍ଠୀକୁ ସଂଗଠିତ କରି ଗୋଷ୍ଠୀ ସ୍ତରୀୟ ଏକତା ଓ ଜାତୀୟ ସଂହତିର ସଂସ୍କୃତିକୁ ବିକଶିତ କରିବା ଏବଂ ଗ୍ରାମ୍ୟବିକାଶରେ ସେମାନଙ୍କ ଭାଗିଦାରିତାକୁ ଦୃଢ଼ କରିବା ।
- ଲୋକଶିକ୍ଷା ଓ ଲୋକ ସଚେତନତା ବୃଦ୍ଧି ଏବଂ ଗୋଷ୍ଠୀସ୍ତରୀୟ ସ୍ୱେଚ୍ଛାସେବୀ ସୃଷ୍ଟି
- ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ ସରକାରୀ ବିଭାଗ ଓ ଅନୁଦାନକାରୀ ସଂସ୍ଥା ଗୁଡ଼ିକ ସହ ସମନ୍ୱୟ ରଖି କାର୍ଯ୍ୟକ୍ରମ ଗ୍ରହଣ କରିବା ।

## ସ୍ୱାତୀ ଅନୁଷ୍ଠାନର କାର୍ଯ୍ୟଭୂକ୍ତ ଅଂଚଳ

ବର୍ତମାନ ସ୍ୱାତୀ ରାଜ୍ୟର ପାଂଚଟି ଜିଲ୍ଲା କନ୍ଧମାଳ, ଗଂଜାମ, ବୌଦ୍ଧ, ସୁବର୍ଣ୍ଣପୁର ଓ ଖୋର୍ଦ୍ଧା ରେ ସକ୍ରିୟ ଭାବେ କାର୍ଯ୍ୟରତ । କନ୍ଧମାଳ ଜିଲ୍ଲାର ସମସ୍ତ ୧୨ଟି ବ୍ଲକ୍‌ରେ କାର୍ଯ୍ୟ କରିବା ସହ, ଏହା ଗଂଜାମ ଜିଲ୍ଲାର ଭଞ୍ଜନଗର ଓ ଜଗନ୍ନାଥ ପ୍ରସାଦ, ସୋନପୁର ଓ ବୌଦ୍ଧ ପୌରାଂଚଳ ଏବଂ ଭୂବନେଶ୍ୱର ମହାନଗର ନିଗମରେ କାର୍ଯ୍ୟକରୁଛି । ଏଥିସହ ସ୍ୱାତୀ ଅନୁଦାନ ସଂଗ୍ରହ, ସରକାରୀ ଯୋଜନା ଗୁଡ଼ିକର କାର୍ଯ୍ୟକାରୀତା, କାର୍ଯ୍ୟକ୍ରମ ଓ କାର୍ଯ୍ୟପରିସରରେ ବିସ୍ତୃତି ଏବଂ କର୍ମୀ ସଂଗ୍ରହ ଓ ଲୋକସହଭାଗୀତାରେ ବେଶ୍ ଅଭିବୃଦ୍ଧି ହାସଲ କରିଛି ।

## ସ୍ୱାତୀର ଗଠନପ୍ରଣାଳୀ ଓ ପରିଚାଳନା ବ୍ୟବସ୍ଥା

ଅନୁଷ୍ଠାନର ସାମଗ୍ରିକ କାର୍ଯ୍ୟପରିଚାଳନା ପାଇଁ ମୁଖ୍ୟତଃ ତିନୋଟି ସ୍ତର ରହିଛି – ସାଧାରଣ ପରିଷଦ, ପରିଚାଳନା ପରିଷଦ ଏବଂ କର୍ମୀ ପରିଷଦ । ଅନୁଷ୍ଠାନ ପରିଚାଳନାର ସର୍ବୋଚ୍ଚ ସ୍ତରରେ ରହିଛି ଏକ ୧୧ ଜଣିଆ ସାଧାରଣ ପରିଷଦ । ଏଥିରେ ବୁଦ୍ଧିଜୀବି, ବିକାଶ କର୍ମୀ ଓ ବିଶାରଦ, ଶିକ୍ଷାବିତ୍, ସଂଗଠକ ମାନେ ରହିଛନ୍ତି । ସେମାନଙ୍କ ମଧ୍ୟରୁ ୭ ଜଣଙ୍କୁ ନେଇ ଗଢ଼ାଯାଇଛି ପରିଚାଳନା ପରିଷଦ । ଏହି ଦୁଇଟି ପରିଷଦ ଅନୁଷ୍ଠାନ ମୁଖ୍ୟ ନୀତି ନିର୍ଦ୍ଧାରଣ, କାର୍ଯ୍ୟଗତ ସମୀକ୍ଷା ଓ ପରାମର୍ଶ ଏବଂ ଅନୁଷ୍ଠାନର ସଫଳତା ଓ ପ୍ରତିବନ୍ଧକ ଗୁଡ଼ିକର ଆଲୋଚନା କରି ଆବଶ୍ୟକୀୟ ପରାମର୍ଶ ଦେଇଥାନ୍ତି । ପ୍ରତି ଛ ମାସରେ ଏହି ପରିଷଦର ବୈଠକ ହୋଇଥାଏ । ସ୍ୱାତୀର ଆଭ୍ୟନ୍ତରୀଣ ଶୃଙ୍ଖଳା, ଲିଙ୍ଗଗତ ନ୍ୟାୟ ଓ ସୂଚନା ଆଦାନ ପ୍ରଦାନ ପାଇଁ ମଧ ନିର୍ଦ୍ଧିଷ୍ଟ ବ୍ୟବସ୍ଥା ଓ ଦାୟିତ୍ୱ ଦିଆଯାଇଛି ।

ସଂପାଦକ ଅନୁଷ୍ଠାନର କର୍ମୀ ପରିଷଦର ନେତୃତ୍ୱ ନେଇଥାନ୍ତି । ତାଙ୍କୁ କାର୍ଯ୍ୟକ୍ରମ ସଂଯୋଜକ, ହିସାବ ରକ୍ଷକ, ପ୍ରଶାସନିକ ସଂଯୋଜକ ଆଦି ସହାୟତା କରିଥାନ୍ତି । ନିର୍ଦ୍ଧିଷ୍ଟ କାର୍ଯ୍ୟକ୍ରମ ଏବଂ କାର୍ଯ୍ୟ ବିଭାଗ ପାଇଁ ସଂଯୋଜକ ମାନେ ରହିଛନ୍ତି । ସେମାନଙ୍କୁ ଆଂଚଳିକ ସଂଯୋଜକ, କ୍ଷେତ୍ର ସଂଯୋଜକ ଏବଂ ଗ୍ରାମସ୍ତରୀୟ ସହାୟକ ମାନେ ସହାୟତା କରିଥାନ୍ତି । କାର୍ଯ୍ୟକ୍ରମ ଅନୁଯାୟୀ ମାସିକ ଯୋଜନା ପ୍ରସ୍ତୁତି ଓ କାର୍ଯ୍ୟ ସମୀକ୍ଷା ବୈଠକ ଆଦିରେ ସେମାନେ ଏକତ୍ରିତ ହୋଇଥାନ୍ତି । ସ୍ୱାତୀର କାର୍ଯ୍ୟଦଳରେ ଅନେକ ଅନୁଭବି, ଉତ୍ସର୍ଗୀକୃତ ସେବା ମନୋବୃତି ସଂପନ୍ନ, ଦକ୍ଷ, ପାରଦର୍ଶୀ, ଅଭିଜ୍ଞ, କାର୍ଯ୍ୟକୁଶଳୀ ଓ

ତାଲିମପ୍ରାପ୍ତ କର୍ମୀ ରହିଛନ୍ତି । ଅନୁଷ୍ଠାନର ସାମାଜିକ ପ୍ରତିବଦ୍ଧତା ଏବଂ ଦୀର୍ଘସ୍ଥାୟୀ ବିକାଶ ପ୍ରକ୍ରିୟା ଯୋଗୁଁ ଗୋଷ୍ଠୀ ସ୍ତରରୁ ଆରମ୍ଭକରି ପ୍ରଶାସନ, ଲୋକପ୍ରତିନିଧି, ବୁଦ୍ଧିଜୀବି ଏବଂ ସମଭାବାପନ୍ନ ବ୍ୟକ୍ତି ଓ ଅନୁଷ୍ଠାନ ମାନେ ସ୍ୱାତୀ ସହ ନିଜକୁ ସାମିଲ୍ ଓ ସଂପର୍କିତ କରିଛନ୍ତି । ଅନୁଷ୍ଠାନରେ ୫୫ ପ୍ରତିଶତରୁ ଅଧିକ ମହିଳା କର୍ମୀ ରହିଥିବା ବେଳେ ସ୍ଥାନୀୟ କର୍ମୀ ମାନଙ୍କ ସଂଖ୍ୟା ୭୦ ପ୍ରତିଶତ ରହିଛି । ନୀୟମିତ ତାଲିମ୍, କାର୍ଯ୍ୟ ସମୀକ୍ଷା ଓ ପରିଦର୍ଶନ ଆଦି ମାଧମରେ ସ୍ୱାତୀ କର୍ମୀମାନଙ୍କ ସାମର୍ଥ୍ୟ ଓ ଦକ୍ଷତାର ବିକାଶ କରିଥାଏ ।

ଏକ ଉତ୍ସାହୀ ଓ ନିଷ୍ଠାପର କାର୍ଯ୍ୟଦଳ ଭାବରେ ସ୍ୱାତୀ ନିଜକୁ ସର୍ବଦା ପରିଚିତ କରି ଆସିଛି । ଏକ ଅନୁଷ୍ଠାନ ହିସାବରେ କାର୍ଯ୍ୟକ୍ରମ ଗୁଡିକର ଯୋଜନା ଓ କାର୍ଯ୍ୟକାରୀତାରେ ଏହାର ଲକ୍ଷ୍ୟ ଓ ଆଭିମୁଖ୍ୟକୁ ବିଶେଷ ଗୁରୁତ୍ୱ ଦିଆଯାଇଥାଏ । ଦାୟିତ୍ୱ ସଂପାଦନ, କାର୍ଯ୍ୟ ସଂଯୋଜନା, ପରିଚାଳନା ଓ ସମୀକ୍ଷା ଆଦିରେ ସାମର୍ଥ୍ୟ, ଅଭିଜ୍ଞତା ଓ ଦକ୍ଷତାକୁ ଧ୍ୟାନ ଦିଆଯାଇଥାଏ । ପ୍ରତିକାର୍ଯ୍ୟକୁ ସହଭାଗୀ କୌଶଳରେ କରାଯିବା ସହ ସାମାଜିକ ମୂଲ୍ୟାୟନ ଓ ଆତ୍ମସମୀକ୍ଷା କରି ସେସବୁର ପ୍ରଭାବ ମୂଲ୍ୟାଙ୍କନ କରାଯାଇଥାଏ ।

## ସ୍ୱାତୀ ସମୟ ସାରଣୀ

| ବର୍ଷ | କାର୍ଯ୍ୟକ୍ରମ |
|---|---|
| ୧୯୯୯ | • ଅନୁଷ୍ଠାନର ପଂଜିକରଣ |
| ୨୦୦୦ | • ଟିକାବାଲି ବ୍ଲକ୍‌ର ପାବୁରିଆ, ଗୁଟିଙ୍ଗିଆ ଏବଂ ଫିରିଙ୍ଗିଆ ବ୍ଲକ୍‌ର ବନ୍ଧଗଡ ଅଂଚଳରେ ଗ୍ରାମ୍ୟ ସଂପର୍କ ଏବଂ ଗ୍ରାମ୍ୟ ସଂଗଠନ ଆରମ୍ଭ |
| ୨୦୦୧ | • ଟିକାବାଲି ବ୍ଲକ୍ ଅଂଚଳରେ ରାଜ୍ୟ ସରକାରଙ୍କ ଅନୁଦାନରେ ଜଳଛାୟା ପ୍ରକଳ୍ପ କାର୍ଯ୍ୟକ୍ରମ ଗ୍ରହଣ |
| ୨୦୦୩ | • ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସହାୟତାରେ ଟିକାବାଲି ବ୍ଲକ୍ ଅଂଚଳରେ ମରୁଡି ପ୍ରବଣ ଅଂଚଳ କାର୍ଯ୍ୟକ୍ରମ ଗ୍ରହଣ |
| ୨୦୦୫ | • ଓ୍ୱିକ୍ୟାନ୍ ଓଡିଶା ସହଯୋଗରେ ମହିଳା ବିରୋଧି ଘରୋଇ ହିଂସା ବନ୍ଦ ପାଇଁ ସଚେତନତା ସୃଷ୍ଟି |
| ୨୦୦୬ | • ଏସ୍.ଡି.ଟି.ଟି ସହାୟତାରେ ଗୋଷ୍ଠୀ ଭିତିକ ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମ |
| ୨୦୦୭ | • ସି.ପି.ଏଫ୍ ସହାୟତାରେ ଗୋଷ୍ଠୀ ଜଙ୍ଗଲ ସୁରକ୍ଷା କାର୍ଯ୍ୟକ୍ରମ<br>• ଟିକାବାଲି ବ୍ଲକ୍ ଅଂଚଳରେ ଓଡିଶା ଗ୍ରାମ୍ୟ ଜୀବିକା କାର୍ଯ୍ୟକ୍ରମ |
| ୨୦୦୮ | • ବାଲିଗୁଡା ଆଇ.ଟି.ଡି.ଏ ସହାୟତାରେ ଟିକାବାଲି ବକ୍‌ରେ ଓଡିଶା ବାଡି କାର୍ଯ୍ୟକ୍ରମ |
| ୨୦୦୯ | • ଜିଲ୍ଲା ପ୍ରଶାସନ ସହାୟତାରେ ଟିକାବାଲି ଓ ଫିରିଙ୍ଗିଆରେ କନ୍ଧମାଳ ହିଂସା ସମୟରେ ରିଲିଫ୍ କ୍ୟାମ୍ପ ପରିଚାଳନା |
| | • ଇଫିକୋର ସହାୟତାରେ ଟିକାବାଲି ଓ ଫିରିଙ୍ଗିଆ ବ୍ଲକ୍‌ରେ ଅନ୍ତରଙ୍ଗ କାର୍ଯ୍ୟକ୍ରମ |
| ୨୦୧୦ | • ଓସାକ୍‌ସ, ଭୁବନେଶ୍ୱର ସହାୟତାରେ କନ୍ଧମାଳ ଜିଲ୍ଲାରେ ଏଚ୍.ଆଇ.ଭି/ ଏଡ୍‌ସ ନିରାକରଣ ( ଲକ୍ଷ୍ୟଭେଦି ପ୍ରକଳ୍ପ)କାର୍ଯ୍ୟକ୍ରମ ଏବଂ କନ୍ଧମାଳ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହାୟତାରେ ଟିକାବାଲି, ଫିରିଙ୍ଗିଆ ବ୍ଲକ୍ ଅଂଚଳରେ ଗ୍ରାମ୍ୟ ସଂପର୍କ ଅଭିଯାନ କାର୍ଯ୍ୟକ୍ରମ<br>• ଓଡିଶା ସୂଚନା ଅଧିକାର ମଂଚ ସହଯୋଗରେ ଟିକାବାଲି, କ.ନୂଆଗାଁ ଓ ଫିରିଙ୍ଗିଆ ବ୍ଲକ୍‌ରେ ସୋସିଆଲ୍ ଓ୍ୱାଚ୍ ମନିଟର୍ କାର୍ଯ୍ୟକ୍ରମ ଏବଂ ପଂଚାୟତି ରାଜ, ସାମାଜିକ ନ୍ୟାୟ ଓ ସ୍ୱଚ୍ଛ ଶାସନ କାର୍ଯ୍ୟକ୍ରମ |

| | |
|---|---|
| ୨୦୧୧ | • କନ୍ଧମାଳ ଜିଲ୍ଲାରେ ତୃତୀୟଲିଙ୍ଗି ମାନଙ୍କ ମଧ୍ୟରେ ଏଚ୍.ଆଇ.ଭି/ ଏଡ୍ସ ସଚେତନତା କାର୍ଯ୍ୟକ୍ରମ ପେଫେଚାନ୍<br>• ଜିଲ୍ଲା ପ୍ରଶାସନ, କନ୍ଧମାଳ ସହାୟତାରେ ଟିକାବାଲି, ଫିରିଙ୍ଗିଆ ଓ କ.ନୂଆଗାଁ ବ୍ଲକ୍ର ୯ଟି ଗ୍ରାମ ପଂଚାୟତରେ ଏମ୍.ଜି.ଏନ୍.ଆର୍.ଇ.ଜି.ଏ କାର୍ଯ୍ୟ ପରିଚାଳନା<br>• ବନ୍ଧଗଡ, ଫିରିଙ୍ଗିଆ, କନ୍ଧମାଳରେ ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ |
| ୨୦୧୨ | • କନ୍ଧମାଳ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହାୟତାରେ କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ୍ ଇନ୍ଦ୍ରଗଡ ଓ ରଣବା ଉପ ସ୍ୱାସ୍ଥ୍ୟକେନ୍ଦ୍ର ଅଂଚଳରେ ଭି-୪ ସବ୍ସେଂଟର୍ କାର୍ଯ୍ୟକ୍ରମ<br>• ଏସ.ଡି.ଟି.ଟି ଓ ଜେ.ଟି.ଟି ସହାୟତାରେ ଜଳକ୍ଳିଷ୍ଟ ଗାଁ ଗୁଡିକୁ ପାନୀୟ ଜଳ ଯୋଗାଣ ନିମନ୍ତେ ଡାଇଭର୍ସନ୍ ବେସ୍ଡ ଇରିଗେସନ କାର୍ଯ୍ୟକ୍ରମ ଗ୍ରହଣ<br>• ସେଭ୍ ଦି ଚିଲ୍ଡ୍ରେନ୍ ସହାୟତାରେ ଫିରିଙ୍ଗିଆ ବ୍ଲକ୍ର ୧୪ଟି ଗ୍ରାମ ପଂଚାୟତରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଉନ୍ନତୀ ପାଇଁ ଏମ୍.ଏନ୍.ସି.ଏଚ୍.ଏନ୍ କାର୍ଯ୍ୟକ୍ରମ ଗ୍ରହଣ<br>• କେୟାର ଇଂଡିଆ ସହାୟତାରେ ଟିକାବାଲି ଓ ଫିରିଙ୍ଗିଆ ବ୍ଲକ୍ର ୧୧୪ଟି ଗ୍ରାମରେ ଆଦିବାସୀ ଓ ଦଳିତ ମହିଳା ଚାଷୀ ମାନଙ୍କ ଆର୍ଥିକ ବିକାଶ ପାଥ ଓ୍ୱେ କାର୍ଯ୍ୟକ୍ରମ<br>• ପ୍ଲାନ୍ ଇଂଟ୍ନେସନାଲ ସହାୟତାରେ ଗୃହିଣୀ ପ୍ରେମା କାର୍ଯ୍ୟକ୍ରମ |
| ୨୦୧୩ | • ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ସହାୟତାରେ ଦୁର୍ଗମ ଅଂଚଳରେ ଆନୁଷ୍ଠାନିକ ପ୍ରସବ ସୁବିଧା ଯୋଗାଇଦେବା ନିମନ୍ତେ ମା ଗୃହ କାର୍ଯ୍ୟକ୍ରମ<br>• ରାଜ୍ୟ ସରକାରଙ୍କ ସହାୟତାର ତୁମୁଡିବନ୍ଧ ବ୍ଲକ୍ ୬ଟି ପଂଚାୟତର ୪୮ଟି ଗାଁରେ ଓ.ଟି.ଇ.ଏଲ୍.ପି<br>• ( ସମ୍ପ୍ରସାରଣ) କାର୍ଯ୍ୟକ୍ରମ<br>• ସି.ଡବ୍ଲ୍ୟୁ. ଏସ୍ ଓ ଟ୍ରକେୟାର ସହାୟତାରେ ଟିକାବାଲି ବ୍ଲକ୍ରେ ପଂଚାୟତି ରାଜ, ସାମାଜିକ ନ୍ୟାୟ ଓ ସ୍ୱଚ୍ଛ ଶାସନ କାର୍ଯ୍ୟକ୍ରମ<br>• ଫୋର୍ଡ ଫାଉଣ୍ଡେସନ୍ ସହାୟତାରେ ଟିକାବାଲି ବ୍ଲକ୍ରେ ଆକାଉଂଟେବଲ୍ ଗଭର୍ଣ୍ଣାସ୍ |
| ୨୦୧୪ | • ନାବାର୍ଡ ସହାୟତାରେ ତୁମୁଡିବନ୍ଧ ବ୍ଲକ୍ ବେଲଘର, ବିଲାମାଳ ଓ ତୁମା ପଂଚାୟତରେ ନାବାର୍ଡ ବାଡି କାର୍ଯ୍ୟକ୍ରମ<br>• କେଆର୍ ଓ ଇକୋ ସହାୟତାରେ ଗଂଜାମ ଜିଲ୍ଲାରେ ଫନି ବାତ୍ୟା ପ୍ରଭାବିତଙ୍କ ଥଇଥାନ କାର୍ଯ୍ୟକ୍ରମ |
| ୨୦୧୫ | • କନ୍ଧମାଳ ଜିଲ୍ଲା ପ୍ରଶାସନ ସହାୟତାରେ କନ୍ଧମାଳ ଜିଲ୍ଲା କ.ନୂଆଗାଁ ଓ ଟିକାବାଲି ବ୍ଲକ୍ରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ<br>• ସୁଡା ସହାୟତାରେ ଭୁବନେଶ୍ୱର, ବ୍ରହ୍ମପୁର ମହାନଗରନିଗମ – ବୌଦ ଓ ଫୁଲବାଣୀ ବିଜ୍ଞାପିତ ଅଂଚଳ ପରିଷଦରେ ଡି.ଏ.ଓ୍ୱାଇ ଜାତୀୟ ସହରୀ ଜୀବିକା ମିଶନ୍ |
| ୨୦୧୬ | • ଘୁ.ଉଦୟଗିରି ଓ ରାଇକିଆ ବ୍ଲକ୍ରେ ରେହନୁମା କାର୍ଯ୍ୟକ୍ରମ |
| ୨୦୧୭ | • ସେଭ୍ ଦି ଚିଲ୍ଡ୍ରେନ୍ ସହାୟତାରେ କ.ନୂଆଗାଁ ବ୍ଲକ୍ର ୧୧ଟି ଗ୍ରାମ ପଂଚାୟତରେ ବାଲ୍ୟ ବିବାହ ନିରୋଧ କାର୍ଯ୍ୟକ୍ରମ ଏମ୍.ଏନ୍.ସି.ପି କାର୍ଯ୍ୟକାରୀ<br>• ରାଇକିଆ ବ୍ଲକ୍ ଅଂଚଳରେ ଓଡିଶା ମିଲେଟ ମିଶନ କାର୍ଯ୍ୟକ୍ରମ |

| | |
|---|---|
| | • ୟୁ.ଏସ୍ କନ୍ସୁଲେଟ୍ ଜେନେରାଲ୍ ସହାୟତାରେ ଜଳବାୟୁ ପରିବର୍ତ୍ତନ ସଚେତନତା ଅଭିଯାନ<br>• ଓଡିଶା ରାଜ୍ୟ ସରକାର ସହାୟତାରେ ଫୁଲବାଣୀ ଓ ବାଲିଗୁଡା ଆଇ.ଟି.ଡି.ଏ ଅଂଚଳରେ ଏଫ୍.ଏ.ଡି.ପି କାର୍ଯ୍ୟକ୍ରମ ପରିଚାଳନା ସହାୟକ ସଂସ୍ଥା |
| ୨୦୧୮ | • ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ସହାୟତାରେ ଫିରିଙ୍ଗିଆ ବ୍ଲକ୍ ଅଂଚଳରେ ଡେଲିଭରୀ ଭ୍ୟାନ ଓ ବାଇକ୍ ଆମ୍ବୁଲାନ୍ସ କାର୍ଯ୍ୟକ୍ରମ<br>• କ୍ରାଏ ସହାୟାତାରେ ଫିରିଙ୍ଗିଆ ବ୍ଲକ୍‌ର ୪ଟି ପଂଚାୟତରେ ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ କରିବା ପାଇଁ ପ୍ରାକ୍‌ଦୀପ୍ କାର୍ଯ୍ୟକ୍ରମ<br>• ଓଡିଶା ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ସହାୟତାରେ ଗଂଜାମ ଜିଲ୍ଲା ଉତର ଘୁମୁସର ବନାଂଚଳର ୧୦୦ ବନ ଉନ୍ନୟନ ସମିତିରେ ଓଡିଶା ବନାଂଚଳ ଉନ୍ନୟନ କାର୍ଯ୍ୟକ୍ରମ |
| ୨୦୧୯ | • ସେଭ୍ ଦି ଚିଲ୍‌ଡ୍ରେନ୍ ସହାୟତାରେ ଫିରିଙ୍ଗିଆ ବ୍ଲକ୍‌ର ୧୪ଟି ପଂଚାୟତରେ ପ୍ରାକ୍ ବିଦ୍ୟାଳୟ ଯତ୍ନ ଓ ଶିକ୍ଷା କାର୍ଯ୍ୟକ୍ରମ<br>• ଜିଲ୍ଲା ପ୍ରଶାସନ ସହାୟତାରେ ଫୁଲବାଣୀ ଇ – ଲାଇବ୍ରେରୀ ଓ ବିଜ୍ଞାନ ପାର୍କ ପରିଚାଳନା<br>• ପଂଚାୟତିରାଜ ବିଭାଗ, ଓଡିଶା ସରକାରଙ୍କ ସହାୟତାରେ ଖୋର୍ଦ୍ଧା, ଗଂଜାମ ଓ ବୌଦ୍ଧ ଜିଲ୍ଲାରେ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ |
| ୨୦୨୦ | • ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ସହାୟତାରେ ଟିକାବାଲି, କଟ୍ରିଙ୍ଗିଆରେ ମା ଗୃହ କାର୍ଯ୍ୟକ୍ରମ<br>• କରୋନା ସହାୟତା କାର୍ଯ୍ୟକ୍ରମ |
| ୨୦୨୧ | • ରାଜ୍ୟ ସରକାରଙ୍କ ସହାୟତାରେ କନ୍ଧମାଳ, ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲ୍ଲାରେ ତୃତୀୟଲିଙ୍ଗୀ ମାନଙ୍କର ସାମାଜିକ ଓ ଆର୍ଥିକ ବିକାଶ କାର୍ଯ୍ୟକ୍ରମ ସ୍ୱୀକୃତି<br>• ୟୁ.ଏସ୍ କନ୍ସୁଲେଟ୍ ଜେନେରାଲ୍ ସହାୟତାରେ ଲିଙ୍ଗଗତ ହିଂସାର ନିରୋଧ ପାଇଁ ଯୁବ ସଚେତନତା କାର୍ଯ୍ୟକ୍ରମ |
| ୨୦୨୨ | • ଟିକାବାଲି ବ୍ଲକ୍ ଅଂଚଳରେ ଓଡିଶା ମିଲେଟ ମିଶନ କାର୍ଯ୍ୟକ୍ରମ<br>• ରାଜ୍ୟ ପଶୁ ସଂପଦ ବିଭାଗ ସହାୟତାରେ ସୁବର୍ଣ୍ଣପୁର ଜିଲ୍ଲାରେ ପଶୁ ସଂପଦ ବିକାଶ କାର୍ଯ୍ୟକ୍ରମ<br>• ରାଜ୍ୟ କୃଷି ବିଭାଗ ସହାୟତାରେ ରାଇକିଆ ବ୍ଲକ୍‌ରେ ସମନ୍ୱିତ କୃଷି ବିକାଶ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ<br>• ୟୁ.ଏସ୍ କନ୍ସୁଲେଟ୍ ଜେନେରାଲ୍ ସହାୟତାରେ ମହିଳା ଅଧିକାର ଓ ମହିଳା ହିଂସାର ନିରୋଧ ପାଇଁ ମହିଳା କର୍ମୀ ମାନଙ୍କୁ ଆଇନ ସାକ୍ଷରତା |
| ୨୦୨୩ | • ଓଡିଶା ରାଜ୍ୟ ସରକାର ସହାୟତାରେ ଫୁଲବାଣୀ ଓ ବାଲିଗୁଡା ଆଇ.ଟି.ଡି.ଏ ଅଂଚଳରେ ମୂଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କାର୍ଯ୍ୟକ୍ରମରେ ସହାୟକ ସଂସ୍ଥା<br>• ବେସିକ୍ ନିଡ୍ ଇଣ୍ଡିଆ (ବି.ଏନ୍.ଆଇ ) ବେଙ୍ଗାଲୁର ସହାୟତାରେ କନ୍ଧମାଳ ଜିଲ୍ଲାର ଫୁଲବାଣୀ ଓ ଫିରିଙ୍ଗିଆ ବ୍ଲକ୍ ଅଂଚଳରେ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ |
| ୨୦୨୪ | • ବେସିକ୍ ନିଡ୍ ଇଣ୍ଡିଆ (ବି.ଏନ୍.ଆଇ ) ବେଙ୍ଗାଲୁର ସହାୟତାରେ କନ୍ଧମାଳ ଜିଲ୍ଲାର ଟିକାବାଲି ଓ କ.ନୂଆଗାଁ ବ୍ଲକ୍ ଅଂଚଳରେ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ |

# ସ୍ୱାତୀ ଅନୁଷ୍ଠାନର କାର୍ଯ୍ୟକ୍ରମ

ଗୋଷ୍ଠୀର ସମସ୍ୟା ଓ ଆବଶ୍ୟକତା ଗୁଡିକର ଉଚିତ ତର୍ଜମା କରିବା, ଦେଶର ବିକାଶ କୌଶଳକୁ ବୁଝି ଯୋଜନା ଗୁଡିକୁ ତୃଣମୂଳସ୍ତରରେ ଉପଲବ୍ଧ କରାଇବା ଏବଂ ଜାତିସଂଘର ବିକାଶ ଲକ୍ଷ୍ୟ ଗୁଡିକୁ ଗ୍ରାମ୍ୟସ୍ତର ପର୍ଯ୍ୟନ୍ତ ପହଂଚାଇବା ପାଇଁ ସ୍ୱାତୀ ଏବେ କାର୍ଯ୍ୟରତ । ଜାତିସଂଘ ଦ୍ୱାରା ସ୍ବିକୃତ ଚିରନ୍ତନ ବିକାଶ ଲକ୍ଷ୍ୟ (ସଷ୍ଟେନ୍‌ବଲ୍ ଡେଭଲପ୍‌ମେଂଟ ଗୋଲ୍)ରେ ସ୍ବିକୃତ ଲକ୍ଷ୍ୟ ଗୁଡିକ ମଧ୍ୟରୁ ଲକ୍ଷ୍ୟ – ୧, ୨, ୩, ୪, ୫, ୬,୭,୧୩,୧୫ ଓ ୧୬ ରେ ନିର୍ଦ୍ଧାରିତ ଲକ୍ଷ୍ୟ ପୁରଣ ଦିଗରେ ସ୍ୱାତୀ କାର୍ଯ୍ୟ କରୁଛି । ଲକ୍ଷ୍ୟ – ୧ ରେ ରହିଥିବା ଦାରିଦ୍ର୍ୟର ବିଲୋପ, ଲକ୍ଷ୍ୟ -୨ରେ ଥିବା ଅନାହାରରୁ ମୁକ୍ତି ଓ ଖାଦ୍ୟସୁରକ୍ଷା ହାସଲ, ଲକ୍ଷ୍ୟ – ୩ରେ ଥିବା ସମସ୍ତଙ୍କ ପାଇଁ ଏବଂ ସବୁବୟସର ଲୋକମାନଙ୍କ ପାଇଁ ସୁସ୍ଥ ଜୀବନ ଯାପନ, ଲକ୍ଷ୍ୟ – ୪ରେ ଥିବା ସମସ୍ତଙ୍କ ପାଇଁ ସମଭାବରେ ଗୁଣାତ୍ମକ ଶିକ୍ଷା ଓ ଜୀବନବ୍ୟାପି ଶିକ୍ଷଣ ସୁଯୋଗ, ଲକ୍ଷ୍ୟ – ୫ରେ ଥିବା ଲିଙ୍ଗଗତ ସମାନତା ଏବଂ ସମସ୍ତ ମହିଳା ଓ ବାଳିକା ମାନଙ୍କ ସଶକ୍ତିକରଣ, ଲକ୍ଷ୍ୟ – ୧୩ ରେ ଥିବା ଜଳବାୟୁ ପରିବର୍ତନ ପ୍ରଭାବର ମୁକାବିଲା, ଲକ୍ଷ୍ୟ – ୧୫ରେ ଥିବା ପର୍ଯ୍ୟାବରଣର ସୁରକ୍ଷା, ସଂରକ୍ଷଣ ଓ ସ୍ଥାୟୀ ବ୍ୟବହାର ଏବଂ ଲକ୍ଷ୍ୟ – ୧୬ରେ ଥିବା ସ୍ଥାୟୀ ବିକାଶ ପାଇଁ ଏକ ଶାନ୍ତି ଓ ସଂହତି ପୂର୍ଣ୍ଣ ଏବଂ ଅନ୍ତର୍ଭୁକ୍ତି ସମାଜ ଗଠନ ଆଦି ଜାତିସଂଘ ବିକାଶ ଲକ୍ଷ୍ୟ ପୁରଣ ଦିଗରେ କାମକ୍ରମ ମାନ ଗ୍ରହଣ କରୁଛି ।



**ଚିରନ୍ତନ ବିକାଶ ଲକ୍ଷ୍ୟ ୧ ଓ ୨**

**ଦାରିଦ୍ର୍ୟ ଦୂରୀକରଣ ଓ କ୍ଷୁଧାରୁ ମୁକ୍ତି**



**ଚିରନ୍ତନ ବିକାଶ ଲକ୍ଷ୍ୟ ୩**

**ସୁସ୍ଥ ଜୀବନ ଓ ସ୍ୱାସ୍ଥ୍ୟସେବା**



**ଚିରନ୍ତନ ବିକାଶ ଲକ୍ଷ୍ୟ ୫**

**ମହିଳା ସଶକ୍ତିକରଣ**



**ଚିରନ୍ତନ ବିକାଶ ଲକ୍ଷ୍ୟ ୪ ଓ ୧୬**

**ଶିକ୍ଷାର ବିକାଶ ଓ ସାମାଜିକ ନ୍ୟାୟ**



**ଚିରନ୍ତନ ବିକାଶ ଲକ୍ଷ୍ୟ ୧୩ ଓ ୧୫**

**ପ୍ରାକୃତିକ ସଂପଦ ପରିଚାଳନା**



# ଦାରିଦ୍ର୍ୟ ଦୂରୀକରଣ ଓ କ୍ଷୁଧାରୁ ମୁକ୍ତି

ଚିରନ୍ତନ ବିକାଶ ଲକ୍ଷ୍ୟ – ୧ରେ ଥିବା ସବୁଠାରେ ଦାରିଦ୍ର୍ୟର ବିଲୋପ ଓ ଲକ୍ଷ୍ୟ – ୨ ରେ ଥିବା ଅନାହାରରୁ ମୁକ୍ତି ଓ ଖାଦ୍ୟସୁରକ୍ଷା ହାସଲ ସ୍ୱାତୀର କାର୍ଯ୍ୟକ୍ରମ ଗୁଡିକ ମଧରେ ପ୍ରମୁଖ ସ୍ଥାନ ଅଧିକାର କରିଆସିଛି । ଅନୁଷ୍ଠାନ ଏହାର ଆରମ୍ଭ ସମୟରୁ ହିଁ ଏହା ଉପରେ ବିଶେଷ ପ୍ରାଧାନ୍ୟ ଦେଇ ପ୍ରାକୃତିକ ସମ୍ବଳ ଗୁଡିକର ବୈଜ୍ଞାନିକ ଆଧାରିତ ପରିଚାଳନା ଓ ସମୃଦ୍ଧି ଦ୍ୱାରା କିପରି ସ୍ଥାନୀୟ ଅଧିବାସୀମାନେ ନିଜ ଜୀବନ ଜୀବିକାର ଉନ୍ନତୀ କରିପାରିବେ ସେ ଦିଗରେ କାର୍ଯ୍ୟକ୍ରମ ମାନ ଗ୍ରହଣ କରିଆସୁଛି । ବିଭିନ୍ନ କାର୍ଯ୍ୟକ୍ରମ ମାଧମରେ କୃଷି ଭିତିଭୂମିର ବିକାଶ, କୃଷି ଓ ଅଣ କୃଷି ଭିତ୍ତିକ ଜୀବିକାରେ ଉନ୍ନତୀ, ଜଙ୍ଗଲ ଆଧାରିତ ଜୀବିକାରେ ଉନ୍ନତୀ, ପଶୁ ସଂପଦ ବିକାଶ, ବିଭିନ୍ନ ବୃତ୍ତି ଓ ରୋଜଗାର ଭିତ୍ତିକ ତାଲିମ, ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ, ଲଘୁ ଉଦ୍ୟୋଗ ପ୍ରତିଷ୍ଠା ସହାୟତା, କୃଷି ଓ ଜଙ୍ଗଲଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଓ ସେସବୁର ବଜାର ସୁବିଧା ଆଦି କାର୍ଯ୍ୟମାନ କରି ଆସୁଛି ।

ଚଳିତ ୨୦୨୪-୨୫ ବର୍ଷରେ ଅନୁଷ୍ଠାନ ଏଥିପାଇଁ ଗ୍ରହଣ କରିଥିବା ପ୍ରମୁଖ କାର୍ଯ୍ୟକ୍ରମ ଗୁଡିକ ମଧରେ ରହିଛି ମୂଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ, ଓଡିଶା ଶ୍ରୀ ଅନ୍ନ ଅଭିଯାନ, ଓଡିଶା ବନାଂଚଳ ଉନ୍ନୟନ ଯୋଜନା, ସମନ୍ୱିତ କୃଷିର ବିକାଶ କାର୍ଯ୍ୟକ୍ରମ, ପଶୁ ସଂପଦ ବିକାଶ କାର୍ଯ୍ୟକ୍ରମ ଏବଂ କୃଷକ ଉତ୍ପାଦକ କମ୍ପାନୀ ସୁଦୃଢ଼ିକରଣ କାର୍ଯ୍ୟକ୍ରମ ।

ଓଡିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ମୂଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ମାଧମରେ କନ୍ଧମାଳ ଜିଲ୍ଲାର ୨ଟି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବାଲିଗୁଡା ଓ ଫୁଲବାଣୀ ଅଂଚଳରେ ଜନଜାତି ପରିବାର ଗୁଡିକର ଜୀବନଜୀବିକା ଓ କୃଷି ବିକାଶ କାର୍ଯ୍ୟକ୍ରମ ଚାଲୁ ରହିଛି । ସେହିପରି ଓଡିଶା ସରକାରଙ୍କ ଦ୍ୱାରା ପରିଚାଳିତ ଓଡିଶା ମିଲେଟ୍ ମିଶନ୍ କାର୍ଯ୍ୟକ୍ରମ ମାଧମରେ ରାଇକିଆ ଓ ଟିକାବାଲି ଅଂଚଳରେ ୨୦୦୦ରୁ ଅଧିକ ଚାଷୀଙ୍କୁ ନେଇ ମାଣ୍ଡିଆ ଜାତିୟ ଶସ୍ୟ ଚାଷର ପୁନରୁଦ୍ଧାର କାର୍ଯ୍ୟକ୍ରମ ଚାଲୁ ରହିଛି । ଓଡିଶା ବନାଂଚଳ ଉନ୍ନୟନ ଯୋଜନା (ଓ.ଏଫ୍.ଏସ୍.ଡି.ପି) ଫେଜ୍ – ୨ ମାଧମରେ ଗଂଜାମ ଜିଲ୍ଲାର ଉତର ଘୁମୁସର ବନାଂଚଳର ୧୦୦ରୁ ଅଧିକ ଗାଁରେ ଜଙ୍ଗଲ ସୁରକ୍ଷା ସହ ଜଙ୍ଗଲ ଅଧୁଷିତ ଗାଁ ଗୁଡିକର ଜୀବିନଜୀବିକା ଓ ଭିତ୍ତିଭୂମୀର ବିକାଶ କରାଯାଉଛି । ସମନ୍ୱିତ କୃଷି କାର୍ଯ୍ୟକ୍ରମ ମାଧମରେ ରାଇକିଆ ବ୍ଲକ୍ ଅଂଚଳରେ ସମନ୍ୱିତ କୃଷିର ବିକାଶ କାର୍ଯ୍ୟକ୍ରମ ଚାଲୁ ରହିଛି । ସୁବର୍ଣ୍ଣପୁର ଜିଲ୍ଲାରେ ପଶୁସଂପଦ ବିକାଶ କାର୍ଯ୍ୟକ୍ରମ ମାଧମରେ ପଶୁଧନର ଉନ୍ନତୀ କରାଯାଉଛି । ସେହିପରି ରାଇକିଆ, ତୁମୁଡିବନ୍ଧ, ଘୁ.ଉଦୟଗିରି, ଟିକାବାଲି ଓ କ.ନୁଆଗାଁ ବ୍ଲକ୍‌ରେ ୫ଟି କୃଷକ ଉତ୍ପାଦକ ସଂଗଠନର ସୁଦୃଢ଼ୀକରଣ କାର୍ଯ୍ୟ ଚାଲୁ ରହିଛି ।



# ଓଡିଶା ଶ୍ରୀ ଅନ୍ନ ଅଭିଯାନ

ରାଜ୍ୟର ଆଦିବାସୀ ଅଂଚଳ ଗୁଡିକରେ ଖାଦ୍ୟ ଓ ପୁଷ୍ଟିର ସୁରକ୍ଷାକୁ ଦୃଷ୍ଟିରେ ରଖି ପାରଂପରିକ ମାଣ୍ଡିଆ ଜାତିୟ ଖାଦ୍ୟଶସ୍ୟର ପୁନରୁଦ୍ଧାର ଏବଂ ପ୍ରସାର ନିମନ୍ତେ ଓଡିଶା ସରକାରଙ୍କ ଦ୍ୱାରା ୨୦୧୭ ମସିହାରୁ ଓଡିଶା ମିଲେଟ୍ ମିଶନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ୨୦୨୪ ମସିହାରୁ ଏହି କାର୍ଯ୍ୟକ୍ରମ ଶ୍ରୀ ଅନ୍ନ ଅଭିଯାନ ନାମରେ ସାରା ରାଜ୍ୟରେ କାର୍ଯ୍ୟକାରୀ ହେଉଛି । ରାଜ୍ୟର ୧୭୭ଟି ବ୍ଲକ୍‌ର ୩୦୫୪ ଗ୍ରାମପଂଚାୟତରେ ଏହି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଏହି କାର୍ଯ୍ୟକ୍ରମ ମାଧମରେ ଆଦିବାସୀ ଗାଁ ଗୁଡିକରେ ମାଣ୍ଡିଆ ଜାତିୟ ଖାଦ୍ୟଶସ୍ୟର ବହୁଳ ଚାଷ, ଉତ୍ପାଦନ ବୃଦ୍ଧି, ପ୍ରକ୍ରିୟାକରଣ, ମାଣ୍ଡିଆ ଜାତିୟ ଖାଦ୍ୟର ପ୍ରସାର, ମାଣ୍ଡିଆ ଜାତିୟ ଶସ୍ୟର ଉପଯୁକ୍ତ ବଜାର ବ୍ୟବସ୍ଥା ଏବଂ ଏଥିରୁ ଅଧିକ ରୋଜଗାର ବ୍ୟବସ୍ଥା ଆଦି କାର୍ଯ୍ୟମାନ କରାଯାଉଛି । ସ୍ୱାତୀ ଅନୁଷ୍ଠାନ କନ୍ଧମାଳ ଜିଲ୍ଲା ରାଇକିଆ ଓ ଟିକାବାଲି ବ୍ଲକ୍ ଅଂଚଳରେ ଶ୍ରୀ ଅନ୍ନ ଅଭିଯାନ କାର୍ଯ୍ୟକ୍ରମ କରୁଛି । ୨୦୧୭ ମସିହାରୁ ରାଇକିଆ ବ୍ଲକ୍‌ର ୧୨ଟି ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ହେଉଥିବା ବେଳେ ୨୦୨୨ମସିହା ଠାରୁ ଟିକାବାଲି ବ୍ଲକ୍‌ର ସମସ୍ତ ୧୧ଟି ପଂଚାୟତରେ ଏହି କାର୍ଯ୍ୟକ୍ରମ କରାଯାଇଛି ।

## କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ

ଏହି କାର୍ଯ୍ୟକ୍ରମର ମୂଖ୍ୟ ଲକ୍ଷ୍ୟ ହେଉଛି ଉଭୟ କ୍ଷେତ ଓ ଖାଦ୍ୟଥାଳିରେ ମାଣ୍ଡିଆ ଜାତିୟ ପୁଷ୍ଟିଶସ୍ୟର ପୁନଃପ୍ରତିଷ୍ଠା । ଚାଷୀ ମାନଙ୍କ ଖାଦ୍ୟରେ ଅନ୍ୟୁନ ୨୫ ପ୍ରତିଶତ ମାଣ୍ଡିଆ ଜାତିୟ ଖାଦ୍ୟ ଉପଲବ୍ଧ କରାଇବା । ଗ୍ରାମ ଓ ସହରାଂଚଳରେ ମାଣ୍ଡିଆ ଜାତିୟ ଖାଦ୍ୟ ସଂସ୍କୃତିର ପୁନରୁଦ୍ଧାର, ସାଧାରଣ ବଂଟନ ବ୍ୟବସ୍ଥା, ଅଙ୍ଗନବାଡି ଓ ବିଦ୍ୟାଳୟ ଖାଦ୍ୟ ଏବଂ ହଷ୍ଟେଲ୍ ଖାଦ୍ୟ ଆଦିରେ ପୁଷ୍ଟି ଶସ୍ୟକୁ ସାମିଲ କରିବା, ଗ୍ରାମାଂଚଳ ଓ ସହରାଂଚଳରେ ପୁଷ୍ଟିଶସ୍ୟର ପ୍ରକ୍ରିୟାକରଣ ଉଦ୍ୟୋଗ ମାନ ଖୋଲିବା, ମରୁଡି ପ୍ରବଣ ଜମି ଗୁଡିକରେ ବ୍ୟାପକ ଭାବେ ପୁଷ୍ଟିଶସ୍ୟ ଚାଷ କରିବା, ପୁଷ୍ଟିଶସ୍ୟ ଗୁଡିକର ଖାଦ୍ୟ ବିବିଧତାର ପ୍ରସାର ପାଇଁ ଖାଦ୍ୟମେଳା ଓ ଖାଦ୍ୟ ପ୍ରଦର୍ଶନୀ ଆଦିର ଆୟୋଜନ କରିବା ଏହି କାର୍ଯ୍ୟକ୍ରମର ଅଭିମୂଖ୍ୟ ।

ଏହି କାର୍ଯ୍ୟକ୍ରମ ଜରିଆରେ ଚାଷୀମାନଙ୍କୁ ମାଣ୍ଡିଆ ଜାତିୟ ଶସ୍ୟର ବହୁଳ ଚାଷ ପାଇଁ ତାଲିମ୍, ବିହନ ଓ ଯନ୍ତ୍ରପାତି ଯୋଗାଣ, ବୈଜ୍ଞାନିକ କୌଶଳର ଚାଷ ପଦ୍ଧତି ଆଦି ବିଷୟରେ ସହାୟତା ଦିଆଯାଉଛି । ଉତ୍ପାଦିତ ଶସ୍ୟ ଗୁଡିକର ଉପଯୁକ୍ତ ମୂଲ୍ୟରେ ସରକାରୀ କ୍ରୟ ବ୍ୟବସ୍ଥା କରାଯାଉଛି । ପାରିବାରିକ ଖାଦ୍ୟରେ ମାଣ୍ଡିଆ ଜାତିୟ ଶସ୍ୟର ସଂପୃକ୍ତି ବୃଦ୍ଧି ପାଇଁ ଗ୍ରାମୟସ୍ତରୀୟ ଓ ଅଂଚଳ ସ୍ତରୀୟ ଖାଦ୍ୟ ଉତ୍ସବ, ମାଣ୍ଡିଆ ଜାତିୟ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତି ପାଇଁ ତାଲିମ, ମାଣ୍ଡିଆ ଜାତିୟ ଶସ୍ୟର ପୁଷ୍ଟିଗୁଣ ବିଷୟରେ ସଚେତନତା ସୃଷ୍ଟି ଏବଂ ଗାଁ ସ୍ତରରେ ମାଣ୍ଡିଆ ଜାତିୟ ଶସ୍ୟର ଜଳଖିଆ ଦୋକାନ ଆଦି ଖୋଲିବା ବ୍ୟବସ୍ଥା କରାଯାଉଛି । ଚାଷୀଙ୍କ ମାଧମରେ ମାଣ୍ଡିଆ ଜାତିୟ

ଶସ୍ୟର ଉନ୍ନତ ବିହନ ପ୍ରସ୍ତୁତି, ଜୈବିକ ପଦ୍ଧତିରେ ଚାଷ, ଏସ୍.ଏମ୍.ଆଇ ପଦ୍ଧତିରେ ଅଧିକ ଅମଳ ବ୍ୟବସ୍ଥା ଏବଂ ଜୈବିକ ସାର ଉତ୍ପାଦନ ପାଇଁ ଚାଷୀଙ୍କୁ ସହାୟତା ଦିଆଯାଉଛି । ଅଂଚଳ ଓ ପଂଚାୟତ ସ୍ତରରେ କୃଷି ଯନ୍ତ୍ରପାତି କେନ୍ଦ୍ର ସ୍ଥାପନ କରାଯାଇ ଉନ୍ନତ ଚାଷ ଯନ୍ତ୍ରପାତି ଯଥା – ସ୍ପ୍ରେୟର, ୱିଡର, ଥ୍ରେସର୍, ଚୋପାଛଡା ଯନ୍ତ୍ର ଆଦି ରଖାଯାଇ ଚାଷୀମାନଙ୍କୁ ଦିଆଯାଉଛି । ପ୍ରକ୍ରିୟାକରଣ କେନ୍ଦ୍ରମାନ ଖୋଲାଯାଇ ଚାଷୀମାନଙ୍କୁ ଶସ୍ୟ ଗୁଡିକର ପ୍ରକ୍ରିୟାକରଣ ସହାୟତା ଯୋଗାଇ ଦିଆଯାଉଛି ।

**ଚଳିତ ବର୍ଷ କାର୍ଯ୍ୟକ୍ରମର ସଫଳତା**

| କାର୍ଯ୍ୟକ୍ରମ | ରାଇକିଆ ବ୍ଲକ୍ | ଟିକାବାଲି ବ୍ଲକ୍ |
|---|---|---|
| **ସମୁଦାୟ ପଂଚାୟତ** | ୧୨ | ୧୧ |
| **ସମୁଦାୟ ଗ୍ରାମ** | ୧୧୬ | ୭୫ |
| **ପୁଷ୍ଟିଶସ୍ୟ ଚାଷ କରୁଥିବା ସମୁଦାୟ ଚାଷୀ** | ୧୧୩୬ | ୯୦୦ |
| **ପୁଷ୍ଟିଶସ୍ୟ ଚାଷ ହେଉଥିବା ଅଂଚଳ ( ହେକ୍ଟର)** | ୧୦୩୦ | ୩୮୩.୨ |
| **ମାଣ୍ଡିଆ ଚାଷ କରୁଥିବା ଅଂଚଳ ( ହେକ୍ଟର)** | ୫୦୦ | ୩୪୧.୮ |
| **ମାଣ୍ଡିଆ ସଂଗ୍ରହ ( କ୍ୱିଂଟାଲ୍‌ରେ)** | ୩୦୦୧.୩୫ | ୧୮୦୦ |
| **ମାଣ୍ଡିଆ ସଂଗୃହିତ ଚାଷୀ ସଂଖ୍ୟା** | ୧୦୦୦ | ୬୦୦ |
| **ସଚେତନତା ଶିବିର** | ୨୭ | ୨୧ |
| **ଦକ୍ଷତା ବିକାଶ ପ୍ରଶିକ୍ଷଣ** | ୧୨ | ୯ |
| **ପୁଷ୍ଟିଶସ୍ୟ ଖାଦ୍ୟ ପ୍ରଦର୍ଶନୀ** | ୩ | ୩ |
| **ପୁଷ୍ଟିଶସ୍ୟ ଖାଦ୍ୟ ପ୍ରସ୍ତୁତି କର୍ମଶାଳା** | ୩ | ୨ |
| **ବିହନ ବିବିଧତା କ୍ଷେତ** | ୨ | ୨ |
| **ମାଣ୍ଡିଆ ଉତ୍ସବ ପାଳନ** | ୧ | ୧ |








ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ରାଇକିଆ ବ୍ଲକ୍‌ର ୧୨ଟି ପଂଚାୟତର ୧୧୩୬ ଜଣ ଆଦିବାସୀ ଚାଷୀଙ୍କର ୫୦୦ହେକ୍ଟର ଜମିରେ ମାଣ୍ଡିଆ ଜାତୀୟ ଶସ୍ୟ ଚାଷର ପୁନରୁଦ୍ଧାର ହୋଇ ପାରିଛି । ଚାଷୀମାନେ ଉଭୟ ଖରିଫ ଓ ରବି କିସମର ମାଣ୍ଡିଆ ଜାତୀୟ ଶସ୍ୟ ଚାଷ କରୁଛନ୍ତି । ଖରିଫ ଋତୁରେ ୪୧୭.୫ ହେକ୍ଟର ଜମିରେ ଚାଷ ହେବା ସହିତ ରବି ଋତୁରେ ୮୩.୫ ହେକ୍ଟର ଜମିରେ ଏହି ଚାଷ କରାଯାଇଛି । ସେହିପରି ଟିକାବାଲି ବ୍ଲକ୍‌ର ୧୧ଟି ପଂଚାୟତର ୭୫ ଗାଁର ୯୦୦ ଜଣ ଚାଷୀଙ୍କ ୩୮୩.୨ହେକ୍ଟର ଜମିରେ ଏହି ଚାଷ କରାଯାଇଛି । ଚାଷୀମାନେ ମାଣ୍ଡିଆ ସହିତ ସୁଆଁ, କାଙ୍ଗୁ, ଜହ୍ନା ଆଦି ଚାଷ କରୁଛନ୍ତି ।

ଉଭୟ ବ୍ଲକ୍‌ରେ ୪୫୦ ହେକ୍ଟର ଜମିରେ ସିଷ୍ଟମାଟିକ ମିଲେଟ ଇନ୍‌ଟେନ୍‌ସିଫିକେସନ (ଏସ୍.ଏମ୍.ଆଇ) ପ୍ରଣାଳୀରେ ମାଣ୍ଡିଆ ଚାଷ କରାଯାଇଛି । ୧୧୩ ହେକ୍ଟର ଜମିରେ ଧାଡିରୁଆ ପ୍ରଣାଳୀ ଏବଂ ୮୫  ହେକ୍ଟର ଜମିରେ ଧାଡିବୁଣା ପ୍ରଣାଳୀରେ ବିଭିନ୍ନ କିସମର ମାଣ୍ଡିଆ ଜାତିୟ ଶସ୍ୟ ଚାଷ କରାଯାଇଛି ।

ଚଳିତ ବର୍ଷ ରାଇକିଆ ବ୍ଲକ୍‌ରେ ୧୦୦୦ ଜଣ ଚାଷୀଙ୍କ ଠାରୁ ୩୦୦୧ କ୍ୱିଂଟାଲ୍ ଏବଂ ଟିକାବାଲି ବ୍ଲକ୍‌ରେ ୬୦୦ ଜଣ ଚାଷୀଙ୍କର ୧୮୦୦ କ୍ୱିଂଟାଲ୍ ବିଭିନ୍ନ କିସମର ମାଣ୍ଡିଆ ଜାତିୟ ଶସ୍ୟ ସଂଗ୍ରହ କରାଯାଇଛି ।  ଏହି ଚାଷ ପାଇଁ ସମସ୍ତ ଚାଷୀ ସରକାରୀ ପ୍ରୋତ୍ସାହନ ପାଇଛନ୍ତି । ଚାଷୀ ମାନଙ୍କୁ ଜୈବିକ ଖତସାର ପ୍ରସ୍ତୁତି ପ୍ରଶିକ୍ଷଣ ଦିଆଯାଇଛି । ବିଭିନ୍ନ ଚାଷୀମାନେ ଜୈବିକ ପ୍ରଣାଳୀରେ ମାଂଡିଆ ଜାତିୟ ଶସ୍ୟ ଚାଷ କରୁଛନ୍ତି ଏବଂ ନିଜେ ଜୈବିକ ଖତସାର ଉତ୍ପାଦନ କରୁଛନ୍ତି । ଦୁଇଟି ଜୈବିକ ଖତ ପ୍ରସ୍ତୁତି କେନ୍ଦ୍ର ଖୋଲାଯାଇ ଚାଷୀମାନଙ୍କୁ ସୁବିଧାରେ ଜୈବିକ ଖତ ଯୋଗାଇ ଦିଆଯାଉଛି ।

ସ୍ଥାନୀୟ କୃଷିବିଭାଗ ଅଧିକାରୀ, ଲୋକପ୍ରତିନିଧି ଏବଂ ଚାଷୀମାନଙ୍କୁ ନେଇ ମାଂଡିଆ ଜାତିୟ ଶସ୍ୟଚାଷର ପ୍ରସାର ଓ ଉପଯୋଗୀତା ସଂପର୍କରେ ତାଲିମ, କର୍ମଶାଳା ଓ ସଚେତନତା କାର୍ଯ୍ୟକ୍ରମ ମାନ ଗ୍ରହଣ କରାଯାଇଛି । ଚାଷୀମାନଙ୍କୁ ଉନ୍ନତ କୃଷି କୌଶଳରେ ଉତ୍ପାଦନ ବୃଦ୍ଧି ପାଇଁ ସିଷ୍ଟମାଟିକ ମିଲେଟ ଇନ୍‌ଟେନ୍‌ସିଫିକେସନ (ଏସ୍.ଏମ୍.ଆଇ) ପ୍ରଣାଳୀରେ ମାଣ୍ଡିଆ ଚାଷ, ଜୈବିକ ଖତସାର ପ୍ରସ୍ତୁତି ଓ ପ୍ରୟୋଗ ପ୍ରଣାଳୀ, ରୋଗପୋକ ପରିଚାଳନା, ଫସଲ ଅମଳ ଓ ସାଇତିବା ପ୍ରଣାଳୀ ଆଦି ବିଷୟରେ ତାଲିମ ଦିଆଯାଇ ଦକ୍ଷ କରାଯାଇଛି । ଚାଷ ନିମନ୍ତେ ଚାଷୀମାନଙ୍କୁ ଉନ୍ନତ ବିହନ ମଧ ଯୋଗାଇ ଦିଆଯାଇଛି ।

ଚାଷୀମାନଙ୍କୁ ଚାଷ ସଂପର୍କିତ ଜ୍ଞାନ, ବଜାର ସଂପର୍କିତ ସୂଚନା ଓ ପାଣିପାଗ ତଥ୍ୟ ହାସଲ ପାଇଁ ବିଭିନ୍ନ କୃଷି ସୂଚନା ସଂସ୍ଥା ଓ ବିଭାଗ ସହ ସାମିଲ କରାଯାଇଛି । ପ୍ରତ୍ୟେକ ପଂଚାୟତ ସ୍ତରରେ କୃଷି ଯନ୍ତ୍ରପାତି କେନ୍ଦ୍ର ଓ ପ୍ରକ୍ରିୟାକରଣ କେନ୍ଦ୍ର ଖୋଲା ଯାଇଛି । ଏଠାରୁ ଚାଷୀମାନେ ବିଭିନ୍ନ କୃଷି ଯନ୍ତ୍ରପାତି ନେବା ସହିତ ମାଂଡିଆ ଜାତିୟ ଶସ୍ୟ ଗୁଡିକର ପ୍ରକ୍ରିୟାରଣ କରି ପାରୁଛନ୍ତି ।  ମହିଳା ଚାଷୀ ଦଳ ଗୁଡିକ ମାଧ୍ୟମରେ ମାଣ୍ଡିଆ, କୁଏରୀ ଓ ସୁଆଁ ଆଦିର ପ୍ରକ୍ରିୟାକରଣ ପାଇଁ  ଚୁନାକଳ ବସାଯାଇଛି ।

ମାଂଡିଆ ଜାତିୟ ଖାଦ୍ୟ ଗୁଡିକର ପୁଷ୍ଟିତତ୍ୱ ଓ ସ୍ୱାଦର ପ୍ରସାର ନିମନ୍ତେ ପଂଚାୟତ ଓ ବ୍ଲକ୍ ସ୍ତରରେ ଖାଦ୍ୟ ଉତ୍ସବ ମାନ କରାଯାଇ ମାଂଡିଆ ପ୍ରସ୍ତୁତ ବିଭିନ୍ନ ଖାଦ୍ୟର ପ୍ରଦର୍ଶନୀ ଓ ମେଳା କରାଯାଇଛି । ବିଭିନ୍ନ ଛକ ସ୍ଥାନ ମାନଙ୍କରେ





ସ୍ଥାନୀୟ ମହିଳା ଦଳ ଗୁଡିକ ସହାୟତାରେ ମିଲେଟ୍ ଟିଫିନ୍ ସେଂଟର୍ ଖୋଲାଯାଇଛି । ଟିକାବାଲି ମହୋତ୍ସବ, ରାଇକିଆ ମହୋତ୍ସବ, ଫୁଲବାଣୀ ଜନଜାତି ମହୋତ୍ସବ, ରାଇକିଆ ଓ ଟିକାବାଲିର ମାଣ୍ଡିଆ ଉତ୍ସବରେ ପୁଷ୍ଟିଶସ୍ୟ ଖାଦ୍ୟ ପ୍ରଦର୍ଶନୀ କରାଯାଇଛି ।

ରାଇକିଆ ବ୍ଲକ୍ ଅଂଚଳରେ ୨ଟି ଓ ଟିକାବାଲି ବ୍ଲକ୍ ଅଂଚଳରେ ୨ଟି ଲୁପ୍ତ ହେବାକୁ ଯାଉଥିବା ବିଭିନ୍ନ ଦେଶୀ ଖାଦ୍ୟର ପ୍ରଦର୍ଶନୀ କରାଯାଇଛି । ଏଥିରେ ମହିଳା ଦଳ ଗୁଡିକ ଦ୍ୱାରା ବିଭିନ୍ନ ମାଣ୍ଡିଆ ଜାତିୟ ଖାଦ୍ୟ, ଜଙ୍ଗଲୀ ଖାଦ୍ୟ, ଶାଗ ଜାତିୟ, କନ୍ଦା ଜାତିୟ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରାଯାଇ ପ୍ରଦର୍ଶିତ କରାଯାଇଥିଲା ।

ରାଇକିଆ ଠାରେ ଏକ ଚାଷୀ ସମାବେଶର ଆୟୋଜନ କରାଯାଇଥିଲା । ଏଥିରେ ସ୍ଥାନୀୟ ସାଂସଦ ଶ୍ରୀଯୁକ୍ତ ସୁକାନ୍ତ ପାଣିଗ୍ରାହୀ, ଜିଲ୍ଲା ମୂଖ୍ୟ କୃଷି ଅଧିକାରୀ ଏବଂ ବିଭିନ୍ନ ବ୍ଲକ୍ ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ଏହି ସମାବେଶରେ ୧୦୦୦ରୁ ଅଧିକ ଚାଷୀ ଯୋଗ ଦେଇ କୃଷି ସମସ୍ୟା ଗୁଡିକ ସଂପର୍କରେ ଆଲୋଚନା କରିଥିଲେ ।

ପୁଷ୍ଟିଶସ୍ୟ ଚାଷର ପ୍ରସାର ପାଇଁ ଚାଷୀ ସଚେତନତା ସୃଷ୍ଟି ନିମନ୍ତେ ରାଇକିଆ ଓ ଟିକାବାଲି ବ୍ଲକ୍‌ର ଗାଁ ଗୁଡିକରେ ସଚେତନତା ରଥ ଭ୍ରମଣ କରାଯାଇଛି ।

## ଫଳାଫଳ ଓ ପ୍ରଭାବ

ଏହି କାର୍ଯ୍ୟକ୍ରମ ଯୋଗୁଁ ଚାଷୀମାନଙ୍କ କ୍ଷେତରେ ମାଂଡିଆ ଜାତିୟ ଶସ୍ୟ ଚାଷର ପୁନରୁଦ୍ଧାର ହେବା ସହ ଖାଦ୍ୟ ଥାଳିରେ ମାଣ୍ଡିଆ ଜାତିୟ ଖାଦ୍ୟ ମିଶି ପାରିଛି ।

ସିଷ୍ଟମାଟିକ ମିଲେଟ ଇନ୍‌ଟେନ୍‌ସିଫିକେସନ୍ (ଏସ୍.ଏମ୍.ଆଇ) ପ୍ରଣାଳୀରେ ପ୍ରଣାଳୀରେ ମାଂଡିଆ ଚାଷ କରାଯିବା ଦ୍ୱାରା ପାରଂପରିକ ପଦ୍ଧତି ଠାରୁ ଚାଷୀମାନେ ୩ରୁ ୪ ଗୁଣା ଆଧିକ ଅମଳ ପାଇଛନ୍ତି ଏବଂ ଏହାକୁ ଏକ ଲାଭଜନକ ଫସଲ ହିସାବରେ ଗ୍ରହଣ କରିଛନ୍ତି । ମାଣ୍ଡିଆ ଚାଷ ଛାଡି ଦେଇଥିବା ଚାଷୀମାନେ ପୁଣି ଏହି ଚାଷ କରିବାକୁ ଆଗ୍ରହି ହେଉଛନ୍ତି ।

ମାଣ୍ଡିଆର ସରକାରୀ ବିକ୍ରି ବ୍ୟବସ୍ଥା ଯୋଗୁଁ ଚାଷୀମାନେ ଏହାର ଉପଯୁକ୍ତ ବଜାର ମୂଲ୍ୟ ପାଇପାରୁଛନ୍ତି ଏବଂ ସେମାନଙ୍କ ଆୟ ବୃଦ୍ଧିରେ ଏହା ସହାୟକ ହୋଇଛି । ସେବୁର ଅଭାବୀ ବିକ୍ରି ଓ ବ୍ୟବସାୟିକ ଶୋଷଣ ବନ୍ଦ ହୋଇଛି ।

ମାଣ୍ଡିଆ ଜାତିୟ ଶସ୍ୟ ଚାଷ କରୁଥିବା ଚାଷୀମାନେ ନିଜ ପରିବାରର ପୁଷ୍ଟି ସୁରକ୍ଷାରେ ସଫଳ ହୋଇ ପାରିଛନ୍ତି ।

ବର୍ତମାନ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ପୁଷ୍ଟିହୀନତା ଦୂର କରିବାକୁ ଏବଂ ଶରୀରର ପୋଷଣ ବଢାଇବାକୁ ମାଂଡିଆ ଜାତିୟ ଶସ୍ୟ ବ୍ୟବହାରକୁ ଡାକ୍ତରମାନେ କହୁଥିବାରୁ ପରିବାର ସ୍ତରରେ ଏହାର ବ୍ୟବହାର ବୃଦ୍ଧି ପାଇଛି ।

ଗାଁ ଗୁଡିକରେ ମାଣ୍ଡିଆ ଜାତୀୟ ଖାଦ୍ୟଶସ୍ୟର ବିଭିନ୍ନ ଖାଦ୍ୟ ପ୍ରଦର୍ଶନୀ ମହିଳା ମାନଙ୍କ ଭିତରେ ଖାଦ୍ୟ ପ୍ରସ୍ତୁତିକରଣ ଆଗ୍ରହ ବଢାଇଛି । ମାଣ୍ଡଆର ପୁଷ୍ଟିତତ୍ୱ ଓ ଉପକାରିତା ସଂପର୍କରେ ସଚେତନତା ବୃଦ୍ଧି ପାଇଛି । ମହିଳା ଦଳ ଗୁଡିକ ମାଣ୍ଡିଆ ଜାତିୟ ଶସ୍ୟ ପ୍ରସ୍ତୁତ ଜଳଖିଆ ଦୋକାନ ମାନ ଖୋଲିବା ଦ୍ୱାରା ଲୋକ ମାନଙ୍କ ମଧ୍ୟରେ ଏହାର ସୁସ୍ୱାଦୁ ଖାଦ୍ୟ ଗୁଡିକ ପ୍ରତି ଆଦର ବଢିଛି । ଗର୍ଭବତୀ, ପ୍ରସୂତି ମହିଳା, ପୁଷ୍ଟିହୀନ ଶିଶୁ, ଶାରୀରିକ ଦୁର୍ବଳ ବ୍ୟକ୍ତି ମାନେ ଏହାକୁ ବ୍ୟବହାର କରି ଶାରୀରିକ ସୁସ୍ଥତା ପାଇ ପାରୁଛନ୍ତି ।




# ସ୍ୱତନ୍ତ୍ର ସମନ୍ୱିତ କୃଷି ବିକାଶ କାର୍ଯ୍ୟକ୍ରମ

ଓଡିଶା ସରକାରଙ୍କ ଦ୍ୱାରା ଗତ ୨୦୧୬ ମସିହାରେ ଆଦିବାସୀ ଅଂଚଳ ଗୁଡିକରେ କୃଷି ଭିତିକ ଜୀବିକାର ଉନ୍ନତୀ ପାଇଁ ପ୍ରଥମେ ମାଲକାନଗିରି ଜିଲ୍ଲାରେ ଆରମ୍ଭ କରାଯାଇଥିବା ଏହି ଯୋଜନାକୁ ୨୦୨୨ ମସିହାରେ ଆଉ ୮ଟି ଆଦିବାସୀ ବହୁଳ ଜିଲ୍ଲାକୁ ସଂପ୍ରସାରଣ କରାଯାଇଛି । ରାଜ୍ୟ ସରକାରଙ୍କ ଖାଦ୍ୟ ଉତ୍ପାଦନ ବିଭାଗ ଏହାର ଦାୟିତ୍ୱ ବୁଝୁଥିବାବେଳେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଓ ରାଜ୍ୟ ଯୋଜନା ଗୁଡିକର ସମନ୍ୱୟରେ ଏହା କାର୍ଯ୍ୟକାରୀ କରାଯାଉଛି । କୃଷି, ପଶୁପାଳନ, ଉଦ୍ୟାନ, ମତ୍ସ୍ୟ, କୃଷି ବନୀକରଣ ଆଦି କାର୍ଯ୍ୟକ୍ରମ ଗୁଡିକର ସମନ୍ୱୟରେ ଏହା କରାଯାଉଛି । କାର୍ଯ୍ୟକ୍ରମର କାର୍ଯ୍ୟକାରୀତା ପାଇଁ ସ୍ଥାନୀୟ ସାମାଜିକ ଅନୁଷ୍ଠାନ ଗୁଡିକୁ ସାମିଲ କରାଯାଇଛି ।

ସମନ୍ୱିତ କୃଷି ମାଧ୍ୟମରେ ଆଦିବାସୀ ପରିବାର ଗୁଡିକର ଆର୍ଥିକ ବିକାଶ ଏବଂ ଜୀବନଜୀବିକାରେ ଉନ୍ନତୀ ଆଣିବା ଏହି କାର୍ଯ୍ୟକ୍ରମର ମୂଖ୍ୟ ଲକ୍ଷ୍ୟ । ଉପଲବ୍ଧ ପ୍ରାକୃତିକ ସମ୍ବଳର ସୁବିନିଯୋଗ, ଆଂଚଳିକ ଭୌଗୋଳିକ ସ୍ଥିତି ଅନୁଯାୟୀ ସମନ୍ୱିତ କୃଷି ଓ ଫସଲ ବିବିଧତାରେ ଉନ୍ନତୀ ଏବଂ କୃଷି ଉତ୍ପାଦକ କମ୍ପାନୀ ଓ ମହିଳା ଦଳ ଗୁଡିକ ମାଧ୍ୟମରେ କୃଷିଜାତ ଦ୍ରବ୍ୟ ଗୁଡିକର ବଜାର ବ୍ୟବସ୍ଥା କରି ଚାଷୀମାନଙ୍କୁ ଉପଯୁକ୍ତ ମୂଲ୍ୟ ଯୋଗାଇ ଦେବା, ଚାଷୀମାନଙ୍କ ରୋଜଗାର ବୃଦ୍ଧି ସହ ଜୀବିକାରେ ଉନ୍ନତୀ ଆଣିବା ଏହି କାର୍ଯ୍ୟକ୍ରମର ମୂଖ୍ୟ ଉଦ୍ଦେଶ୍ୟ । ସାତୀ କନ୍ଧମାଳ ଜିଲ୍ଲାର ରାଇକିଆ ବ୍ଲକ୍ ଅଂଚଳରେ ଏହି କାର୍ଯ୍ୟକ୍ରମ କରୁଛି ।

### କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଅଂଚଳ

| ଗ୍ରାମ ପଂଚାୟତ | ସମୁଦାୟ ଗ୍ରାମ | ରାଜସ୍ୱ ଗ୍ରାମ | କାର୍ଯ୍ୟକ୍ରମ ଅନ୍ତର୍ଭୂକ୍ତ ଗ୍ରାମ | ଜନଜାତି ପରିବାର | ଅନୁସୂଚିତ ଜନଜାତି ପରିବାର | ସମୁଦାୟ ପରିବାର |
|---|---|---|---|---|---|---|
| **କରଡା** | ୧୯ | ୧୫ | ୧୯ | ୪୯୦ | ୮୫ | ୫୭୫ |
| **ବଡବାରବା** | ୧୨ | ୬ | ୧୨ | ୨୪୫ | ୨୮ | ୨୭୩ |
| **ଇନ୍ଦ୍ରଗଡ** | ୨୩ | ୧୭ | ୨୩ | ୩୧୯ | ୪୨ | ୩୬୧ |
| **ରଣବା** | ୩୫ | ୨୭ | ୨୬ | ୨୮୪ | ୩୮ | ୩୨୨ |

## ୨୦୨୪ – ୨୫ ବର୍ଷର କାର୍ଯ୍ୟକ୍ରମ

| କାର୍ଯ୍ୟକ୍ରମ | ଲକ୍ଷ୍ୟ | ସଫଳତା | ଉପକୃତ ଚାଷୀ |
|---|---|---|---|
| **କୃଷି ସହାୟତା** | | | |
| ବିବିଧ କୃଷି ( ମିଶ୍ରିତ ପ୍ରଣାଳୀରେ | ୨୬୦ ହେକ୍ଟର | ୨୬୦ ହେକ୍ଟର | ୭୯୧ |
| ପାରଂପରିକ ବିହନ | ୧ ହେକ୍ଟର | ୧ ହେକ୍ଟର | ୧ |
| ବିହନ ଉତ୍ପାଦନ | ୧୦ ହେକ୍ଟର | ୧୦ ହେକ୍ଟର | ୪ |
| **ଉଦ୍ୟାନ/ ବଗିଚା ବିକାଶ** | | | |
| ପରିବା ଚାଷ ପାଇଁ ଟ୍ରେଲିସ୍ ସହାୟତା | ୨୦୦ ଜଣ | ୨୦୦ ଜଣ | ୨୦୦ |
| ପରିବା ଚାଷ ପାଇଁ ବିହନ ଓ ଚାରା ସହାୟତା | ୨୫ ଏକର | ୨୫ ଏକର | ୫୦ ଜଣ |
| **ପଶୁପାଳନ ସହାୟତା** | | | |
| ଛେଳି ଗୁହାଳ | ୩୦୦ | ୩୦୦ | ୩୦୦ |
| କୁକୁଡା ଭାଡି | ୫୦୦ | ୫୦୦ | ୫୦୦ |
| ଦେଶୀ କୁକୁଡା ଚିଆଁ ଉତ୍ପାଦନ କେନ୍ଦ୍ର | ୩ | ୩ | ୩ |
| **ମାଛ ଚାଷ** | | | |
| ଉନ୍ନତ ମାଛ ଜାଆଁଳ ଚାଷ | ୩ ଏକର | ୩ ଏକର | ୫ |
| ମାଛ ଖାଦ୍ୟ ଉତ୍ପାଦନ କେନ୍ଦ୍ର | ୧ | ୧ | ୧ |

ପୂର୍ବରୁ କାର୍ଯ୍ୟକ୍ରମର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ରାଇକିଆ ବ୍ଲକ୍‌ର ୮ଟି ପଂଚାୟତରେ କାର୍ଯ୍ୟକ୍ରମ ହୋଇଥିବାବେଳେ ଚଳିତ ବର୍ଷ ତୃତୀୟ ପର୍ଯ୍ୟାୟରେ ନୂଆ ୪ଟି ପଂଚାୟତ କରଡା, ବଡବାରବା, ରଣବା, ଇନ୍ଦ୍ରଗଡର ୮୦ଟି ଗାଁର ୧୫୩୧ଟି ପରିବାରକୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା ।

ଚାଷ କ୍ଲଷ୍ଟର କାର୍ଯ୍ୟକ୍ରମ ମାଧମରେ ୭୯୧ ଜଣ ଚାଷୀଙ୍କର ୨୬୦ ହେକ୍ଟର ଜମିରେ ମିଶ୍ରିତ ଭାବେ ବିଭିନ୍ନ ଶସ୍ୟ ଚାଷ କରାଯାଇଛି । ୧୦୦ ହେକ୍ଟର ଜମିରେ ବିରି, ୧୦୦ ହେକ୍ଟର ଜମିରେ ବିରି ଓ ମକା, ୨୦ ହେକ୍ଟର ଜମିରେ ବିରି ଓ କୋଳଥ, ୪୦ ହେକ୍ଟର ଜମିରେ ମକା ଓ ଝୁଡଙ୍ଗ ମିଶ୍ରିତ ଭାବେ ଚାଷ କରାଯାଇଛି । ୪ ଜଣ ଚାଷୀଙ୍କର ୧୦ ହେକ୍ଟର ଜମିରେ କଳିଙ୍ଗ ୟୁ.ଆର୍.ଡି କିସମ ବିହନ ଉତ୍ପାଦନକରାଯାଇଛି । ଜଣେ ଚାଷୀ ଦେଶି ବିରି ଚାଷ କରିଛନ୍ତି ।

ଚାରିଟି ପଂଚାୟତରେ ୨୫ ଏକର ଜମିରେ ବିଭିନ୍ନ ପରିବା ଚାଷ ପାଇଁ ଚାଷୀ ମାନଙ୍କୁ ବିହନ ଓ ଚାରା ଦିଆଯାଇଛି ଏବଂ ୨୦୦ ଜଣ ଚାଷୀଙ୍କୁ ଟ୍ରେଲିସ୍ ପଦ୍ଧତିରେ ପରିବା ଚାଷ ପାଇଁ ଟ୍ରେଲିସ୍ ସାମଗ୍ରୀ ଯୋଗାଇ ଦିଆଯାଇଛି । ୪ଟି ଗାଁରେ ମହିଳା ଦଳ ମାଧମରେ ତରଳ ସାର ପ୍ରସ୍ତୁତ କରାଯାଇଛି ।









ପଶୁପାଳନର ଉନ୍ନତୀ ପାଇଁ ୪ଟି ପଂଚାୟତରେ ୫୦୦ କୁକୁଡା ଭାଡି ଓ ୩୦୦ଟି ଛେଳି ଗୁହାଳ ତିଆରି କରାଯାଇଛି । ୩ଟି ପଂଚାୟତରେ ୩ଟି ଦେଶୀ କୁକୁଡା ଚିଆଁ ଉତ୍ପାଦନ କେନ୍ଦ୍ର କରାଯାଇଛି ।

ମାଛଚାଷର ଉନ୍ନତୀ ପାଇଁ ଏକ ମାଛ ଖାଦ୍ୟ ଉତ୍ପାଦନ କଳ ସ୍ଥାପନା କରାଯାଇଛି । ୫ଜଣ ଚାଷୀଙ୍କୁ ୩ ଏକର ଜମିରେ ମାଛ ଚାଷ ପାଇଁ ଜାଆଁଳ ଯୋଗାଇ ଦିଆଯାଇଛି ।

ଚାଷୀମାନଙ୍କୁ ପଂଚାୟତ ସ୍ତରରେ ଜୈବିକ କୃଷି, ଉଦ୍ୟାନ, ପଶୁପାଳନ ଓ ମାଛଚାଷ ସଂପର୍କରେ ତାଲିମ ଦିଆ ଯାଇଛି ।

**ସଫଳତା ଓ ପ୍ରଭାବ**

ଏହି କାର୍ଯ୍ୟକ୍ରମ ଚାଷୀମାନଙ୍କୁ ବୈଜ୍ଞାନିକ କୌଶଳରେ କୃଷି ପାଇଁ ଉତ୍ସାହିତ କରୁଛି ଏବଂ ସେମାନଙ୍କର କୃଷି ଉତ୍ପାଦନରେ ବୃଦ୍ଧି ଘଟିଛି । ଚାଷୀମାନେ ଟ୍ରେଲିସ ବ୍ୟବହାର ଯୋଗୁଁ ଜଙ୍ଗଲ ଉପରେ ନିର୍ଭରଶୀଳତା କମିଛି ଏବଂ ଏହା ରୋଗପୋକ ନିୟନ୍ତ୍ରଣ, ଫସଲ ଆଦାୟ ଆଦିରେ ସୁବିଧା ହୋଇ ପାରୁଛି ।

ଚାଷୀମାନେ ସମନ୍ୱିତ ଭାବେ କୃଷି, ଉଦ୍ୟାନ ଓ ପଶୁପାଳନ ଆଦି କରିବାରୁ ସେମାନଙ୍କ ଆୟ ବୃଦ୍ଧି ଘଟିଛି । ପଶୁପାଳନ ଯୋଗୁଁ ସେମାନେ ଅଧିକ ଜୈବିକ ଖତସାର ପାଉଛନ୍ତି ଏବଂ ଧାନ କୁଣ୍ଡା, ମାଣ୍ଡିଆ ଚୋପା ଆଦିରୁ ମାଛ ଓ କୁକୁଡା ଖାଦ୍ୟ ପ୍ରସ୍ତୁତ କରି ମାଛଚାଷ ଓ କୁକୁଡା ଚାଷରୁ ଲାଭ ପାଇ ପାରୁଛନ୍ତି ।

ଉନ୍ନତ ପ୍ରଣାଳୀର କୁକୁଡା ଭାଡି ଓ ଛେଳି ଗୁହାଳ ଯୋଗୁଁ ସେଗୁଡିକର ସ୍ୱାସ୍ଥ୍ୟ ଭଲ ରହିବା ସହ ବଂଶ ବୃଦ୍ଧି ହୋଇ ପାରୁଛି । ଚାଷୀମାନେ ଛେଳି ଓ ଦେଶୀ କୁକୁଡା ପାଳନରୁ ଉପାର୍ଜନ ବୃଦ୍ଧି କରିପାରୁଛନ୍ତି ।





# ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ

ରାଜ୍ୟର ସମସ୍ତ ଆଦିବାସୀ ଅଂଚଳ ଗୁଡ଼ିକରେ ଗୋଷ୍ଠୀ ସଂଗଠନ ମାଧ୍ୟମରେ ବିଭିନ୍ନ କୃଷି, ଅଣ-କୃଷି ଓ ପାରଂପରିକ ଜୀବିକାର ବିକାଶ କରି ଆଦିବାସୀ ପରିବାର ଗୁଡ଼ିକର ଜୀବନଜୀବିକାକୁ ଦୃଢ଼ କରିବାକୁ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଛି ମୁଖ୍ୟମନ୍ତ୍ରୀ ଜନଜାତି ଜିବିକା ମିଶନ । ରାଜ୍ୟର ୧୩ଟି ଆଦିବାସୀ ବହୁଳ ଜିଲ୍ଲାର ୨୨ଟି ଆଇ.ଟି.ଡି.ଏ କ୍ଷେତ୍ର ଅଧିନସ୍ଥ ୧୧୯ଟି ବ୍ଲକ୍ ଅଂଚଳରେ ଏହା କାର୍ଯ୍ୟକାରୀ କରାଯାଉଛି । ଏଥିରେ ୧୭ ଲକ୍ଷ ଜନଜାତି ପରିବାରକୁ ସାମିଲ୍ କରାଯାଇଛି । ସ୍ୱାତୀ ଅନୁଷ୍ଠାନ କନ୍ଧମାଳ ଜିଲ୍ଲାର ଫୁଲବାଣୀ ଓ ବାଲିଗୁଡ଼ା ଆଇ.ଟି.ଡି.ଏ କ୍ଷେତ୍ର ଅଧିନସ୍ଥ ୧୨ଟି ବ୍ଲକ୍ ଅଂଚଳରେ ୩୯୫ ଗାଁର ୧୫୫୯୩ ଜନଜାତି ପରିବାରଙ୍କ ପାଇଁ ଏହି କାର୍ଯ୍ୟକ୍ରମର ପରିଚାଳନା ସହାୟତା ଦାୟିତ୍ୱ ନେଇଛି ।

**କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ।**

- ଜୀବିନଜୀବିକା କ୍ଲଷ୍ଟର ମାନ ଗଠନ କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଆଦିବାସୀ ପରିବାର ଗୁଡ଼ିକର ରୋଜଗାର ବୃଦ୍ଧି କରିବା
- ପ୍ରତ୍ୟେକ ଅଂଚଳର ପରିବେଶ ପରିସ୍ଥିତି ଅନୁସାରେ ଆବଶ୍ୟକୀୟ ବୈଷୟିକ କୌଶଳ, ଉନ୍ନତ ଜ୍ଞାନ କୌଶଳ, ଅମଳ ପରବର୍ତ୍ତୀ ଫସଲ ପରିଚାଳନା, ପ୍ରକ୍ରିୟାକରଣ ଓ ବଜାର ସୁବିଧା ଆଦି ମାଧ୍ୟମରେ କୃଷି ଓ ଉଦ୍ୟାନ ଭିତିକ ଜୀବିକାର ଉନ୍ନତୀ କରିବା
- ଖାଦ୍ୟ, ପୁଷ୍ଟି ଓ ରୋଜଗାର ସୁରକ୍ଷା ପାଇଁ ପଶୁପାଳନ ଓ ମାଛଚାଷର କ୍ଲଷ୍ଟର ମାନ ଗଠନ କରି ଆର୍ଥିକ ବିକାଶ କରିବା
- ଗରୀବ ଓ ଅସୁରକ୍ଷିତ ପରିବାର ଗୁଡ଼ିକର ଆର୍ଥିକ





ବିକାଶ ପାଇଁ ବିଭିନ୍ନ ଅଣକୃଷି ଭିତିକ ଆୟ ବର୍ଦ୍ଧକ କାର୍ଯ୍ୟକ୍ରମ ମାନ କରିବା

- ଆଦିବାସୀ ପରିବାର ଗୁଡିକର ଜଙ୍ଗଲ ଭିତିକ ଜୀବିକାର ଉନ୍ନତୀ ପାଇଁ ଜଙ୍ଗଲଜାତ ଦ୍ରବ୍ୟ ଗୁଡିକର ପ୍ରକ୍ରିୟାକରଣ ଓ ବଜାର ବ୍ୟବସ୍ଥା କରିବା
- ଗୋଷ୍ଠୀ ଭିତିକ ସଂଗଠନ ଗୁଡିକୁ ସୁଦୃଢ଼ କରି ବିଭିନ୍ନ ଆର୍ଥିକ କାର୍ଯ୍ୟକ୍ରମରେ ସଂପୃକ୍ତ କରିବା

ଏହି କାର୍ଯ୍ୟକ୍ରମ ମାଧମରେ ଆଶା କରାଯାଉଥିବା ଫଳାଫଳ ଗୁଡିକ ହେଲା –

- ତିନି ବର୍ଷ ମଧରେ ଚାଷୀ ମାନଙ୍କର କୃଷି ଭିତିକ ଆୟକୁ ଦୁଇଗୁଣ କରିବା
- କୃଷି ଅଂଚଳ ଦୁଇଗୁଣ କରିବା
- ପ୍ରକଳ୍ପ ଦ୍ୱାରା ସମସ୍ତ ଚାଷୀ ଉନ୍ନତ ଜ୍ଞାନକୌଶଳ ପାଇ ଦକ୍ଷ ହୋଇଥିବେ
- କ୍ଲଷ୍ଟର ଯୋଜନା ମାଧମରେ ଉତ୍ପାଦନ ୫୦ ପ୍ରତିଶତ ବୃଦ୍ଧି
    - କ୍ଲଷ୍ଟର ଯୋଜନା ମାଧମରେ ଜଳସେଚନରେ ୫୦ ପ୍ରତିଶତ ବୃଦ୍ଧି
    - କ୍ଲଷ୍ଟର ଯୋଜନା ମାଧମରେ ୫୦ ପ୍ରତିଶତ ଜମିରେ ଖରିଫ ଓ ରବି ଫସଲ କାର୍ଯ୍ୟକାରୀ
    - ରବି ଓ ଖରିଫ ଫସଲରେ ୫୦ ପ୍ରତିଶତ ଅଭିବୃଦ୍ଧି
    - କ୍ଲଷ୍ଟର ଅନ୍ତର୍ଭୁକ୍ତ ଗାଁ ଗୁଡିକ ୪୦ ପ୍ରତିଶତ ପଡିଆ, ଚାଷ ଅନୁପଯୋଗୀ ଜମି ଓ ଜଙ୍ଗଲ ଜମିକୁ ଉତ୍ପାଦନକ୍ଷମ କରାଇବା

**ବାଲିଗୁଡା ଆଇ.ଟି.ଡି.ଏ**

ବାଲିଗୁଡା ଆଇ.ଟି.ଡି.ଏ ଅଂଚଳର ସମସ୍ତ ୯ଟି ବ୍ଲକ୍‌ରେ ୧୦୮ଟି ଜନଜାତି ଜୀବିକା ପରିଷଦ ଗଠନ କରାଯାଇଛି ଏବଂ ଏଥିରେ ୨୪୮ଟି ଗାଁ ରହିଛନ୍ତି । କୃଷି ଓ ଉଦ୍ୟାନ କ୍ଲଷ୍ଟରରେ ୧୦୫୦୪ ଏକର ଜମିରେ କାର୍ଯ୍ୟକ୍ରମ କରାଯିବା ସହ ସମୁଦାୟ ୧୧୩୩୩ ଚାଷୀ ପରିବାରକୁ ସାମିଲ କରାଯାଇଛି । ଏଥିରେ ୭୩୭୮.୫ ଏକର ଜଙ୍ଗଲ ଅଧିକାର ଜମିକୁ ସାମିଲ କରାଯାଇଛି । ପଶୁ ସଂପଦ କ୍ଲଷ୍ଟରରେ ସମୁଦାୟ ୩୯୪୨ ଚାଷୀ ପରିବାରକୁ ସାମିଲ କରାଯାଇଛି ।

ଉଦ୍ୟାନ ବିଭାଗ ସହଯୋଗରେ ୨୦୦ ହେକ୍ଟର ଜମିରେ ଆଳୁ ଚାଷ, ୬.୫ ଏକର ଜମିରେ ଅଏଲ୍ ପାମ୍ ଚାଷ କରାଯାଇଛି । ୨୦୦ ଏକର ଜମିରେ ଜଳସେଚନ ପାଇଁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କରାଯାଇଛି ।

ପଶୁ ସଂପଦ ବିକାଶ ବିଭାଗ ସହାୟତାରେ ମହିଳା ସ୍ୱୟଂ ସହାୟିକା ଦଳ ଗୁଡିକୁ ୧୦ଟି ୨୦୦୦ କୁକୁଡା ପାଳନ ପାର୍ମ ପାଇଁ ସହାୟତା ଦିଆଯାଇଛି । ୨୫ଟି ପରିବାରକୁ ୧୧ଟି ଲେଖାଏଁ ଛେଳି ପାଳନ ସହାୟତା ଦିଆଯାଇଛି । ୨୫ଟି ସ୍ୱୟଂସହାୟକ ଦଳକୁ ଛେଳି ଫାର୍ମ ପାଇଁ ୩୨ଟି ଲେଖାଏଁ ଛେଳି ଓ ପାଳନ ଗୃହ ନିର୍ମାଣ ସହାୟତା ଯୋଗାଇ ଦିଆଯାଇଛି । ୩୭୫ ଜଣଙ୍କୁ ୩ଟି ଲେଖାଏଁ ମାଈ ଛେଳି ପାଳନ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି ।

କୃଷି ବିଭାଗ ସହାୟତାରେ ୧୦୦ଟି କ୍ଲଷ୍ଟର ଭିତିକ ବୋର୍ ୱେଲ୍ ଖୋଳା ଯାଇଛି । ୧୮ ଟି ଗୋଷ୍ଠୀ ଭିତିକ ଉଠା





ଜଳସେଚନ ପ୍ରକଳ୍ପ କରାଯାଇଛି । ୨୦୦ଟି ବ୍ୟକ୍ତିଗତ ଉଠା ଜଳସେଚନ ବ୍ୟବସ୍ଥା କରାଯାଇଛି । ୧୫୦ ଜଣଙ୍କୁ ସୌର ଚାଳିତ ଉଠା ଜଳ ସେଚନ ପ୍ରକଳ୍ପ ସ୍ଥାପନ କରାଯାଇଛି । ୧୨୮ ଜଣଙ୍କୁ ସେଚ ପମ୍ପ ଯୋଗାଇ ଦିଆଯାଇଛି । ୪୦୨ ଜଣଙ୍କୁ ସ୍ପ୍ରେ ମେସିନ ଯୋଗାଇ ଦିଆଯାଇଛି ।



୯ଟି ବ୍ଲକ୍‌ର ୧୮୯ ଜଣ ଯୁବ ଉଦ୍ୟୋଗୀଙ୍କୁ ବିଭିନ୍ନ ରୋଜଗାର ଉଦ୍ୟୋଗ ବିକାଶ ନିମନ୍ତେ ପ୍ରତ୍ୟେକ ୧ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପାଣ୍ଠି ଯୋଗାଇ ଦିଆଯାଇଛି ।

### ଫୁଲବାଣୀ ଆଇ.ଟି.ଡି.ଏ

ସମୁଦାୟ ୩୬ଟି କ୍ଲଷ୍ଟର ଗଠନ କରାଯାଇ ସେଥିରୁ ୨୨ଟି କୃଷି କ୍ଲଷ୍ଟରରେ ୨୧ଟି ପଂଚାୟତ ୯୪ଟି ଗାଁର ୯୮୩ ଜଣ ଚାଷୀଙ୍କୁ ସାମିଲ କରାଯାଇଛି । ଉଥିରେ ୩୩ ଏକର ଜମିରେ ବିନ୍‌ସ, ୩୦ ଏକର ଜମିରେ ବାଇଗଣ, ୪୦ ଏକର ଜମିରେ କୋବି, ୬୫ ଏକର ଜମିରେ ଫୁଲକୋବି, ୧୩୩ ଏକର ଜମିରେ ମଟର ଛୁଇଁ, ୩୫ ଏକର ଜମିରେ ଶୋରିଷ, ୧୦ ଏକର ଜମିରେ ପିଆଜ, ୧୮ ଏକର ଜମିରେ ମିଠାମକା, ୫୫ ଏକର ଜମିରେ ଟମାଟୋ, ୭୦ ଏକର ଜମିରେ ସୂର୍ଯ୍ୟମୁଖି ଚାଷ ପାଇଁ ସହାୟତା ପ୍ରଦାନ କରାଯାଇଛି ।

ସେହିପରି ରବି ଚାଷରେ ୩୦୦ ଏକର ଜମିରେ ସୂର୍ଯ୍ୟମୁଖି, ୧୫୦ ଏକର ଜମିରେ ଫୁଲକୋବି, ୧୫୦ ଏକର ଜମିରେ ବନ୍ଧାକୋବି, ୧୫୦ ଏକର ଜମିରେ ମିଠାମକା, ୨୫୦ ଏକର ଜମିରେ ମଟର ଚାଷ ପାଇଁ ସହାୟତା ଦିଆଯାଇଛି । ଖରାଟିଆ ଚାଷରେ ୧୫୦ ଏକର ଜମିରେ କଲରା, ୧୫୦ ଏକର ଜମିରେ ଜହ୍ନି, ୧୦୦ ଏକର ଜମିରେ କାକୁଡି, ୧୦୦ ଏକର ଜମିରେ ଭେଣ୍ଡି ଚାଷ ପାଇଁ ସହାୟତା ଦିଆଯାଇଛି ।

ସେହିପରି ଜଳସେଚନର ବିକାଶ ପାଇଁ ଓଡିଶା ଉଠା ଜଳସେଚନ ନିଗମ ଓ ଓଡିଶା କୃଷି ଶିଳ୍ପ ନିଗମ ସହାୟତାରେ ୨୫୭ଟି ଗଭୀର ସେଚକୂପ, ୧୦ଟି ଜଳନିଧି ଯୋଜନା କୂପ, ୩ଟି ସେଚ ପମ୍ପ, ୮୦ଟି ଡି.ବି.ଆଇ ସେଚ ଯୋଜନା କରାଯାଇଛି ।

ପଶୁ ସଂପଦ ବିକାଶ ପାଇଁ ୯ ଜଣଙ୍କୁ ୧୧ଟି ଲେଖାଏଁ ଛେଳି, ୯ଟି ମହିଳା ଦଳକୁ ୩୨ଟି ଲେଖାଏଁ ଛେଳି, ୫ଟି ମହିଳା ଦଳକୁ ୨୦୦୦ଟି ଲେଖାଏଁ କୁକୁଡା ପାଳନ କେନ୍ଦ୍ର ଓ ୨୭୦ ପରିବାରକୁ ୪୦ଟି ଲେଖାଏଁ କୁକୁଡା ପାଳନ ପାଇଁ ସହାୟତା ଦିଆଯାଇଛି ।



କ୍ଲଷ୍ଟର କୃଷି ଯୋଜନାରେ ୫୦ ଏକର ଜମିରେ ବାଇଗଣ ଚାଷ, ୩୦ ଏକର ଜମିରେ ବ୍ରକୋଲି, କ୍ୟାପ୍‌ସିକମ୍, ଓ ତରଭୂଜ ଚାଷ କରାଯାଇଛି । ୨୦ ଏକର ଜମିରେ ସପୁରୀ ଚାଷ, ୧୦ ଏକର ଜମିରେ ସଜନା ଚାଷ, ୨୦ ଏକର ଜମିରେ ଆଡ ଚାଷ କରାଯାଇଛି । ୩ଟି ସୌର ଚାଳିତ ପାୱାର ସ୍ପ୍ରେୟର, ୧୫୦ ଏକର ସୌର ବାଡ, ୮୦ଟି ସୌରଚାଳିତ ପମ୍ପ ଯୋଗାଇ ଦିଆଯାଇଛି ।

୩୬ ଜଣ ଯୁବ ଉଦ୍ୟୋଗୀଙ୍କୁ ଉଦ୍ୟୋଗ ବିକାଶ ନିମନ୍ତେ ପ୍ରତ୍ୟେକ ୧ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପାଣ୍ଠି ଯୋଗାଇ ଦିଆଯାଇଛି ।

## କାର୍ଯ୍ୟକ୍ରମର ପ୍ରଭାବ ଓ ଫଳାଫଳ

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଗାଁ ଗୁଡିକରେ କୃଷି, ଉଦ୍ୟାନ, ପଶୁପାଳନ, ବିଭିନ୍ନ କୌଳିକ ରୋଜଗାର ପନ୍ଥା ଓ କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା ଯୋଗୁଁ ଲୋକମାନଙ୍କର ରୋଜଗାର ବୃଦ୍ଧି ପାଇଛି ।

ଚାଷିମାନଙ୍କୁ ବିଭିନ୍ନ ଉନ୍ନତ କିସମର ଫସଲ ଚାଷ, କ୍ଲଷ୍ଟର ଭିତିକ ଚାଷ, ଆଧୁନିକ ପ୍ରଣାଳୀର ବୈଜ୍ଞାନିକ ପଦ୍ଧତିର କୃଷି ଓ ବଜାର ଭିତିକ କୃଷି ପାଇଁ ସହାୟତା ଦିଆଯାଇଛି ଏବଂ ଚାଷୀମାନେ ଏହା କରି ନିଜର ଆୟକୁ ବହୁଗୁଣିତ କରିପାରିଛନ୍ତି ।

ଫୁଲଚାଷ, ଷ୍ଟ୍ରବେରୀ ଚାଷ, ମିଠା ମକାଚାଷ, ବ୍ରକୋଲି, କ୍ୟାପ୍‌ସିକମ୍, ଡ୍ରାଗନ୍ ଫ୍ରୁଟ୍ ଆଦି ବଜାର ଉପଯୋଗୀ ଚାଷ କରି ଚାଷୀମାନେ ଅଧିକ ଲାଭବାନ ହୋଇପାରିଛନ୍ତି ।

କ୍ଷୁଦ୍ର ଜଳସେଚନ ଯୋଜନା, ଗଭୀର ସେଚକୂପ, ଡି.ବି.ଆଇ ଆଦି ଜଳସେଚଲ ପ୍ରକଳ୍ପ ମାଧ୍ୟମରେ ଜମି ଗୁଡିକୁ ଜଳସେଚିତ ବ୍ୟବସ୍ଥା କରାଯିବା ଦ୍ୱାରା କୃଷି ଉତ୍ପାଦନ ବୃଦ୍ଧି ପାଇଛି ।

ବ୍ୟକ୍ତିଗତ ଓ ଦଳଗତ ଭାବେ ଛେଳିଚାଷ, କୁକୁଡା ଚାଷ ଆଦି ପାଇଁ ସହାୟତା ଦିଆଯାଇଥିବାରୁ ଗ୍ରାମବାସୀ ମାନଙ୍କର ପଶୁପାଳନରୁ ଆୟବୃଦ୍ଧି ହୋଇଛି ।

ଯୁବ ଉଦ୍ୟୋଗୀ ସହାୟତା କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷିତ ଯୁବକ ଯୁବତୀ ମାନଙ୍କୁ ବିଭିନ୍ନ କ୍ଷୁଦ୍ର ଉଦ୍ୟୋଗ ପରିଚାଳନା ପାଇଁ ୧ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପାଇଛନ୍ତି ଏବଂ ସେମାନେ ସାଇକେଲ ମରାମତି ଦୋକାନ, ଗ୍ୟାରେଜ, କମ୍ପ୍ୟୁଟର ୍ସେଂଟର, ଜେରକ୍ସ ଦୋକାନ, କାଠକାମ, ଲୁହାକାମ, ସିଲେଇ କେନ୍ଦ୍ର, ସେଲୁନ୍, ମୂର୍ତୀ ନିର୍ମାଣ, ଖଲି ସିଲେଇ କେନ୍ଦ୍ର, ମୋବାଇଲ୍ ମରାମତି ଦୋକାନ ଆଦି ବିଭିନ୍ନ କ୍ଷୁଦ୍ର ଉଦ୍ୟୋଗ କରି ନିଯୁକ୍ତି ଓ ରୋଜଗାର ସୁଯୋଗ ପାଇଛନ୍ତି ।

ମହିଳା ଦଳ ସଦସ୍ୟା ମାନଙ୍କୁ ବିଭିନ୍ ରୋଜଗାର ବୃଦ୍ଧି କାର୍ଯ୍ୟକ୍ରମ ପରିଚାଳନା ପାଇଁ ତାଲିମ୍ ଦେଇ ଦକ୍ଷ କରାଯାଇଛି । ସେମାନେ ଛେଳିପାଳନ କେନ୍ଦ୍ର, କୁକୁଡା ପାଳନ କେନ୍ଦ୍ର, କୃଷି ଫାର୍ମ ଆଦି କରି ରୋଜଗାରକ୍ଷମ ହୋଇପାରିଛନ୍ତି । ସେହିପରି ଚାଷୀ ମାନଙ୍କୁ ଉନ୍ନତ ଚାଷ କୌଶଳ, ଜୈବିକ ଚାଷ, ଜୈବିକ ଖତସାର ପ୍ରସ୍ତୁତି ଆଦି ସଂପର୍କରେ ତାଲିମ୍ ଦିଆଯାଇଛି ।

ବିଧବା, ପରିତ୍ୟକ୍ତା ମହିଳା, ଭିନ୍ନକ୍ଷମ ଆଦି ପରିବାର ଗୁଡିକୁ ୨୫ ହଜାର ଟଙ୍କା ଲେଖାଏଁ ଜୀବିକା ସହାୟତା ଦିଆଯାଇଛି । ସେମାନେ ଘରୋଇ କିରାଣୀ ଦୋକାନ, ସିଲେଇ ଦୋକାନ, ଛୋଟ ବ୍ୟବସାୟ, ମହୁଚାଷ ଆଦି କରି ଆତ୍ମନିଯୁକ୍ତି ସୁଯୋଗ ପାଇଛନ୍ତି ।





# ଚାଷୀ ଉତ୍ପାଦକ କମ୍ପାନୀ

ଚାଷୀ ମାନଙ୍କୁ ବଜାର ସହ ଯୋଡିବା ପାଇଁ, ସେମାନଙ୍କ ଉତ୍ପାଦିତ ଫସଲ ଗୁଡିକର ପ୍ରକୃତ ମୂଲ୍ୟ ପାଇବା ପାଇଁ, ଚାଷୀ ମାନଙ୍କର ବଜାର ସଂପର୍କର ଜ୍ଞାନ, ତଥ୍ୟ ଓ ପରିଚାଳନାଗତ ଦକ୍ଷତା ବୃଦ୍ଧି ସହ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ଗୁଡିକର ବଜାର ବ୍ୟବସ୍ଥା ସହ ବଜାର ଉପଯୋଗୀ ଭିତିଭୂମିର ବିକାଶ ପାଇଁ ଚାଷୀ ଉତ୍ପାଦକ କମ୍ପାନୀ ମାନ ଗଢାଯାଉଛି । ସମବାୟ ଭିତିରେ କୃଷିଜାତ ଦ୍ରବ୍ୟର ବଜାର ସୁବିଧା ଓ କୃଷକ ସଂଗଠନ ଗୁଡିକର ସୁଦୃଢୀକରଣ ପାଇଁ ନାବାର୍ଡ ତଥା ବିଭିନ୍ନ ସରକାରୀ ଯୋଜନା ମାଧମରେ ଚାଷୀ ଉତ୍ପାଦକ ସଂଗଠନ ପରିଚାଳନା ଓ ସୃଦୃଢୀକରଣ ସହାୟତା ଦିଆଯାଉଛି ।

ସ୍ୱାତୀ ଦ୍ୱାରା କନ୍ଧମାଳ ଜିଲ୍ଲାର ବିଭିନ୍ନ ଅଂଚଳରେ ପାଂଚଟି ଚାଷୀ ଉତ୍ପାଦକ କମ୍ପାନୀ ଗଠନ କରାଯାଇଛି । ତୁମୁଡିବନ୍ଧ ଅଂଚଳରେ ସୁର୍ଗୀଭଟ୍ଟା ଚାଷୀ ଉତ୍ପାଦକ କମ୍ପାନୀ, ରାଇକିଆ ଅଂଚଳରେ ରାଇକିଆ ଚାଷୀ ଉତ୍ପାଦକ କମ୍ପାନୀ, ଜି ଉଦୟଗିରି ଗଡବିଶର ଉନ୍ନତି ଚାଷୀ ଉତ୍ପାଦକ କମ୍ପାନୀ, ଟିକାବାଲି ବ୍ଲକ୍ ଗୁଟିଙ୍ଗିଆର ଉଦ୍ୟୋଗୀ ଚାଷୀ ଉତ୍ପାଦକ କମ୍ପାନୀ ଏବଂ କ.ନୂଆଗାଁ ଅଂଚଳରେ ହାତୀଶାଳ ଚାଷୀ ଉତ୍ପାଦକ କମ୍ପାନୀ ଗଢାଯାଇଛି ।

## କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୂଖ୍ୟ

ଚାଷୀମାନଙ୍କୁ ସଂଗଠିତ କରି ସମବାୟ ଭିତ୍ତିକ ବଜାର ବ୍ୟବସ୍ଥା, ଉନ୍ନତ କୃଷିର ପ୍ରୟୋଗ, ବଜାର ଉପରେ ଚାଷୀର କର୍ତ୍ତୃତ୍ୱ ଜାହିର ଏବଂ ସରକାରୀ ସୁବିଧା ସୁଯୋଗ ହାସଲ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ । କାର୍ଯ୍ୟକ୍ରମ ମାଧମରେ ଚଷୀମାନଙ୍କୁ ନେଇ ଉତ୍ପାଦକ କମ୍ପାନୀ ଗଠନ, ତାହାର ପଂଜିକରଣ ଏବଂ ସଭ୍ୟରାଶି ସଂଗ୍ରହ, ଚାଷୀମାନଙ୍କ ଉତ୍ପାଦିତ ସାମଗ୍ରୀ ଗୁଡିକର ସଠିକ ବଜାର ବ୍ୟବସ୍ଥା, ଚାଷୀମାନଙ୍କ ସୁବିଧା ପାଇଁ ବିଭିନ୍ନ ସରକାରୀ ଯୋଜନା ଯଥା – ଜଳସେଚନ ବ୍ୟବସ୍ଥା, ସଂଗ୍ରହ କେନ୍ଦ୍ର, ଶୀତଳ ଭଣ୍ଡାର, ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା, କୃଷିବୀମା ଆଦି କରିବା ସହ କୃଷି ଓ ପାଣିପାଗ ସଂପର୍କିତ ସୂଚନା ପ୍ରଦାନ, ଉନ୍ନତ କୃଷି କୌଶଳ ସଂପର୍କିତ ପ୍ରଶିକ୍ଷଣ, ଚାଷୀ ମାନଙ୍କ ବୈଷୟିକ ଜ୍ଞାନ ବୃଦ୍ଧି ଏହାର ମୂଖ୍ୟ ଆଭିମୂଖ୍ୟ ।

## ୨୦୨୪ – ୨୫ ବର୍ଷର କାର୍ଯ୍ୟକ୍ରମ

୨୦୧୯ ମସିହାରେ ସ୍ଥାପିତ ହୋଇଥିବା ରାଇକିଆ ଚାଷୀ ଉତ୍ପାଦକ କମ୍ପାନୀରେ ସମୁଦାୟ ୩୬୭ଜଣ ସଭ୍ୟ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୨୦୩ ଜଣ ପୁରୁଷ ଓ ୧୬୪ ଜଣ ମହିଳା ଚାଷୀ ରହିଛନ୍ତି । ୧୨ଟି ପଂଚାୟତର





୧୩୦ଟି ଗାଁରେ ଏହା କାର୍ଯ୍ୟ କରୁଛି । ଏହି କମ୍ପାନୀ ମାଧମରେ ୧୨୧ ଜଣ ଚାଷୀଙ୍କୁ ବିଭିନ୍ନ କୃଷି ଯନ୍ତ୍ରପାତି ଯୋଗାଇ ଦିଆଯାଇଥିବାବେଳେ ୨୫୦ ଜଣ ଚାଷୀଙ୍କୁ ପରିବା ଓ ପୁଷ୍ଟି ଶସ୍ୟ ବିହନ ଯୋଗାଇ ଦିଆଯାଇଛି । ଚାଷୀ ମାନଙ୍କ ଉନ୍ନତୀ ପାଇଁ ଶ୍ରୀ ଅନ୍ନ ଅଭିଯାନ, ରାଜ୍ୟ କୃଷି ବିଭାଗ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବାଲିଗୁଡା ସହାୟତାରେ ବିଭିନ୍ନ କାର୍ଯ୍ୟକ୍ରମ ମାନ ଗ୍ରହଣ କରାଯାଇଛି ।

ଚଳିତ ବର୍ଷ ୬୦୦ କ୍ୱିଂଟାଲ୍ ମାଣ୍ଡିଆ, ୬୦୦ କ୍ୱିଂଟାଲ୍ ପରିବା, ୩୦୦ କ୍ୱିଂଟାଲ୍ ଡାଲି ଓ ବିଭିନ୍ନ ଫଳ ଏବ ୫୦୦ କ୍ୱିଂଟାଲ୍ ତେନ୍ତୁଳି ସଂଗ୍ରହ କରି ବିକ୍ରି କରାଯାଇଛି ।

ସେହିପରି ଟିକାବାଲି ଉଦ୍ୟୋଗୀ ଚାଷୀ ଉତ୍ପାଦକ କମ୍ପାନୀ ୧୧ଟି ପଂଚାୟତର ୭୫ଟି ଗାଁର ୪୦୦ ଚାଷୀଙ୍କୁ ନେଇ ଗଠିତ ହୋଇଛି । ଏହି କମ୍ପାନୀ ମାଧମରେ ଚାଷୀମାନଙ୍କୁ ଶସ୍ୟ ଅମଳ ଯନ୍ତ୍ର, ଶସ୍ୟ ଶୁଖାଇବା ପାଇଁ ପାଲ, ଚୁନା କଳ, ଘାସ ବଛା ଯନ୍ତ୍ର ଆଦି ବିଭିନ୍ନ କୃଷି ସରଞ୍ଜାମ ଯୋଗାଇ ଦିଆଯାଇଛି ।

ଚଳିତ ବର୍ଷ କମ୍ପାନୀ ଜରିଆରେ ଚାଷୀମାନଙ୍କ ଠାରୁ ୮୦୦ କ୍ୱିଂଟାଲ୍ ମାଣ୍ଡିଆ ଜାତିୟ ଶସ୍ୟ ସଂଗ୍ରହ ଓ ବିପଣନ କରାଯାଇଛି । ସେହିପରି ଆମ୍ବ ଓ ତେନ୍ତୁଳି ମଧ ସଂଗ୍ରହ କରାଯାଇ ବିକ୍ରି କରାଯାଇଛି ।

ତୁମୁଡିବନ୍ଧ ଅଂଚଳରେ ସୁର୍ଗାଭଟ୍ଟା ଚାଷୀ ଉତ୍ପାଦକ କମ୍ପାନୀ ଦ୍ୱାରା ଚାଷୀମାନଙ୍କ ଠାରୁ ଆମ୍ବ ଓ ତେନ୍ତୁଳି ସଂଗ୍ରହ କରି ବିକ୍ରି କରାଯାଇଛି ।

ଚାଷୀ ଉତ୍ପାଦକ କମ୍ପାନୀ ଗୁଡିକର ସଭ୍ୟସଭ୍ୟା ମାନଙ୍କୁ ନେଇ ପରିଚାଳନା ପରିଷଦ ବୈଠକ ମାନ କରାଯିବା ସହ ନୂଆ ସଭ୍ୟ ସଭ୍ୟା ସଂଗ୍ରହ, ସଭ୍ୟ ଚାନ୍ଦା ସଂଗ୍ରହ, ଚାଷୀମାନଙ୍କ ଉତ୍ପାଦିତ ଶସ୍ୟ ଓ ଫସଲର ବଜାର ବ୍ୟବସ୍ଥା, ସରକାରୀ ଫସଲ ବୀମା ଯୋଜନା ଏବଂ ବିଭିନ୍ନ କୃଷିଜାତ ଦ୍ରବ୍ୟ ଗୁଡିକର ନିର୍ଦ୍ଧାରିତ ସରକାରୀ ମୂଲ୍ୟ ସଂପର୍କରେ ଆଲୋଚନା ମାନ କରାଯାଇଛି ।

ଉତ୍ପାଦକ କମ୍ପାନୀ ଗୁଡିକର ସଭ୍ୟସଭ୍ୟା ମାନଙ୍କୁ ନେଇ ବିଭିନ୍ନ କର୍ମଶାଳା ଆୟୋଜନ କରାଯିବା ସହ ସେମାନଙ୍କୁ ସ୍ଥାନୀୟ କୃଷି ବିଭାଗ ଅଧିକାରୀ ମାନଙ୍କ ସହ ବିଭିନ୍ନ ଚାଷ ସମସ୍ୟା ନେଇ ଆଲୋଚନା କରାଇବା, ବଜାର ବ୍ୟବସ୍ଥା ଏବଂ ସେମାନଙ୍କର କୃଷିଜାତ ଦ୍ରବ୍ୟଗୁଡିକର ମୂଲ୍ୟାୟନ ସଂପର୍କରେ ଅବଗତ କରାଇବା, ବିଭିନ୍ନ ବଜାର କୌଶଳ ସଂପର୍କରେ ଅବଗତ କରାଇବା ଆଦି ଦିଗରେ ଦକ୍ଷ କରାଯାଇଛି ।

ରାଇକିଆ ଚାଷୀ ଉତ୍ପାଦକ କମ୍ପାନୀ ଦ୍ୱାରା ବ୍ଲକ୍‌ରେ ଚାଲୁଥିବା ସମନ୍ୱିତ କୃଷି କାର୍ଯ୍ୟକ୍ରମ ପାଇଁ ହିତାଧିକାରୀ ଚୟନ ତଥା କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ ଦିଆଯାଉଛି । ଚାଷୀ ମାନଙ୍କୁ ସମନ୍ୱିତ କୃଷି, ଛେଳିପାଳନ ଓ କୁକୁଡା ପାଳନ ପ୍ରଶିକ୍ଷଣ ବ୍ୟବସ୍ଥା କରାଯାଇଛି ।

ଉଦ୍ୟୋଗୀ ଚାଷୀ ଉତ୍ପାଦକ କମ୍ପାନୀ ଓ ରାଇକିଆ ଚାଷୀ ଉତ୍ପାଦକ କମ୍ପାନୀ ଦ୍ୱାରା ଚାଷୀମାନଙ୍କୁ ଜୈବିକ ଖତସାର ପ୍ରସ୍ତୁତି ପ୍ରଶିକ୍ଷଣ ଦିଆଯାଇଛି । ଚାଷୀମାନେ ଜୈବିକ ପ୍ରଣାଳୀରେ ମାଂଡିଆ ଜାତିୟ ଶସ୍ୟ ଚାଷ କରୁଛନ୍ତି ଏବଂ ନିଜେ ଜୈବିକ ଖତସାର ଉତ୍ପାଦନ କରୁଛନ୍ତି । ଚାଷୀମାନଙ୍କ ସହାୟତା ନିମନ୍ତେ ୪ଟି ଜୈବିକ ଖତ ଉତ୍ପାଦନ କେନ୍ଦ୍ର ଖୋଲା ଯାଇଛି । ଚାଷୀମାନେ ଏଠାରୁ ସ୍ୱଳ୍ପ ମୂଲ୍ୟରେ ଜିଆ ଖତ, ଜୈବିକ ପଂଚାମୃତ, ଜିଆ ଜଳସାର, ତରଳସାର ଆଦି ଖତସାର ପାଉଛନ୍ତି ।

ରାଇକିଆ ଚାଷୀ ଉତ୍ପାଦକ କମ୍ପାନୀ, ଜି ଉଦୟଗିରି ଗଡବିଶର ଉନ୍ନତି ଚାଷୀ ଉତ୍ପାଦକ କମ୍ପାନୀ, ଟିକାବାଲିର ଉଦ୍ୟୋଗୀ ଚାଷୀ ଉତ୍ପାଦକ କମ୍ପାନୀ ଏବଂ କ.ନୂଆଗାଁ ଅଂଚଳର ହାତୀଶାଳ ଚାଷୀ ଉତ୍ପାଦକ କମ୍ପାନୀ ଦ୍ୱାରା ଚାଷୀମାନଙ୍କୁ ଜୈବିକ ପରିବା ଚାଷ, ପରିବା ଚାଷରେ ଟ୍ରେଲିସ୍ କୌଶଳ, ସମନ୍ୱିତ କୃଷି କୌଶଳ, ଶ୍ରୀ ପ୍ରଣାଳୀ ଧାନଚାଷ ଆଦି ସଂପର୍କରେ ସଚେତନ କରାଯାଇଛି ।

## ପ୍ରଭାବ ଓ ସଫଳତା

ଚାଷୀ ଉତ୍ପାଦକ କମ୍ପାନୀ ଗୁଡିକ ଅଂଚଳରେ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛନ୍ତି । ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ଯୋଜନା ପରିଚାଳନାରେ ସେମାନଙ୍କୁ ଅଗ୍ରାଧିକାର ମିଳୁଛି ।

ଏଥିରେ ସାମିଲ ହେବାଦ୍ୱାରା ଚାଷୀମାନଙ୍କ ସାଂଗଠନିକ ଦୃଢତା ବଢିଛି । ଏହା ମାଧ୍ୟମରେ ସେମାନେ ଚାଷୀ ସହାୟତା ହାସଲ କରିବା, ନିଜର ସୁବିଧା ଅସୁବିଧାକୁ ସରକାରଙ୍କ ନଜରକୁ ଆଣିବା ଏବଂ ଚାଷୀ ଅଧିକାର ହାସଲ ପାଇଁ ଏକ ଉପଯୁକ୍ତ ମଂଚ ପାଇ ପାରିଛନ୍ତି ।

ଉତ୍ପାଦକ କମ୍ପାନୀ ମାଧ୍ୟମରେ ସେମାନେ ନିଜର ଫସଲ ଗୁଡିକ ଉପଯୁକ୍ତ ମୂଲ୍ୟରେ ବିକ୍ରି କରିବାର ବ୍ୟବସ୍ଥା କରୁଛନ୍ତି । ଟିକାବାଲି ଉଦ୍ୟୋଗୀ ଚାଷୀ ଉତ୍ପାଦକ କମ୍ପାନୀ ଓ ରାଇକିଆ ଚାଷୀ ଉତ୍ପାଦକ କମ୍ପାନୀ ଅଂଚଳର ଚାଷୀ ମାନଙ୍କର ଉତ୍ପାଦିତ ମାଣ୍ଡିଆ ଜାତିୟ ଶସ୍ୟର ସରକାରୀ ମଣ୍ଡିରେ ବିକ୍ରୟ ପାଇଁ ସହାୟତା କରୁଥିବାରୁ ଚାଷୀମାନେ ସଠିକ ମୂଲ୍ୟ ପାଇ ପାରୁଛନ୍ତି ।

ଉତ୍ପାଦକ କମ୍ପାନୀ ଗୁଡିକ ଦ୍ୱାରା ପ୍ରସାରିତ ଜୈବିକ ଖତସାର ପ୍ରସ୍ତୁତି ଓ ପ୍ରୟୋଗ ଯୋଗୁଁ ଅଂଚଳରେ ଜୈବିକ କୃଷି ବୃଦ୍ଧି ପାଇଛି । କୃଷି ବିଭାଗ ସହିତ ସଂପର୍କ ସ୍ଥାପନ ବ୍ୟବସ୍ଥା କରାଯାଉଥିବାରୁ ଚାଷୀମାନେ କୃଷି ଯୋଜନା ସଂପର୍କିତ ବିଭିନ୍ନ ତଥ୍ୟ ହାସ କରିପାରୁଛନ୍ତି ।

ଅଂଚଳରେ କୃଷିଜାତ ଦ୍ରବ୍ୟସହ ଅନେକ ଜଙ୍ଗଲଜାତ ଦ୍ରବ୍ୟ ଉପଲବ୍ଧ ହେଉଥିବାରୁ ଆଗକୁ ସେସବୁର ବଜାର ବ୍ୟବସ୍ଥା ପାଇଁ ଉତ୍ପାଦକ କମ୍ପାନୀ ଗୁଡିକ ମଧ ଉଦ୍ୟମ ଆରମ୍ଭ କରିଛନ୍ତି ।

## ପଶୁ ସଂପଦ ବିକାଶ କାର୍ଯ୍ୟକ୍ରମ

ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପଶୁ ସଂପଦ ବିକାଶ କାର୍ଯ୍ୟକ୍ରମରେ ପଶୁ ସଂପଦର ବିକାଶ ତଥା ଚାଷୀ ମାନଙ୍କୁ ପଶୁ ସଂପଦରୁ ରୋଜଗାର ବୃଦ୍ଧି ପାଇଁ ଗୁରୁତ୍ୱ ଦିଆହୋଇ ଆସୁଛି । ବିଭିନ୍ନ ଯୋଜନା ଗୁଡିକ ସମନ୍ୱୟରେ ଚାଷୀମାନଙ୍କୁ ବିଭିନ୍ନ ଗୃହପାଳିତ ପଶୁ, ଗାଇ, ମଇଁଷି, ମେଣ୍ଢା, ଛେଳି, ଘୁଷୁରୀ ଆଦି ସହ କୁକୁଡା, ବତକ ଆଦି ପାଳନ ପାଇଁ ସହାୟତା ଦିଆଯାଉଛି ଏବଂ ସେଗୁଡିକୁ ପାଳନ କରିବା ପାଇଁ ଆବଶ୍ୟକୀୟ ପ୍ରଶିକ୍ଷଣ ମଧ ଦିଆଯାଉଛି । ସୁବର୍ଣ୍ଣପୁର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଏହି କାର୍ଯ୍ୟକ୍ରମର ପରିଚାଳନା କରୁଛି ସ୍ୱାତୀ ।

ଏହି କାର୍ଯ୍ୟକ୍ରମ ଜିଲ୍ଲାର ୧୦୯ଟି ଗ୍ରାମ ପଂଚାୟତ ଅଧିନସ୍ଥ ୯୬୩ଟି ଗାଁରେ କାର୍ଯ୍ୟକାରୀ କରାଯାଉଛି । ଏହି ଗାଁ ଗୁଡିକରେ ସମୁଦାୟ ୧୦୬୧୩୭ ଗୋ ସଂପଦ, ୨୫୧୦ ମଇଁଷି, ୪୩୩୦୭ ମେଣ୍ଢା, ୯୮୭୮୫ ଛେଳି ଓ ୧୬୨ ଘୁଷୁରୀ ରହିଛନ୍ତି । ଏଥିରେ ଏନ୍.ଏ.ଆଇ.ପି କାର୍ଯ୍ୟକ୍ରମ, ଜାତୀୟ ପଶୁରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ମରୁଡି ଅଂଚଳ ଉନ୍ନୟନ ପ୍ରକଳ୍ପ, ମୁଖ୍ୟମନ୍ତ୍ରୀ କୃଷୀ ଉଦ୍ୟୋଗ ଯୋଜନା ଆଦି ମାଧ୍ୟମରେ ଘରୋଇ କୁକୁଡା ପାଳନ, ଘରୋଇ ବତକ ପାଳନ, ବ୍ରଏଲର୍ କୁକୁଡା ଫାର୍ମ (ବ୍ୟକ୍ତିବିଶେଷ ୫୦୦ଟି ଓ ମହିଳାଦଳ ଗୁଡିକୁ ୨୦୦୦),ଲେୟାର କୁକୁଡା ପାଳନ, ଛେଳି ପାଳନ, ବତକ ଫାର୍ମ, ମଇଁଷି ପାଳନ, ଘୁଷୁରୀ ପାଳନ, ପଶୁଖାଦ୍ୟ ଓ ଆଜୋଲା ଚାଷ, ପଶୁପକ୍ଷୀଙ୍କ ବୀମା ଆଦି କାର୍ଯ୍ୟକ୍ରମ ମାନ କରାଯାଇଛି ।

ଚଳିତ ବର୍ଷ ବିଭିନ୍ନ ସରକାରଙ୍କ ପଶୁପାଳନ ଯୋଜନା ଓ ସେବା ସଂପର୍କିତ ବିଷୟ ଗୁଡିକ ସଂପର୍କରେ ଚାଷୀମାନଙ୍କୁ ସଚେତନ କରାଯାଇଛି । ଚାଷୀମାନଙ୍କୁ ଅଧିକ ସୁଫଳ ଦେବା ପାଇଁ ଅନ୍ୟ ପଶୁସଂପଦ ବିକାଶ ଯୋଜନା ସହ ସମନ୍ୱୟ କରି କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ଉତ୍ସାହିତ କରାଯାଇଛି ।

ସ୍ଥାନୀୟ ପଶୁସଂପଦ ବିଭାଗ ସହିତ ସମନ୍ୱୟ ରଖି ପଶୁ ମାନଙ୍କ ଟୀକାକରଣ, ଋତୁକାଳୀନ ପଶୁ ଚିକିତ୍ସା ବ୍ୟବସ୍ଥା, ପଶୁଖାଦ୍ୟ ଉତ୍ପାଦନ ପାଇଁ ବ୍ୟବସ୍ଥା, ପଶୁପାଳନ ଓ ଗୁହାଳ ତିଆରି ଆଦି ସଂପର୍କରେ କୃଷକ ମାନଙ୍କୁ ପ୍ରଶିକ୍ଷଣ ଦେବା କାର୍ଯ୍ୟକ୍ରମ ଗୁଡିକ କରାଯାଇଛି ।



# ସୁସ୍ଥ ଜୀବନ ଓ ସ୍ୱାସ୍ଥ୍ୟସେବା

ସୁସ୍ଥ ଜୀବନ ଓ ସ୍ୱାସ୍ଥ୍ୟସେବା ବିକାଶର ଏକ ମୁଖ୍ୟ ଦିଗ ହୋଇଥିବାରୁ ଚିରନ୍ତନ ବିକାଶ ଲକ୍ଷ୍ୟ – ୩ରେ ଏହାକୁ ସ୍ଥାନୀତ କରାଯାଇଛି । ଗୋଷ୍ଠୀ ବିକାଶରେ ଜୀବନଜୀବିକା ପରି ଗୋଷ୍ଠୀ ସ୍ୱାସ୍ଥ୍ୟର ମଧ୍ୟ ପ୍ରମୁଖ ଭୂମିକା ରହିଛି ଏବଂ ଗୋଷ୍ଠୀର ମୌଳିକ ଆବଶ୍ୟକତା ଭିତରୁ ସ୍ୱାସ୍ଥ୍ୟସେବା ପ୍ରଧାନ । ସ୍ୱାତୀ ମଧ୍ୟ ଏହି ଦିଗ ଉପରେ ଗୁରୁତ୍ୱ ଦେଇ ପ୍ରତିଷ୍ଠା ସମୟରୁ ହିଁ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ପ୍ରଦାନ କରିଆସିଛି । ପ୍ରଥମରୁ ଏହା ସ୍ୱାସ୍ଥ୍ୟ ସଂପର୍କିତ ଗୋଷ୍ଠୀ ସଚେତନତା ଓ ବିଭାଗୀୟ କାର୍ଯ୍ୟକ୍ରମକୁ ପହଂଚାଇବାରେ ସହାୟତା କରୁଥିବାବେଳେ ପରବର୍ତ୍ତୀ ସମୟରେ ଏହା ବିଭିନ୍ନ ସ୍ୱାସ୍ଥ୍ୟ ପ୍ରକଳ୍ପ ମାନ କାର୍ଯ୍ୟକାରୀ କରିଆସୁଛି ।

ବିଗତ ବର୍ଷ ଗୁଡିକରେ ଗୋଷ୍ଠୀ ସ୍ୱାସ୍ଥ୍ୟର ଉନ୍ନତୀ ପାଇଁ ସ୍ୱାତୀ ଅନେକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଗ୍ରହଣ କରିଛି । ସ୍ୱାସ୍ଥ୍ୟସେବବାରେ ସରକାରୀ ବିଭାଗର ପ୍ରମୁଖ ଦାୟିତ୍ୱ ରହିଥିବାରୁ ସରକାରୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଗୁଡିକ ଗାଁ ସ୍ତରରେ ପହଂଚାଇବାରେ ଅନୁଷ୍ଠାନ ପଦକ୍ଷେପ ନେଇଥିବାବେଳେ ବିଭିନ୍ନ ବେସରକାରୀ ଅନୁଦାନ ଗ୍ରହଣ କରି ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାନ ମଧ୍ୟ ଗ୍ରହଣ କରିଛି । ଗୋଷ୍ଠୀ ମାଲେରିଆ ନିରାକରଣ ଓ ସଚେତନତା କାର୍ଯ୍ୟକ୍ରମ, ନବଜାତ ଶିଶୁସ୍ୱାସ୍ଥ୍ୟ ଓ ପୁଷ୍ଟି କାର୍ଯ୍ୟକ୍ରମ (ଏମ୍.ଏନ୍.ସି.ଏଚ୍.ଏନ), ମାତୃଗୃହ, ଭି-୪ ସବ୍‌ସେଣ୍ଟର କାର୍ଯ୍ୟକ୍ରମ, ଏଡ୍‌ସ ନିରାକରଣ ଓ ଟାର୍ଗେଟେଡ୍ ଇଂଟର୍‌ଭେନ୍‌ସନ୍, ତୃତୀୟଲିଙ୍ଗୀ  ଓ କିନ୍ନର ମାନଙ୍କ ପାଇଁ ପେହେଚାନ୍, ପାଇଖାନା ପ୍ରସ୍ତୁତି ସାମଗ୍ରୀ ଓ କୌଶଳଗତ ତାଲିମ୍ ପାଇଁ ପରିମଳ ପ୍ରତିଷ୍ଠାନ, ଗୋଷ୍ଠୀ ସଂଚାଳିତ ପରିମଳ କାର୍ଯ୍ୟକ୍ରମ, ସ୍ୱଚ୍ଛ ଭାରତ ଅଭିଯାନ, ଘରୋଇ ବର୍ଜ୍ୟ ପରିଚାଳନା ଏବଂ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ଡି.ବି.ଆଇ ଜଳଯୋଗାଣ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିଛି ।

ଚଳିତ ବର୍ଷ  ସ୍ୱାତୀ ଦ୍ୱାରା କନ୍ଧମାଳ ଜିଲ୍ଲାରେ ଫିରିଙ୍ଗିଆ, ଟିକାବାଲି ଓ କ.ନୂଆଗାଁ ବ୍ଲକ୍ ଅଂଚଳରେ ଗର୍ଭବତୀ ମହିଳା ମାନଙ୍କ ଡାକ୍ତରୀ ପ୍ରସବ ସୁବିଧା ପାଇଁ ମା ଗୃହ ପରିଚାଳନା,ଏଡ୍‌ସ ନିରାକରଣ କାର୍ଯ୍ୟକ୍ରମ ଟାର୍ଗେଟେଡ୍ ଇଂଟର୍‌ଭେନ୍‌ସ, ଫିରିଙ୍ଗିଆ ବ୍ଲକ୍ ଅଂଚଳରେ କିଶୋର ଓ ଶିଶୁସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ - ପ୍ରାକ୍‌ଦୀପ୍, ଟିକାବାଲି ଓ କ.ନୂଆଗାଁ ବ୍ଲକ୍ ଅଂଚଳରେ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ରାଇକିଆ, ଫିରିଙ୍ଗିଆ, ସାରଙ୍ଗଡ ଓ ବେଲଘର ଅଂଚଳରେ ଭ୍ରାମ୍ୟମାଣ ପ୍ରସବ ଯାନ (ଡେଲିଭରି ଭ୍ୟାନ୍), ଫିରିଙ୍ଗିଆ ବ୍ଲକ୍‌ରେ ବାଇକ୍ ଆମ୍ବୁଲାନ୍ସ ଗରୁଡ, ଆଦି କାର୍ଯ୍ୟକ୍ରମ ମାନ ଚାଲୁରହିଛି ।




## ମା ଗୃହ ( ମାଟର୍ନିଟି ୱେଟିଂ ହୋମ୍)

ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ମାଧମରେ ରାଜ୍ୟ ସରକାରଙ୍କ ଦ୍ୱାରା ଦୁର୍ଗମ ଓ ଆଭ୍ୟନ୍ତରୀଣ ଅଂଚଳ ଗୁଡିକରେ ନିରାପଦ ମାତୃତ୍ୱ ଏବଂ ଡାକ୍ତରୀ ପ୍ରସବ ସୁବିଧା ଯୋଗାଇ ଦେବାକୁ ପ୍ରସବକାଳୀନ ଆବାସିକ ଗୃହ ବା ମା ଗୃହ ଯୋଜନା କାର୍ଯ୍ୟକାରି କରାହୋଇ ଆସୁଛି । ଦୁର୍ଗମ ଆଦିବାସୀ ବହୁଳ ଅଂଚଳ ଗୁଡିକରେ ଗମନାଗମନର ଦୁର୍ଗମତା, ରାସ୍ତା ଓ ପରିବହନ ସୁବିଧାର ଅଭାବ, ଡାକ୍ତରୀ ଖର୍ଚ୍ଚ ପ୍ରତି ଭୟ ଏବଂ ସଚେତନତାର ଅଭାବ ଯୋଗୁଁ ଡାକ୍ତରୀ ପ୍ରସବ ହାର କମ୍ ରହୁଥିବାବେଳେ ମାତୃ ଓ ଶିଶୁ ମୃତ୍ୟୁହାର ଅଧିକ ରହୁଛି । । ଏହି ଅସୁବିଧାକୁ ସୁଧାରିବା ପାଇଁ ଦୁର୍ଗମ ଓ ଯୋଗାଯୋଗ ଅସୁବିଧା ଥିବା ଗାଁ ଗୁଡିକରୁ ଗର୍ଭବତୀ ମହିଳା ମାନଙ୍କୁ ପ୍ରସବ ସମୟ ପୂର୍ବରୁ ଅଣାଯାଇ ଏଠାରେ ଆବାସିକ ଗୃହରେ ରଖାଯାଇ ତାଙ୍କର ଖାଦ୍ୟ ଓ ସ୍ୱାସ୍ଥ୍ୟର ଯତ୍ନ ନିଆଯାଇଥାଏ ଏବଂ ଡାକ୍ତରୀ ପ୍ରସବ ସେବା ଯୋଗାଇ ଦିଆ ଯାଇଥାଏ । ସନ୍ତାନ ପ୍ରସବ ପରେ ସେମାନେ ଗାଁକୁ ଫେରିଥାନ୍ତି ।

ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ସହାୟତାରେ ସ୍ୱାତୀ ଦ୍ୱାରା ୨୦୧୩ ମସିହାରୁ ଫିରିଙ୍ଗିଆ ବ୍ଲକ୍ର ବାଲନ୍ଦାପଡା ଠାରେ ଏକ ମା ଗୃହ କାର୍ଯ୍ୟକ୍ଷମ ଥିବାବେଳେ ୨୦୨୦ ମସିହାରୁ କ.ନୂଆଗାଁ ଅନ୍ତର୍ଗତ କଟ୍ରିଙ୍ଗିଆ ଏବଂ ଟିକାବାଲି ବ୍ଲକ୍ର ଟିକାବାଲି ଠାରେ ଆଉ ଦୁଇଟି ମା ଗୃହ ପରିଚାଳନା କରାଯାଉଛି ।

ମା ଗୃହ ସଂପର୍କିତ ତଥ୍ୟ

| ମା ଗୃହର ସ୍ଥାନ | ବ୍ଲକ୍ର ନାମ | ସ୍ଥାପନ ବର୍ଷ | ପଂଚାୟତ ସଂଖ୍ୟା | ଗ୍ରାମ ସଂଖ୍ୟା | ପରିବାର | ଲୋକସଂଖ୍ୟା |
|---|---|---|---|---|---|---|
| **ବାଲନ୍ଦାପଡା** | ଫିରିଙ୍ଗିଆ | ୨୦୧୩ | ୬ | ୧୧୯ | ୬୯୪୦ | ୨୧୦୦୦ |
| **କାଟ୍ରିଙ୍ଗିଆ** | ଫୁଲବାଣୀ | ୨୦୨୦ | ୮ | ୨୨୪ | ୭୨୪୧ | ୩୪୦୦୦ |
| **ଟିକାବାଲି** | ଟିକାବାଲି | ୨୦୨୦ | ୧୧ | ୧୨୫ | ୬୮୩୯ | ୩୨୦୦୦ |





## କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ

ଦୁର୍ଗମ ଗାଁ ଗୁଡିକର ଗର୍ଭବତୀ ମାନଙ୍କୁ ଡାକ୍ତରୀ ପ୍ରସବ ସେବା ଯୋଗଇ ଦେବା ଏବଂ ମାତୃ ଓ ଶିଶୁ ମୃତ୍ୟୁହାର ରୋକିବା ଏହି ଯୋଜନାର ମୂଖ୍ୟ ଲକ୍ଷ୍ୟ ।

ଦୁର୍ଗମ ଅଂଚଳରେ ଶତ ପ୍ରତିଶତ ଆନୁଷ୍ଠାନିକ ପ୍ରସବକୁ ସୁନିଶ୍ଚିତ କରିବା, ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ କରିବା, ଆନୁଷ୍ଠାନିକ ପ୍ରସବକୁ ସୁନିଶ୍ଚିତ କରିବାପାଇଁ ଅପହଂଚ କ୍ଷେତ୍ର ଗୁଡିକ ନିମନ୍ତେ ବିକଳ୍ପ ସହାୟତା ସେବା ବ୍ୟବସ୍ଥା କରିବା, ମାତୃ ଓ ଶିଶୁ ସେବା ପ୍ରତି ଗ୍ରାମାଂଚଳରେ ରହିଆସିଥିବା ପାରଂପରିକ ଅନିଷ୍ଟକାରୀ ଆଚରଣ ଓ ଅଭ୍ୟାସ ଗୁଡିକୁ ପରିବର୍ତନ କରିବା, ଲୋକମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ଓ ଶିକ୍ଷା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ଆନୁଷ୍ଠାନିକ ପ୍ରସବ ପ୍ରତି ଗୋଷ୍ଠୀକୁ ସଚେତନ କରାଇବା ଏବଂ ଆକୃଷ୍ଟ କରାଇବା, ପ୍ରସବ ସମୟ ପୂର୍ବରୁ ଗର୍ଭବତୀ ମାନଙ୍କୁ ମା ଗୃହକୁ ସ୍ଥାନାନ୍ତର କରିବା, ମା ଗୃହରେ ପୁଷ୍ଟିକର ଖାଦ୍ୟ, ସୁସ୍ଥ ରହଣୀ ଓ ସ୍ୱାସ୍ଥ୍ୟ ସେବା ଯୋଗଇ ଦେବା ଏବଂ ଡାକ୍ତରଖାନା ବା ପ୍ରଶିକ୍ଷିତ ନର୍ସଙ୍କ ମାଧମରେ ନିରାପଦ ପ୍ରସବ କରାଇବା ଆଦି ଏହି କାର୍ଯ୍ୟକ୍ରମର ମୁଖ୍ୟ ଆଭିମୂଖ୍ୟ ।

## ୨୦୨୪-୨୫ବର୍ଷରେ ହୋଇଥିବା କାର୍ଯ୍ୟ

ପ୍ରସବ କାଳୀନ ଆବାସିକ କେନ୍ଦ୍ର ହିସାବରେ ମା ଗୃହ ଗୁଡିକୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ସହ ସମନ୍ୱୟ ରକ୍ଷା କରି ପରିଚାଳନା କରାଯାଉଛି । ବାଲନ୍ଦାପଡା ମା ଗୃହଟି ସ୍ୱାସ୍ଥ୍ୟ କେନ୍ଦ୍ରର ପରିସରରେ ରହିଥିବା ବେଳେ ଅନ୍ୟ ୨ଟି କେନ୍ଦ୍ର ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସହଜରେ ପହଂଚିବା ପରି ସ୍ଥାନରେ ରହିଛି । ପ୍ରତି କେନ୍ଦ୍ରରେ ଜଣେ ଏ.ଏନ୍.ଏମ୍, ୩ ଜଣ ସ୍ୱାସ୍ଥ୍ୟ ସେବିକା , ଜଣେ ରାନ୍ଧୁଣିଆ ସେବିକା ରହିଛନ୍ତି ।

### ମା ଗୃହ ଗୁଡିକରେ ଚଳିତ ବର୍ଷ ହୋଇଥିବା କାର୍ଯ୍ୟକ୍ରମ

| କାର୍ଯ୍ୟକ୍ରମ | ବାଲନ୍ଦାପଡା | କାଟିଙ୍ଗିଆ | ଟିକାବାଲି |
|---|---|---|---|
| **ସମୁଦାୟ ପଂଜିକୃତ ଗର୍ଭବତୀଙ୍କ ସଂଖ୍ୟା** | ୩୮୬ | ୩୭୫ | ୪୧୬ |
| **ହାରାହାରି ଦୂରତା** | ୧୩ କି.ମି | ୧୫ କି.ମି | ୧୬ କି.ମି |
| **ହାରାହାରି ରହଣୀ ସମୟ** | ୯ ଦିନ | ୮ ଦିନ | ୯ ଦିନ |
| **ଡାକ୍ତରଖାନା ପ୍ରସବ** | ୩୫୬ | ୩୭୧ | ୩୮୮ |
| **ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ପ୍ରସବ** | ୧୦ | ୦୪ | ୧୮ |
| **ସାଧାରଣ ପ୍ରସବ** | ୩୫୨ | ୩୬୮ | ୩୯୦ |
| **ଅସ୍ତ୍ରୋପଚାର** | ୧୪ | ୭ | ୧୬ |
| **ମୃତ ଶିଶୁ ପ୍ରସବ** | ୦୯ | ୦୧ | ୦୬ |





ଏ.ଏନ୍.ଏମ୍, ଓ ସ୍ୱାସ୍ଥ୍ୟ ସେବିକା ମାନେ ଗାଁଗୁଡିକୁ ଯାଇ ଗୋଷ୍ଠୀ ସଦସ୍ୟ, ପରିବାର ଓ ଗର୍ଭବତୀ ମାନଙ୍କୁ ଡାକ୍ତରୀ ପ୍ରସବ ପାଇଁ ସଚେତନ କରିବା, ପ୍ରସବ ସମୟ ପୂର୍ବରୁ ଗର୍ଭବତୀମାନଙ୍କୁ ମା ଗୃହକୁ ଆଣିବା, ମା ଗୃହରେ ଗର୍ଭବତୀମାନଙ୍କୁ ଡାକ୍ତରୀ ପରାମର୍ଶ ସହ ସମସ୍ତ ପ୍ରସବକାଳୀନ ସୁବିଧା ସୁଯୋଗ ଦେବା, ଅଭିଜ୍ଞ ଡାକ୍ତର ଓ ଧାଈମାନଙ୍କ ଦ୍ୱାରା ପ୍ରସବ କରାଇବା, ଶିଶୁର ଯତ୍ନ ସଂପର୍କରେ ମାଆ ମାନଙ୍କୁ ଶିକ୍ଷା ଦେବା ଏବଂ ମାଆ ଓ ଶିଶୁର ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ସହିତ ଗ୍ରାମ ଗୁଡିକୁ ଯାଇ ପରିବାର ସଦସ୍ୟ ମାନଙ୍କୁ ଆନୁଷ୍ଠାନିକ ପ୍ରସବ ସଂପର୍କରେ ସଚେତନ କରୁଛନ୍ତି । ମା ଗୃହରେ ଗର୍ଭବତୀ ଓ ତାଙ୍କର ଜଣେ ପରିବାର ସଦସ୍ୟଙ୍କ ରହଣିର ବ୍ୟବସ୍ଥା ରହିଛି । ସେଠାରେ ଗର୍ଭବତୀ ମାନଙ୍କୁ ସନ୍ତୁଳିତ ପୁଷ୍ଟିକର ଆହାର, ସୁସ୍ଥ ରହଣି ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ଆବଶ୍ୟକୀୟ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି ।

ଚଳିତ ବର୍ଷ ବାଲନ୍ଦାପଡା ସ୍ଥିତ ମା ଗୃହରେ ୩୮୬ ଜଣ ଗର୍ଭବତୀ ମହିଳା ପଞ୍ଜିକୃତ ହୋଇଥିବାବେଳେ ଟିକାବାଲିରେ ୪୧୬ ଜଣ ଏବଂ କାଟିଙ୍ଗିଆରେ ୩୭୫ ଜଣ ଗର୍ଭବତୀ ମହିଳା ପଞ୍ଜିକୃତ ହୋଇଥିଲେ । ସେମାନେ ସମସ୍ତେ ଆନୁଷ୍ଠାନିକ ପ୍ରସବ ସୁବିଧା ପାଇଛନ୍ତି । ୩ଟି ଯାକ ମାଗୃହରେ ଜନ୍ମିତ ୧୧୪୭ ଜଣ ନବଜାତଙ୍କ ମଧ୍ୟରୁ ୧୪ ଜଣ ମୃତ ଶିଶୁ ଜନ୍ମ ହୋଇଛନ୍ତି ।

ମା ଗୃହ କର୍ମୀମାନେ ଗ୍ରାମ ଗୁଡିକୁ ଯାଇ ନବଜାତ ଶିଶୁ ଓ ମା ମାନଙ୍କ ସ୍ୱାସ୍ଥ୍ୟବସ୍ଥା ତଦାରଖ କରିବା ସହ ପରିବାର ସଦସ୍ୟଙ୍କୁ ସେମାନଙ୍କ ଖାଦ୍ୟ ଓ ଯତ୍ନ ସଂପର୍କରେ ପରାମର୍ଶ ଦେଇଛନ୍ତି । ସେମାନେ ଗାଁ ଗାଁ ବୁଲି ପ୍ରସୂତି ମହିଳା ମାନଙ୍କୁ ଶିଶୁର ଯତ୍ନ ଏବଂ ସୁସ୍ଥତା ସଂପର୍କରେ ଏବଂ ପରିବାର ଲୋକଙ୍କୁ ମାଆ ଓ ଶିଶୁର ଯତ୍ନ ସଂପର୍କରେ ବୁଝାଇଛନ୍ତି ।

ମାଗୃହ ତରଫରୁ ଗାଁ ଗୁଡିକରେ ଅଙ୍ଗନବାଡି ଓ ଆଶା କର୍ମୀ ମାନଙ୍କ ସହାୟତାରେ ମାତୃ ସମ୍ମିଳନୀ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସଂପର୍କିତ ଆଲୋଚନା ଏବଂ ପ୍ରସୁତି ଓ ଗର୍ଭବତୀମାନଙ୍କ ପୁଷ୍ଟିର ସୁରକ୍ଷା ସଂପର୍କୀତ ଆଲୋଚନା ଶିବିର ମାନ କରାଯାଇଛି ।

ମା ଗୃହ କର୍ମୀମାନେ ଅଙ୍ଗନବାଡି ସ୍ତରରେ ହେଉଥିବା ମମତା ଦିବସ ଗୁଡିକରେ ଉପସ୍ଥିତ ରହି ମା ଗୃହରେ ମିଳୁଥିବା ସୁବିଧା ସୁଯୋଗ ଗୁଡିକ ବିଷୟରେ ବୁଝାଇବା ସହ ଗର୍ଭବତୀ ମାନଙ୍କୁ ପ୍ରସବ ପୂର୍ବରୁ ପଂଜିକୃତ କରିବାକୁ ବୁଝାଇଛନ୍ତି ।







ଗାଁ ଗୁଡିକରେ ମହିଳାମାନଙ୍କ ପୁଷ୍ଟିର ସୁରକ୍ଷା ପାଇଁ ଘରବାଡିରେ ସବୁଜ ପରିବା ବଗିଚା ପାଇଁ ଗ୍ରାମବାସୀମାନଙ୍କୁ ଉତ୍ସାହିତ କରାଯାଇଛି । ଗର୍ଭବତୀ ଓ ପ୍ରସୁତି ମହିଳା ପରିବାର ଗୁଡିକ ନିଜର ପୁଷ୍ଟି ବଗିଚା କରିବା ପାଇଁ ସହାୟତା ଦିଆଯାଇଛି ।

ଗର୍ଭବତୀ ମାନଙ୍କ ପୁଷ୍ଟିହୀନତା ଦୂର ପାଇଁ ମା ଗୃହର ମହିଳା ମାନଙ୍କୁ ସପ୍ତାହରେ ଗୋଟିଏ ଦିନ ମାଣ୍ଡିଆ ଜାତିୟ ଶସ୍ୟର ବିଭିନ୍ନ ଖାଦ୍ୟ ଦିଆଯାଉଛି । ମା ଗୃହରେ ଏହାକୁ ମିଲେଟ୍ ଡେ ବା ମାଣ୍ଡିଆ ଦିବସ ଭାବେ ପାଳନ କରାଯାଇଛି । ମାଣ୍ଡିଆ ଲଡୁ, ଜାଉ, ପିଠା, ପକୁଡି, ସୁଆଁ ଖିରି, କାଙ୍ଗୁ ଖିରି, ଉପମା ଆଦି ପ୍ରସ୍ତୁତ କରି ଦିଆଯାଉଛି ।

ମା ଗୃହ ଗୁଡିକରେ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ଦିବସ ଯଥା - ଆନ୍ତର୍ଜାତୀୟ ମହିଳା ଦିବସ, ବିଶ୍ୱ ଏଡ୍ସ ଦିବସ, ବିଶ୍ୱ ମାତୃ ଦିବସ, ଯୋଗ ଦିବସ, ସ୍ୱାଧିନତା ଦିବସ ଓ ସାଧାରଣତନ୍ତ୍ର ଦିବସ ଆଦି ପାଳନ କରାଯାଇଛି । ବିଭିନ୍ନ ସମୟରେ ସ୍ଥାନୀୟ ଲୋକ ପ୍ରତିନିଧି, ପଂଚାୟତ ସରପଂଚ, ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ କର୍ମକର୍ତା, ଆଇ.ସି.ଡି.ଏସ୍ କର୍ମକର୍ତା ଓ ସ୍ୱାସ୍ଥ୍ୟ ବିଭାଗ ପଦାଧିକାରୀ ମାନେ ମା ଗୃହ ପରିଦର୍ଶନ କରିଛନ୍ତି ।

## ପ୍ରଭାବ ଓ ସଫଳତା –

ମା ଗୃହ ପ୍ରତିଷ୍ଠା ପରଠାରୁ ସଂପୃକ୍ତ ଅଂଚଳର ଗାଁଗୁଡିକରେ ପ୍ରସବ ଜନିତ ଶିଶୁ ଓ ମାତୃ ମୃତ୍ୟୁହାର ବିଶେଷଭାବେ ହ୍ରାସ





ପାଇଛି । ଆଭ୍ୟନ୍ତରୀଣ ଗାଁ ଗୁଡିକରେ ପ୍ରସବ ସଂପର୍କିତ ଅନ୍ଧବିଶ୍ୱାସ ଦୂର ହେବା ସହ ଡାକ୍ତରୀ ପ୍ରସବ ପ୍ରତି ଲୋକମାନଙ୍କର ଆଗ୍ରହ ବଢିଛି । ମାତୃ ଓ ଶିଶୁ ମୃତ୍ୟୁହାର ୯୨ ପ୍ରତିଶତ ହ୍ରାସ ପାଇଥିବାବେଳେ ଡାକ୍ତରୀ ପ୍ରସବ ହାର ୯୬ ପ୍ରତିଶତକୁ ବୃଦ୍ଧି ପାଇଛି ।

ଉପଯୁକ୍ତ ପରାମର୍ଶ ଓ ସହାୟତା ପ୍ରଦାନ ଯୋଗୁଁ ଗର୍ଭବତୀ ଓ ସେମାନଙ୍କ ପରିବାର କେନ୍ଦ୍ରକୁ ଆସିବା ପାଇଁ ବିଶେଷ ଆଗ୍ରହ ଦେଖାଉଛନ୍ତି । କେନ୍ଦ୍ରରେ ମିଳୁଥିବା ସୁବିଧା ସୁଯୋଗ ସେମାନଙ୍କୁ ଆସିବା ପାଇଁ ବିଶେଷ ଉତ୍ସାହିତ କରୁଛି ।

କେନ୍ଦ୍ର ଦ୍ୱାରା ପ୍ରସବକାଳୀନ ସହାୟତା ମହିଳା ମାନଙ୍କ ପ୍ରସବ ଜନିତ ଆଶଙ୍କାକୁ ଦୂର କରିପାରିଛି । ଶିଶୁ ପାଳନ ଓ ଯତ୍ନ ସଂପର୍କରେ ମହିଳା ମାନେ ମଧ ସଚେତନ ହୋଇ ପାରିଛନ୍ତି ।

ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଯୋଗୁଁ ଗୋଷ୍ଠୀ ଓ ପରିବାର ମଧରେ ଗର୍ଭବତୀ ଓ ପ୍ରସୂତୀ ମାନଙ୍କର ଖାଦ୍ୟ ଓ ଯତ୍ନ ଉପରେ ଗୁରୁତ୍ୱ ବଢିଛି । ଅନେକ ପରିବାର ନିଜେ ପୁଷ୍ଟି ବଗିଚା ମାନ କରି ଖାଦ୍ୟରେ ପୁଷ୍ଟିବୃଦ୍ଧି କରୁଛନ୍ତି । ଅଙ୍ଗନବାଡିରୁ ମିଳୁଥିବା ଖାଦ୍ୟ, ଆଇରନ୍ ଫୋଲିକ୍ ଏସିଡ୍ ବଟିକା ଗ୍ରହଣ କରୁଛନ୍ତି ।

ଅଙ୍ଗନବାଡି ଗୁଡିକରେ ଗର୍ଭବତୀ ମାନଙ୍କର ପଂଜିକରଣ ଶତ ପ୍ରତିଶତ ହୋଇପାରିଥିବାବେଳେ ସେମାନେ ଏଥିପାଇଁ ଥିବା ସମସ୍ତ ସରକାରୀ ସହାୟତା ଗ୍ରହଣ କରୁଛନ୍ତି ।






## ଏଚ୍.ଆଇ.ଭି ଓ ଏଡ୍ସ ନିରାକରଣ

ରାଜ୍ୟରେ ଏଚ୍.ଆଇ.ଭି ଓ ଏଡ୍ସ ନିରାକରଣ ପାଇଁ ଓଡିଶା ରାଜ୍ୟଏଡ୍ସ ସେଲ୍ (ଓସାକ୍) କାର୍ଯ୍ୟକରି ଆସୁଛି । ଏହା ସ୍ୱାସ୍ଥ୍ୟ ବିଭାଗ ଓ ବିଭିନ୍ନ ସାମାଜିକ ସଂଗଠନ ସହାୟତାରେ ଏଚ୍.ଆଇ.ଭି ଓ ଏଡ୍ସ ସଂପର୍କିତ ସଚେତନତା ସୃଷ୍ଟି, ସଂକ୍ରମିତ ମାନଙ୍କ ଚିକିତ୍ସା ସେବା, ଏହାର ସଂକ୍ରମଣକୁ ରୋକିବା ଏବଂ ସଂକ୍ରମିତ ମାନଙ୍କୁ ଏକ ସୁସ୍ଥ ସାମାଜିକ ଜୀବନ ବଂଚିବା ଦିଗରେ ଆବଶ୍ୟକୀୟ ସହାୟତା ଯୋଗାଇଦେବାକୁ ସାରା ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରୁଛି । ଏହି କାର୍ଯ୍ୟକ୍ରମରେ ଏକ ସହଯୋଗୀ ଅନୁଷ୍ଠାନ ଭାବରେ ସ୍ୱାତୀ ଅନୁଷ୍ଠାନ ୨୦୧୦ ମସିହାରୁ କନ୍ଧମାଳ ଜିଲ୍ଲାରେ ଏଚ୍.ଆଇ.ଭି ଓ ଏଡ୍ସ ନିରାକରଣ ନିମନ୍ତେ କାର୍ଯ୍ୟ କରିଆସୁଛି ।  ଲକ୍ଷ୍ୟଭେଦୀ ପ୍ରକଳ୍ପ ବା ଟାର୍ଗେଟେଡ୍ ଇଂଟରଭେନ୍ସନ ମାଧ୍ୟମରେ ଜିଲ୍ଲାରେ ଚିହ୍ନିତ ମହିଳା ଯୌନକର୍ମୀ ମାନଙ୍କୁ ଏଚ୍.ଆଇ.ଭି ଓ ଏଡ୍ସ ସଂକ୍ରମଣ ଓ ନିରାକରଣ ପାଇଁ କାର୍ଯ୍ୟକରୁଛି ।

ଜିଲ୍ଲାର ସମସ୍ତ ୧୨ଟି ବ୍ଲକ୍ ଅଂଚଳରେ ଏହା କାର୍ଯ୍ୟକରୁଛି । ଜିଲ୍ଲାର ବିଭିନ୍ନ ହଟ୍‌ଜୋନ୍‌ରେ ୫୪୬ ଜଣ ସକ୍ରିୟ ମହିଳା ଯୌନକର୍ମୀଙ୍କୁ ଚିହ୍ନଟ କରାଯାଇଥିବାବେଳେ ସେଥି ମଧ୍ୟରୁ ୪୯୮ ଜଣ ଘରୋଇ ଏବଂ ୪୮ ଜଣ ରାସ୍ତାଧାର କର୍ମୀ ଅଟନ୍ତି । ସ୍ୱାତୀ ଦ୍ୱାରା ୪୪୦ ଜଣ ଯୌନକର୍ମୀଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି । ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ବୟସ ୧୯ରୁ ୪୦ ବର୍ଷ ମଧ୍ୟରେ ରହିଛି । ଚିହ୍ନିତ ଯୌନକର୍ମୀ ମାନଙ୍କୁ ଯୌନରୋଗ ଓ ଏଡ୍ସ ପ୍ରତିଷେଧ ବ୍ୟବସ୍ଥା କରିବା, ସଂକ୍ରମଣ ରୋକିବା, ଚିକିତ୍ସା ସୁବିଧା, ଚିକିତ୍ସା ସହାୟତା ଏବଂ ସାମାଜିକ ସୁରକ୍ଷା ଯୋଗାଇଦେବା ଏହି କାର୍ଯ୍ୟକ୍ରମର ମୂଖ୍ୟ ଲକ୍ଷ୍ୟ ।

### କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ

ଏହି କାର୍ଯ୍ୟକ୍ରମର ମୂଖ୍ୟ ଲକ୍ଷ୍ୟ ହେଉଛି –

- ବାର୍ଷିକ ନୂଆ ଏଚ୍.ଆଇ.ଭି ସଂକ୍ରମଣ ୮୦ ପ୍ରତିଶତ ରୋକିବା
- ଏଡ୍ସ ଜନିତ ମୃତ୍ୟୁ ସଂଖ୍ୟାକୁ ୮୦ ପ୍ରତିଶତ ରୋକିବା
- ଯୌନ ସଂକ୍ରାମକ ରୋଗ ଚିକିତ୍ସା ପାଇଁ ଉଚ୍ଚମାନର ସେବା ଯୋଗାଇଦେବା
- ଏଚ୍.ଆଇ.ଭି ଓ ସିଫିଲିସ୍ ସଂକ୍ରମଣକୁ ନିର୍ମୂଳ କରିବା
- ଏଡ୍ସ ଜନିତ କୁତ୍ସା ଓ ଭେଦଭାବ ଦୂର କରିବା

### କାର୍ଯ୍ୟକ୍ରମର ମୂଖ୍ୟ ଉଦ୍ଦେଶ୍ୟ ହେଉଛି

୯୫ ପ୍ରତିଶତ ଏଚ୍.ଆଇ.ଭି ସଂକ୍ରମିତ ବ୍ୟକ୍ତି ବ୍ୟାପକ ଭାବେ ପ୍ରତିଷେଧ ବ୍ୟବସ୍ଥା ଗ୍ରହଣ କରିଥିବେ

୯୫ ପ୍ରତିଶତ ଏଚ୍.ଆଇ.ଭି ସଂକ୍ରମିତ ବ୍ୟକ୍ତି ନିଜ ସ୍ୱାସ୍ଥ୍ୟ ବିଷୟରେ ଜାଣିଥିବେ, ଜାଣିଥିବା ବ୍ୟକ୍ତିଙ୍କ ମଧ୍ୟରୁ ୯୫



ପ୍ରତିଶତ ବ୍ୟକ୍ତି ଚିକିତ୍ସିତ ହେଉଥିବେ ଏବଂ ଚିକିତ୍ସିତ ବ୍ୟକ୍ତିଙ୍କ ମଧ୍ୟରୁ ୯୫ ପ୍ରତିଶତ ବ୍ୟକ୍ତିଙ୍କ ମଧ୍ୟରେ ସଂକ୍ରମଣ ଶକ୍ତି ହ୍ରାସ ପାଇଥିବ ।

ଏଚ୍.ଆଇ.ଭି ନିରାକରଣ ଚିକିତ୍ସା ଦ୍ୱାରା ୯୫ ପ୍ରତିଶତ ଗର୍ଭବତୀ ଓ ପ୍ରସୂତୀ ମହିଳା ଙ୍କ ମଧ୍ୟରେ ଏହାର ସଂକ୍ରମଣ କ୍ଷମତା ହ୍ରାସ ପାଇଥିବ ।

ସମାଜରେ ଏଡ୍ସ ସଂକ୍ରମିତ ଲୋକ ମାନଙ୍କ ପ୍ରତି ରହିଥିବା କୁତ୍ସା ଓ ଭେଦଭାବ ୧୦ ପ୍ରତିଶତ ନିମ୍ନକୁ ଚାଲିଆସିଥିବ ।

## ୨୦୨୪ – ୨୫ ମସିହାର କାର୍ଯ୍ୟକ୍ରମ ସମୂହ

ଚଳିତ ବର୍ଷ ମହିଳା ଯୌନ କର୍ମୀ ମାନଙ୍କ ସହ ତୃତୀୟଲିଙ୍ଗୀ ମାନଙ୍କୁ ମଧ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି ।

ଏହି କାର୍ଯ୍ୟ ପରିଚାଳନା ପାଇଁ ୩ଟି ସମନ୍ୱିତ ପରାମର୍ଶ ଓ ପରୀକ୍ଷଣ କେନ୍ଦ୍ର (ଆଇ.ସି.ଟି.ସି), ୧୪ଟି ସମନ୍ୱିତ ପରାମର୍ଶ ଓ ପରୀକ୍ଷଣ ଉପଲବ୍ଧ ଥିବା କେନ୍ଦ୍ର (ଏଫ୍.ଆଇ.ସି.ଟି.ସି), ୫ଟି ପି.ପି.ପି କ୍ଲିନିକ, ୧ଟି ଲିଙ୍କ ଏ.ଆର୍.ଟି ସେଂଟର୍, ୧ଟି ଆର୍.ଏନ୍.ଟି.ସି.ପି, ୧୪ଟି ସରକାରୀ ଚିକିତ୍ସାଳୟ ଓ ଫୁଲବାଣୀ ଡି.ଏସ୍.ଆର୍.ସି ସହ ନିୟମିତ ସଂପର୍କ ରହିଛି ।

ତାଲିକାଭୁକ୍ତ ବ୍ୟକ୍ତିମାନଙ୍କ ସହ ସିଧାସଳଖ ସଂପର୍କ ସ୍ଥାପନ କରି ଏବଂ ସେମାନଙ୍କର ଦଳ ଗଠନକରି କାର୍ଯ୍ୟକ୍ରମ ଗୁଡିକ କାର୍ଯ୍ୟକାରୀ କରାଯାଇଛି । ଏହା ମାଧ୍ୟମରେ ଯୌନ ରୋଗ ପ୍ରତିରୋଧକ ବ୍ୟବସ୍ଥାର ପ୍ରସାର ଓ ପ୍ରଚାର, କଣ୍ଡୋମ୍ ବ୍ୟବହାର ପାଇଁ ସଚେତନତା, କଣ୍ଡୋମ୍ ଯୋଗାଣ ଓ ବିତରଣ ବ୍ୟବସ୍ଥା, କର୍ମୀମାନଙ୍କ ବ୍ୟବହାରଗତ ପରିବର୍ତ୍ତନ ପାଇଁ ତାଲିମ୍, ପ୍ରଶିକ୍ଷଣ ଏବଂ ଶିକ୍ଷଣ ସାମଗ୍ରୀ, ଯୌନ ରୋଗ ଓ ସଂକ୍ରମଣର ଚିକିତ୍ସା, ନିୟମିତ ସ୍ୱାସ୍ଥ୍ୟ ଗତ ତତ୍ତ୍ୱାବଧାନ ଏବଂ ଆବଶ୍ୟକୀୟ ସେବା ପ୍ରଦାନ, ସାମାଜିକ



ସୁରକ୍ଷା ପାଇଁ ଗୋଷ୍ଠୀଗତ ସମନ୍ୱୟ ଏବଂ ବିଭିନ୍ନ ସହାୟତା ଉପଲବ୍ଧ କରାଇବା କାର୍ଯ୍ୟକ୍ରମ ମାନ କରାଯାଇଛି ।

ଚଳିତ ବର୍ଷ ୪୪୦ ଜଣ ଲକ୍ଷ୍ୟଭୁକ୍ତ ଥିବାବେଳେ ୫୪୬ ଜଣଙ୍କୁ ଚିହ୍ନଟ କରାଯାଇଛି । ସେମାନଙ୍କ ମଧ୍ୟରେ ୧୨୪ଜଣ ୫ ବର୍ଷରୁ ଅଧିକ ସମୟ ଧରି ଚିକିତ୍ସିତ ହୋଇ ଆସୁଛନ୍ତି । ୯୯୫ ଜଣ ସରକାରୀ କେନ୍ଦ୍ର ରେ ପରୀକ୍ଷା କରିଥିବାବେଳେ ସେମାନଙ୍କ ମଧ୍ୟରୁ ୨୬ ଜଣ ଯୌନ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମସ୍ତଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି ।

ଚଳିତ ବର୍ଷ ୧୪୪୦ ଜଣଙ୍କୁ ଗୋଷ୍ଠୀ ପରୀକ୍ଷଣ ଓ ୬୮୫ ଜଣଙ୍କୁ ଆଇ.ସି.ଟି.ସି ମାଧ୍ୟମରେ ପରୀକ୍ଷଣ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୩ ଜଣ ନୂଆ ମହିଳା ଯୌନକର୍ମୀ ଏବଂ ୪ ଜଣ ତୃତୀୟଲିଙ୍ଗୀ ଯୌନ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

ପରୀକ୍ଷା କରାଯାଇଥିବା ୬୮୫ ଜଣଙ୍କ ମଧ୍ୟରୁ ଜଣେ ସିଫିଲିସ୍ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ, ୧୫୮୪ ଜଣଙ୍କୁ ଯକ୍ଷ୍ମା ପରୀକ୍ଷା କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୪୦ ଜଣଙ୍କୁ ଅଧିକ ପରୀକ୍ଷଣ ପାଇଁ ପଠାଯାଇଥିବାବେଳେ କେହି ସଂକ୍ରମିତ ନଥିବା ଜଣାପଡିଛି ।

ଚିହ୍ନିତ ବ୍ୟକ୍ତି ଓ ପରିବାରଗୁଡିକୁ ନିୟମିତ ସଂପର୍କ ରଖାଯାଇ ସମସ୍ତ ସ୍ୱାସ୍ଥ୍ୟଗତ ସହାୟତା, ସାମାଜିକ ସୁରକ୍ଷା ସହାୟତା ଏବଂ ଆବଶ୍ୟକୀୟ ପରାମର୍ଶ ଦିଆଯାଇଛି । ଏଚ୍.ଆଇ.ଭି ଓ ଏଡ୍ସ ସଂପର୍କିତ ଜ୍ଞାନ ହାସଲ ପାଇଁ ବିଭିନ୍ନ ଶିକ୍ଷଣ ସାମଗ୍ରୀ, ଯୋଗାଇ ଦିଆଯାଇଛି ।

ସଂକ୍ରମଣକୁ ରୋକିବା ପାଇଁ କଂଡୋମ୍ ବିତରଣ ଓ ବ୍ୟବହାର ସଂପର୍କରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ବିତରଣ ପାଇଁ ସମୁଦାୟ ୧,୦୩,୫୮୨ କଂଡୋମ୍





ଆବଶ୍ୟକ ଥିଲାବେଳେ ୧୨ଟି ବିତରଣ କେନ୍ଦ୍ର ଖୋଲାଯାଇ ୯୯,୧୦୩ କଂଡୋମ୍ ବିତରଣ କରାଯାଇଛି।

ସାତୀ ଦ୍ୱାରା ବିଭିନ୍ନ ସ୍ଥାନରେ ଏଚ୍.ଆଇ.ଭି ଓ ଏଡ୍ସ, ଯକ୍ଷ୍ମା ଓ ବିଭିନ୍ନ ଯୌନରୋଗ ସଂପର୍କରେ ସଚେତନତା ଶିବିର ମାନ କରାଯାଇ ଲୋକମାନଙ୍କୁ ଭାଷଣ, ପ୍ରଶ୍ନୋତ୍ତର ପ୍ରତିଯୋଗୀତା ଆଦି ମାଧମରେ ସଚେତନ କରାଯାଇଛି ।

ସାତୀ ଟି.ଆଇ ପ୍ରକଳ୍ପ ଏବଂ ସମ୍ବାଦ- ଆମ ଓଡିଶା ମିଳିତ ଉଦ୍ୟମରେ ଗୁଟିଙ୍ଗିଆ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜି.ଉଦୟଗିରି ସାତୀ କାର୍ଯ୍ୟାଳୟ ଠାରେ ଦୁଇଟି ରକ୍ତଦାନ ଶିବିର ଆୟୋଜନ କରାଯାଇଛି । ୬୦ ଜଣ ରକ୍ତଦାତା ଏଠାରେ ରକ୍ତଦାନ କରିଛନ୍ତି ।

ବିଭିନ୍ନ ପୁସ୍ତକ , ପତ୍ରପତ୍ରିକା, ଚିତ୍ରବହି, କାନ୍ଥଲେଖା ଆଦି ମାଧମରେ ଏଚ୍.ଆଇ.ଭି ଓ ଏଡ୍ସ ସଂପର୍କିତ ସୂଚନା, ସଚେତନତା ବାର୍ତା ଓ ସ୍ୱାସ୍ଥ୍ୟ ସୂଚନା ଆଦିର ପ୍ରସାର କରାଯାଇଛି । ସାତୀ ଦ୍ୱାରା ଏଚ୍.ଆଇ.ଭି ଓ ଏଡ୍ସ ସଂପର୍କିତ ଓଡିଆ ସୂଚନା ସାମଗ୍ରୀ ତିଆରି ସହିତ ସାପ ସିଡି ଖେଳ ମାଧମରେ ସଚେତନତା ସୃଷ୍ଟି କରାଯାଇଛି । ଜିଲ୍ଲାର ବିଭିନ୍ନ ସ୍ଥାନରେ ଲୋକନାଟ୍ୟ ମାଧମରେ ସଚେତନା କରାଯାଇଛି ।

ବାଲିଗୁଡା ବ୍ଲକ୍ ଲଣ୍ଡାଗାଁ ଠାରେ ଗୋଷ୍ଠୀ ପରୀକ୍ଷଣ ଶିବିର କରାଯାଇ ଏଚ୍.ଆଇ.ଭି, ସିଫିଲିସ୍, ଯକ୍ଷ୍ମା ଆଦିର ଚିହ୍ନଟିକରଣ କରାଯାଇଛି । ସେହିପରି ବିଶିପଡା ଠାରେ ଏକ ଚିକିତ୍ସା ଶିବିର କରାଯାଇଛି ।

କଲେଜ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏବଂ ସଚେତନ ନାଗରୀକ ମାନଙ୍କ ଦ୍ୱାରା ଏଡ୍ସ ସଚେତନତା ଶୋଭାଯାତ୍ରା, ବିଶ୍ୱ ଏଡ୍ସ ନିରାକରଣ ଦିବସ ଆଦି ପାଳନ କରାଯାଇ ଲୋକମାନଙ୍କ ମଧରେ ସଚେତନତା ସୃଷ୍ଟି କରାଯାଇଛି । ସେହିପରି ମାନବ ଅଧିକାର ଦିବସ, ପୁଷ୍ଟି ଦିବସ, ଯୋଗ ଦିବସ, ସ୍ୱଚ୍ଛତା ଅଭିଯାନ ପକ୍ଷ, ବିଶ୍ୱ ପାଇଖାନା ଦିବସ ଏବଂ ବିଭିନ୍ନ ଜାତୀୟ ଦିବସ ପାଳନ କରାଯାଇଛି ।

ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବିଭିନ୍ନ ସ୍ଥାନରେ ମହିଳା ସମାବେଶ ଏବଂ ଶୋଭାଯାତ୍ରାର ଆୟୋଜନ କରାଯାଇ ମହିଳା ଅଧିକାର ଏବଂ ମହିଳା ସମସ୍ୟା ସଂପର୍କରେ ଆଲୋଚନା କରାଯାଇଛି ।

ଏଡ୍ସ ସଂପର୍କିତ ସୂଚନା ଓ ତଥ୍ୟ ପାଇଁ ରହିଥିବା ଟୋଲ୍‌ଫ୍ରି ନମ୍ବର ୧୦୯୭ ସଂପର୍କରେ ବିଭିନ୍ନ ଅଂଚଳରେ ସଚେତନତା ସୃଷ୍ଟି କରାଯାଇଛି ।

ପ୍ରକଳ୍ପ ତରଫରୁ ଚିହ୍ନିତ ପରିବାର ଗୁଡିକୁ ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ, ବିଭିନ୍ନ ଭତ୍ତା ଯୋଜନା, ଖାଉଟି ବିତରଣ ଯୋଜନା ଆଦି ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ସଂପୃକ୍ତ କରାଯାଇଛି ।

## ଫଳାଫଳ ଓ ପ୍ରଭାବ –

ଏହି କାର୍ଯ୍ୟକ୍ରମ ଯୋଗୁଁ ଚିହ୍ନିତ ବ୍ୟକ୍ତିମାନେ ନିଜ ରୋଗକୁ ନିୟନ୍ତ୍ରିତ କରିପାରିଛନ୍ତି ଏବଂ ସୁସ୍ଥ ସାମାଜିକ ଜୀବନ ବିତାଉଛନ୍ତି । ସେମାନଙ୍କ ମନରେ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି

ଚିହ୍ନିତ ବ୍ୟକ୍ତି, ଓ ବସତି ଅଂଚଳର ଲୋକମାନଙ୍କ ମଧରେ ସୁରକ୍ଷିତ ଯୌନ ସଂପର୍କ, କଂଡୋମ୍ ବ୍ୟବହାର ଏବଂ ଏଚ୍.ଆଇ.ଭି ସଂକ୍ରମଣ ସଂପର୍କରେ ସଚେତନତା ବଢିଛି ।

ଏଚ୍.ଆଇ.ଭି ଓ ଏଡ୍ସ ସଂପର୍କରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଯୋଗୁଁ ରୋଗ ପ୍ରତି ସଚେତନତା ବୃଦ୍ଧି ହେବା ସହ ରୋଗୀ ପ୍ରତି ସାମାଜିକ ଅସୂୟା ହ୍ରାସ ପାଇଛି ।

ଚିହ୍ନିତ ବ୍ୟକ୍ତିମାନଙ୍କୁ ସ୍ୱାସ୍ଥ୍ୟ ସହାୟତା ସହ ସାମାଜିକ ସୁରକ୍ଷା ଯୋଜନାରେ ସଂପୃକ୍ତ କରାଯିବା ଦ୍ୱାରା ସେମାନଙ୍କ ଜୀବନଜୀବିକାରେ ସ୍ଥିରତା ଆସିଛି ଏବଂ ସେମାନେ ସୁସ୍ଥ ଓ ସକ୍ଷମ ଜୀବନ ବିତାଇ ପାରୁଛନ୍ତି ।




## ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

ବର୍ତମାନ ସମୟରେ ମାନସିକ ସ୍ୱାସ୍ଥ୍ୟହାନୀ ଗୋଷ୍ଠୀ ଜୀବନକୁ ବହୁଳ ଭାବେ ପ୍ରଭାବିତ କରୁଛି । ସାମାଜିକ ସ୍ତରରେ ନାନା ଅସୁବିଧା ଯଥା ପରିବାର ପ୍ରତିପୋଷଣ, ରୋଜଗାର ଅବ୍ୟବସ୍ଥା, ଘରୋଇ ବିଶୃଙ୍ଖଳା, ପାରିବାରିକ ହିଂସା ଓ ଅନ୍ୟ ଅନେକ କାରଣରୁ ମାନସିକ ଚାପ ବୃଦ୍ଧିପାଇ ଗାଁ ଗୁଡିକରେ ମାନସିକ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଏଥିପାଇଁ ଜିଲ୍ଲା ସ୍ତରରେ ସରକାରୀ ଚିକିତ୍ସା ସୁବିଧା ରହିଥିଲେ ମଧ୍ୟ ସଚେତନତା ଅଭାବରୁ ଅଧିକାଂଶ ତାହା ହାସଲ କରିପାରୁ ନାହାନ୍ତି । ତେଣୁ ଗାଁ ଗୁଡିକରେ ମାନସିକ ରୋଗୀ ମାନଙ୍କୁ ଚିହ୍ନଟ କରି ସେମାନଙ୍କ ପାଇଁ ଆବଶ୍ୟକୀୟ ଚିକିତ୍ସା ସୁବିଧା ଏବଂ ତାଙ୍କର ପରିବାର ବର୍ଗଙ୍କୁ ପରାମର୍ଶ ସହାୟତା ଯୋଗାଇ ଦେବା ନିମନ୍ତେ ସ୍ୱାତୀ ଦ୍ୱାରା ବାଙ୍ଗାଲୋର ସ୍ଥିତ ବେସିକ୍ ନିଡ୍ସ ଇଣ୍ଡିଆ ସହାୟତାରେ ଗତ ୨୦୨୩ ମସିହା ଠାରୁ ଗୋଷ୍ଠୀ ଭିତିକ ମାନସିକ ସ୍ୱସ୍ଥ୍ୟ କାର୍ଯ୍ୟକ୍ରମ କରାଯାଉଛି । ଗତ ୨୦୨୩ ମସିହାରେ ଫୁଲବାଣୀ ବ୍ଲକ୍ ଅଧିନସ୍ଥ ୧୦ଟି ପଂଚାୟତ ଓ ଫିରିଙ୍ଗିଆ ବ୍ଲକ୍ର ୨୦ ପଂଚାୟତ ଅଂଚଳରେ ଏହି କାର୍ଯ୍ୟକ୍ରମ କରାଯାଇଥିବାବେଳେ ଚଳିତ ବର୍ଷ ଟିକାବାଲି ବ୍ଲକ୍ର ୧୧ଟି ପଂଚାୟତ ଓ କ.ନୂଆଗାଁ ବ୍ଲକ୍ର ୫ଟି ପଂଚାୟତରେ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି ।

### କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ

ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ହେଉଛି ଗୋଷ୍ଠୀ ଆଧାରିତ ମାନସିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଏବଂ ମାନସିକ ଅସୁସ୍ଥ ମାନଙ୍କୁ ସରକାରୀ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସହ ସଂପୃକ୍ତ କରାଇବା ଏବଂ ସେମାନଙ୍କ ସାମାଜିକ ଓ ଗୋଷ୍ଠୀଗତ ଯତ୍ନ, ସେବା ଓ ବିକାଶକୁ ସୁନିଶ୍ଚିତ କରିବା ।

କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଗୁଡିକ ହେଉଛି – ସମସ୍ତ ହିତାଧିକାରୀ ମାନଙ୍କ ଦକ୍ଷତା ବୃଦ୍ଧି କରିବା, ଆଂଶିକ ସୁସ୍ଥ ମାନସିକ ଅସୁସ୍ଥ ମାନଙ୍କୁ ସାଧାରଣ ଲୋକଙ୍କ ପରି କାର୍ଯ୍ୟକ୍ଷମ ଓ ରୋଜଗାର କ୍ଷମ କରିବାପାଇଁ ଦକ୍ଷତା ବୃଦ୍ଧି । ମାନସିକ ଅସୁସ୍ଥ ମାନଙ୍କୁ ସହଯୋଗ ପାଇଁ ପଂଚାୟତ ଓ ବ୍ଲକ୍ ସ୍ତରରେ ପରିବାର ସହାୟକ ଦଳ ଗଠନ । ସେମାନଙ୍କୁ ସରକାରୀ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସହ ସଂପୃକ୍ତ କରାଇବା ଏବଂ ସାମାଜିକ ସୁରକ୍ଷା ବ୍ୟବସ୍ଥା ଗୁଡିକରେସାମିଲ କରିବା ।

**୨୦୨୪-୨୫ ବର୍ଷର କାର୍ଯ୍ୟକ୍ରମ**

| କାର୍ଯ୍ୟକ୍ରମ | ପୁରୁଷ | ମହିଳା | ସମୁଦାୟ | ଲକ୍ଷ୍ୟ |
|---|---|---|---|---|
| **ମାନସିକ ଅସୁସ୍ଥ ଚିହ୍ନଟି କରଣ** | ୨୧୩ | ୧୩୬ | ୩୪୯ | ୭୫୦ |
| **ସ୍ୱାସ୍ଥ୍ୟସେବା ପ୍ରଦାନ** | ୧୩୮ | ୮୮ | ୨୨୬ | ୩୫୦ |
| **ନୀୟମିତ ଚିକିତ୍ସିତ** | ୧୦୬ | ୬୪ | ୧୭୦ | ୩୫୦ |
| **ସୁସ୍ଥ ହୋଇଥିବା ବ୍ୟକ୍ତି** | ୩୬ | ୨୩ | ୫୯ | |



ମାନସିକ ଅସୁସ୍ଥ ମାନଙ୍କ ଚିକିତ୍ସା ସୁବିଧା ସଂପର୍କରେ ସ୍ୱାସ୍ଥ୍ୟ ଅଧିକାରୀ ମାନଙ୍କୁ ନେଇ ପଂଚାୟତ ସ୍ତରରେ ସଚେତନତା ଶିବିର ମାନ କରାଯାଇଛି । ସମୁଦାୟ ୩୪୯ ଜଣ ମାନସିକ ଅସୁସ୍ଥଙ୍କୁ ଚିହ୍ନଟ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୨୧୩ ଜଣ ପୁରୁଷ ଏବଂ ୧୩୬ ଜଣ ମହିଳା ରହିଛନ୍ତି । ସେମାନଙ୍କ ମଧ୍ୟରୁ ବର୍ତମାନ ୫୯ ଜଣ ଆଂଶିକ ସୁସ୍ଥ ହୋଇଛନ୍ତି ଏବଂ  ୧୭୦ ଜଣଙ୍କୁ ନୀୟମିତ ଚିକିତ୍ସା ସେବା ପ୍ରଦାନ କରାଯାଉଛି ।।

ମାନସିକ ଅସୁସ୍ଥଙ୍କୁ ଗୋଷ୍ଠୀଗତ ସହାୟତା ନିମନ୍ତେ ପରିବାର ସହାୟକ ଦଳ ଗଠନ ମାନ କରାଯାଇଛି । ସେମାନେ କିପରି ମାନସିକ ରୋଗୀଙ୍କୁ ସହାନୁଭୂତିଶୀଳ ଭାବେ ବ୍ୟବହାର ପ୍ରଦର୍ଶନ କରିବେ ଏବଂ ଚିକିତ୍ସାରେ ସହାୟତା କରିବେ ସେ ସଂପର୍କରେ ସଚେତନ କରା ଯାଉଛି । ସୁସ୍ଥ ହୋଇଥିବା ମାନସିକ ଅସୁସ୍ଥ ମାନଙ୍କୁ ଗୋଷ୍ଠୀସ୍ତରରେ କିପରି ପୁନଃ ସମନ୍ୱୟ କରାଯିବ ଓ ସେମାନେ ପୂର୍ବପରି ଜୀବନ ବଂଚି ପାରିବେ ସେ ସଂପର୍କରେ ମାନସିକ ଅସୁସ୍ଥ ଓ ସେମାନଙ୍କ ପରିବା ସଦସ୍ୟଙ୍କୁ ନେଇ ୫ ଦିନିଆ କର୍ମଶାଳା କରାଯାଇଛି ।






ସୁସ୍ଥ ହୋଇଥିବା ମାନସିକ ଅସୁସ୍ଥଙ୍କୁ ବିଭିନ୍ନ ସରକାରୀ ସହାୟତା ଯୋଜନାରେ ସାମିଲ କରାଯାଇଛି ।

ପଂଚାୟତ ସ୍ତରୀୟ ପରିବାର ସହାୟକ ଦଳ ଗଠନ କରାଯାଇ ସେମାନଙ୍କୁ ବିଭିନ୍ନ ବିଷୟରେ ସଚେନତ କରାଯାଇଛି ଏବଂ ବ୍ଲକ୍ ସ୍ତରୀୟ ସଂଘ ଗଠନର ପ୍ରସ୍ତୁତି ଆରମ୍ଭ ହୋଇଛି ।

**ଫଳାଫଳ ଓ ପ୍ରଭାବ**

ଏହି କାର୍ଯ୍ୟକ୍ରମ ମାନସିକ ଅସୁସ୍ଥ ଓ ସେମାନଙ୍କ ପରିବାର ଗୁଡିକ ପାଇଁ ନୂଆ ଆଶା ସଂଚାର କରିଛି । ଗାଁ ଗୁଡିକରେ ଅନେକ ଲୋକ ମାନସିକ ଅସୁସ୍ଥତାର ଶିକାର ହେଉଥିଲେ ମଧ୍ୟ ଏହାକୁ ଗୁଣିଗାରେଡି ଭାବି ପରିବାର ସଦସ୍ୟ ମାନେ ଝଡାଫୁଙ୍କା ଓ ପୁଜାବିଧିରେ ଅନେକ ଖର୍ଚ୍ଚାନ୍ତ ହେଉଥିଲେ । ମାନସିକ ଅସୁସ୍ଥ ମାନଙ୍କ ପାଇଁ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ତରରେ ଔଷଧ ଓ ଚିକିତ୍ସାର ସମସ୍ତ ସୁବିଧା ଥିଲେ ମଧ୍ୟ ସଚେତନତା ଅଭାବରୁ ଲୋକମାନେ ତାହା ପାଇ ପାରୁନଥିଲେ । ଏହି କାର୍ଯ୍ୟକ୍ରମ ଦ୍ୱାରା ଲୋକାମନେ ସରକାରୀ ଚିକିତ୍ସା ସୁବିଧା ହାସଲ କରିବା ସହ ଗୁଣିଗାରେଡି ପ୍ରତି ସଚେତନ ହୋଇପାରିଛନ୍ତି ।

ମାନସିକ ଅସୁସ୍ଥ ମାନେ ଗୋଷ୍ଠୀରେ ପୁନଃ ମିଶ୍ରଣ ଅଧିକ ଜଟିଳ ଥିଲା । ପରିବାର, ପଡୋଶୀ ଓ ଗ୍ରାମବାସୀ ମାନଙ୍କର ମାନସିକ ଅସୁସ୍ଥ ମାନଙ୍କ ପ୍ରତି ବିଶେଷ ସମ୍ବେଦନା ରହୁନଥିଲା । ସେମାନେ ତାକୁ ବାଇଆ, ପାଗଳ ଆଦିରେ ଆଖ୍ୟାୟିତ କରିବା ଦ୍ୱାରା ଅସୁସ୍ଥ ବ୍ୟକ୍ତି ଅଧିକ ମାନସିକ ଆଘାତ ପାଉଥିଲା । ଏହି କାର୍ଯ୍ୟକ୍ରମ ମାଧମରେ ମାନସିକ ଅସୁସ୍ଥତା ପ୍ରତି ଗୋଷ୍ଠୀ ସମ୍ବେଦନା ସମ୍ପର୍କରେ ସଚେତନତା ଦ୍ୱାରା ଲୋକମାନଙ୍କ ବ୍ୟବହାରରେ ପରିବର୍ତନ ହେଉଛି ।



# ମାତୃ-ଶିଶୁ ଓ କିଶୋରୀ ବାଳିକା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ପ୍ରାକ୍‌ଦୀପ୍)

ମହିଳା ଓ କିଶୋରୀ ମାନଙ୍କୁ ପ୍ରଜନନ ଓ ଶିଶୁସ୍ୱାସ୍ଥ୍ୟ ସଂପର୍କରେ ସଚେତନ କରିବା ସହ ଅଙ୍ଗନବାଡି କାର୍ଯ୍ୟକ୍ରମ ଗୁଡିକୁ କ୍ରିୟାଶୀଳ କରିବା ପାଇଁ ଚାଇଲ୍‌ଡ ରାଇଟ୍ ଆଣ୍ଡ ୟୁ (କ୍ରାଏ) ସହାୟତାରେ ସ୍ୱାତୀ ଏହି କାର୍ଯ୍ୟକ୍ରମ କରୁଛି । କନ୍ଧମାଳ ଜିଲ୍ଲାର ଫିରଙ୍ଗିଆ ବ୍ଲକ୍ ୫ଟି ଗ୍ରାମ ପଂଚାୟତ ବାଲନ୍ଦାପଡା, ଲୁଇସିଂ, କୁଇରିମାଣ୍ଡୁ, ପାହିରାଜୁ ଓ ପକାରୀର ୧୦୧ଟି ଗାଁର ୪୨୧୯ ପରିବାର ଓ ୧୪୬୬୩ ଲୋକସଂଖ୍ୟାକୁ ନେଇ ଏହି କାର୍ଯ୍ୟକ୍ରମ କରାଯାଉଛି ଏଥିରେ ୮୯୪ ଜଣ ମା, ୦ରୁ ୧୮ ବର୍ଷ ବୟସ୍ ପର୍ଯ୍ୟନ୍ତ ୩୪୧୬ ଜଣ ପିଲା ସଂପୃକ୍ତ ଥିବାବେଳେ ୧୦ରୁ ୧୯ ବର୍ଷ ବୟସ୍କ ୧୫୮୬ ଜଣ କିଶୋରୀ ବାଳିକାଙ୍କୁ ସାମିଲ କରାଯାଇଛି । କାର୍ଯ୍ୟକ୍ରମରେ ୩୮ଟି ଅଙ୍ଗନବାଡି କେନ୍ଦ୍ର, ୨୧ ଜଣ ଆଶା, ୩୬ଟି ପ୍ରାଥମିକ ବିଦ୍ୟାଳୟକୁ ସାମିଲ କରାଯାଇଛି ।

### କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ

ଫିରିଙ୍ଗିଆ ବ୍ଲକ୍‌ର ଦୁର୍ଗମ ଅଂଚଳର ଗାଁ ଗୁଡିକରେ ମାତୃ ଓ ଶିଶୁ ମୃତ୍ୟୁହାର କମାଇବା, ମାତୃ ଓ ଶିଶୁଙ୍କ ରକ୍ତହୀନତା ଦୂରକରିବା, ନିରାପଦ ମାତୃତ୍ୱ ଓ ଡାକ୍ତରୀ ପ୍ରସବ ଯୋଗାଇ ଦେବା, ଗୋଷ୍ଠୀକୁ ସଂଗଠିତ କରିବା, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସଂପର୍କରେ ଗୋଷ୍ଠୀକୁ ସଚେତନ କରିବା, ସ୍ଥାନୀୟ ପଂଚାୟତ ଓ ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ କ୍ରିୟାଶୀଳ କରିବା ଏବଂ ଗ୍ରାମବାସୀ ମାନେ କିପରି ଉତମ ସ୍ୱାସ୍ଥ୍ୟସେବା ପାଇପାରିବେ ତାହାର ବ୍ୟବସ୍ଥା କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଂପୃକ୍ତ ଅଂଚଳରେ ରହିଥିବା ସମନ୍ୱିତ ଶିଶୁ ବିକାଶ ସେବା ଓ ଅଙ୍ଗନବାଡି ବ୍ୟବସ୍ଥାକୁ ଦୃଢ଼ କରିବା, ଗୋଷ୍ଠୀକୁ ଅଙ୍ଗନବାଡି ପରିଚାଳନାରେ ସକ୍ରିୟ ଭାଗିଦାର କରିବା, ଖାଦ୍ୟ ଓ ପୁଷ୍ଟି ସଂପର୍କରେ ସଚେତନ କରିବା, କିଶୋର କିଶୋରୀ ମାନଙ୍କୁ ସ୍ୱାସ୍ଥ୍ୟ ଓ ଜୀବନ କୌଶଳ ସଂପର୍କରେ ସଚେତନ କରିବା, ଶିଶୁ ମାନଙ୍କ ପ୍ରାକ୍ ବିଦ୍ୟାଳୟ ଶିକ୍ଷାକୁ ଗୁଣାତ୍ମକ ନିମନ୍ତେ ଚାଇଲ୍‌ଡ ରାଇଟ୍ ଆଣ୍ଡ ୟୁ (କ୍ରାଏ) ସହାୟତାରେ ସ୍ୱାତୀ ଏହି କାର୍ଯ୍ୟକ୍ରମ କରୁଛି

### ୨୦୨୪-୨୫ ରେ କରାଯାଇଥିବା କାର୍ଯ୍ୟକ୍ରମ

ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୪୩୫ ଜଣ ଗର୍ଭବତୀ ମହିଳାଙ୍କୁ ନିୟମିତ ଯୋଗାଯୋଗ କରି ଅଙ୍ଗନବାଡି ଓ ସରକାରୀ ସ୍ୱାସ୍ଥ୍ୟସେବା, ଟୀକାକରଣ, ପୁଷ୍ଟିକର ଖାଦ୍ୟ, ଆଇରନ୍ ଓ ପୋଲିକ୍ ଏସିଡ ଆଦି ମିଳିବା ଓ ସ୍ୱାସ୍ଥ୍ୟଗତ ପରାମର୍ଶ ନେବା ସଂପର୍କରେ ଅନୁଧ୍ୟାନ କରାଯାଇଛି ।

ଅଙ୍ଗନବାଡି ଗୁଡିକ ମାଧ୍ୟମରେ ଜନ୍ମରୁ ୫ ବର୍ଷ ବୟସ୍କ ୧୮୫୩ ଜଣ ପିଲାଙ୍କର ଶାରିରୀକ ଅଭିବୃଦ୍ଧିର ତର୍ଜମା କରାଯାଇଛି । ଜନ୍ମରୁ ୧ ବର୍ଷ ବୟସ୍କ ୩୨୮ଜଣ ଶିଶୁଙ୍କର ଟୀକାକରଣ ବ୍ୟବସ୍ଥା କରାଯାଇଛି ।

ଗାଁ ଗୁଡିକରେ ୯୩ଟି ଗ୍ରାମ୍ୟସ୍ୱାସ୍ଥ୍ୟ ବୈଠକ କରାଯାଇ ମାତୃ ଓ ଶିଶୁସ୍ୱାସ୍ଥ୍ୟ ସଂପର୍କରେ ଆଲୋଚନା କରାଯାଇଛି ।






ମାତୃ ମଣ୍ଡଳୀ ଗୁଡିକୁ ନେଇ ୧୨୭ଟି ବୈଠକ କରାଯାଇଛି ଏବଂ ଏଥିରେ ୯୮୩ ଜଣ ମାଆଙ୍କୁ ସ୍ୱସ୍ଥ୍ୟ ଓ ପୁଷ୍ଟି ସଂପର୍କରେ ସଚେତନ କରାଯାଇଛି । ଗର୍ଭବତୀ ଓ ପ୍ରସୂତୀ ମାନଙ୍କର ଖାଦ୍ୟ ଓ ପୁଷ୍ଟିର ସୁରକ୍ଷା ପାଇଁ ପୁଷ୍ଟି ବଗିଚା କରିବା ଏବଂ ଘରୋଇ ପରିବା ଉତ୍ପାଦନ ବଢାଇବା ନିମନ୍ତେ ପଦକ୍ଷେପ ନିଆଯାଇଛି ।

ଏହି କାର୍ଯ୍ୟକ୍ରମ ମାଧମରେ ଅଙ୍ଗନବାଡି ସ୍ତରରେ କିଶୋରୀ ବାଳିକା ମାନଙ୍କ ସ୍ୱାସ୍ଥ୍ୟ ଓ ଜୀବନକୌଶଳ ସମୃଦ୍ଧି ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ହେଉଥିବା ଅଦ୍ୱିକା କାର୍ଯ୍ୟକ୍ରମ ପ୍ରତି ଗାଁରେ ନିୟମିତ ଭାବେ କରାଯାଇଛି । ୧୩୧ ଟି ଦିନିକିଆ କର୍ମଶାଳା ଆୟୋଜନ କରାଯାଇ ୮୩୯ ରୁ ଅଧିକ କିଶୋରୀ ବାଳିକାଙ୍କୁ ସଂଗଠିତ କରିବା ସହ କିଶୋରୀ ସ୍ୱାସ୍ଥ୍ୟ, ଯୌନ ସ୍ୱାସ୍ଥ୍ୟ, ଜୀବନ କୌଶଳ ଏବଂ ବାଲ୍ୟବିବାହ ନିରୋଧ ଆଦି ସଂପର୍କରେ ଆଲୋଚନା କରାଯାଇଛି । ସେମାନଙ୍କୁ ଲୌହ ଓ ଫୋଲିକ୍ ଏସିଡ୍ ବଟିକା, ସାନିଟାରୀ ପ୍ୟାଡ୍, ସାବୁନ ଓ ମାସ୍କ ଆଦି ଦିଆଯାଇଛି

ଗାଁ ଗୁଡିକରେ ଗ୍ରାମ୍ୟ ସ୍ୱାସ୍ଥ୍ୟ ଓ ପୁଷ୍ଟି ଅଭିଯାନ (ଭି.ଏଚ୍.ଏନ୍.ଡି) ଏବଂ ଟୀକାକରଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇଛି । ୧୫୯ ଟି ବୈଠକ କରାଯାଇ ଶିଶୁ ମାନଙ୍କ ସ୍ୱାସ୍ଥ୍ୟ ତଦାରଖ ଏବଂ ଟୀକାକରଣ କାର୍ଯ୍ୟକ୍ରମ କରାଯାଇଛି । ଶିଶୁ ମାନଙ୍କୁ ଗ୍ରାମ୍ୟ ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିବିର ସହ ସଂପୃକ୍ତ କରି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଭିଟାମିନ ଓ କୃମିନାଶକ ଆଦି ଔଷଧ ଦିଆଯାଇଛି । ସ୍ତନ୍ୟପାନ କରୁଥିବା ଶିଶୁଙ୍କ ଯତ୍ନ ସଂପର୍କରେ ମା ଓ ପରିବାରବର୍ଗଙ୍କୁ ସଚେତନ କରାଯାଇଛି । ଦୁର୍ବଳ ସ୍ୱାସ୍ଥ୍ୟ ଶିଶୁଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାର ଉନ୍ନତୀ ପାଇଁ ପରାମର୍ଶ ଦିଆଯାଇଛି । ୯୬୮ ଜଣ ପ୍ରସୂତୀ ମହିଳା ଏଥିରେ ଯୋଗ ଦେଇଛନ୍ତି ।

ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ଗୋଷ୍ଠୀ ସଂଚାଳନ ଦିଗରେ ଦକ୍ଷ କରିବା, କାର୍ଯ୍ୟଭୁକ୍ତ ଅଂଚଳର ସମସ୍ତ ଗର୍ଭବତୀ ଓ ପ୍ରସୂତି ମହିଳାମାନଙ୍କୁ ଚିହ୍ନଟ କରିବା ଓ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିବା, ଗ୍ରାମ ସ୍ତରୀୟ ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିବିର ଗୁଡିକୁ ନିୟମିତ କରିବା, ପୁଷ୍ଟିର ସୁରକ୍ଷା ପାଇଁ ବାଡି ବଗିଚା କରିବା, ସ୍ୱାସ୍ଥ୍ୟ ଓ ପୁଷ୍ଟି ସଂପର୍କରେ ଅଙ୍ଗନବାଡି ଓ ଆଶା କର୍ମୀମାନଙ୍କର ସାମର୍ଥ୍ୟ ବିକାଶ କରିବା, ପଂଚାୟତ ସ୍ତରରେ ଲୋକ ପ୍ରତିନିଧି ଏବଂ ମହିଳାଦଳ ଗୁଡିକୁ ନେଇ ସଚେତନତା କାର୍ଯ୍ୟକ୍ରମମାନ କରିବା, ବିଦ୍ୟାଳୟ ସଚେତନତା କାର୍ଯ୍ୟକ୍ରମ କରିବା, ଅଧାରୁ ପାଠ ଛାଡିଥିବା ଶିଶୁ ଓ କିଶୋର/କିଶୋରୀ ମାନଙ୍କୁ ପୁଣି ବିଦ୍ୟାଳୟ










ପ୍ରବେଶର ବ୍ୟବସ୍ଥା କରିବା, ଆଦି କାର୍ଯ୍ୟକ୍ରମ ଗୁଡ଼ିକ ଗ୍ରହଣ କରାଯାଇଛି । ଅଙ୍ଗନବାଡି ଓ ଆଶା କର୍ମୀମାନଙ୍କୁ ନେଇ ୯୨ଟି ଆଲୋଚନା ଶିବିର କରାଯାଇଛି ।

କିଶୋର ଓ କିଶୋରୀ ମାନଙ୍କ କର୍ମଶାଳା କରାଯାଇ ସେମାନଙ୍କୁ କିଶୋର ବୟସର ବିଭିନ୍ନ ସମସ୍ୟା, ଶିକ୍ଷା ଓ ଭବିଷ୍ୟତ ଆଦି ସମ୍ପର୍କରେ ପଂଚାୟତ ସ୍ତରରେ ଓ ବିଦ୍ୟାଳୟ ସ୍ତରରେ ୨୧ଟି ଜୀବନ କୌଶଳ ତାଲିମ୍ ଦିଆଯାଇଛି । ଗୋଷ୍ଠୀ ସ୍ତରରେ ବାଲ୍ୟ ବିବାହ ରୋକିବା ଏବଂ ବାଳିକା ଚାଲାଣ ରୋକିବା ପାଇଁ ପଦକ୍ଷେପ ନେବା ଓ ସଚେତନ କରିବାକୁ କିଶୋର କିଶୋରୀ ଦଳ ଗୁଡ଼ିକୁ ସଂଗଠିତ କରାଯାଇଛି ।

ପ୍ରସୂତୀ ଓ ଗର୍ଭବତୀ ମହିଳା ମାନଙ୍କୁ ସରକାରୀ ଶିଶୁ ବିକାଶ ଯୋଜନା ସଂପର୍କରେ ପ୍ରଶିକ୍ଷିତ କରାଯିବା ସହ ୫୭ ଜଣ ମହିଳାଙ୍କୁ ମମତା ଯୋଜନା ଓ ୧୧୭ ଜଣଙ୍କୁ ଜନନୀ କଲ୍ୟାଣ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ ସାମିଲ କରା ଯାଇଛି । ଆନୁଷ୍ଠାନିକ ପ୍ରସବ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ୧୨୫ଟି ବୈଠକ କରାଯାଇଛି ।

ପଂଚାୟତ ସ୍ତରରେ ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ ଓ ଅନ୍ୟ ସେବା ପ୍ରଦାନକାରୀ ମାନଙ୍କୁ ନେଇ ୩ଟି ବୈଠକ କରାଯାଇଛି । ଶିଶୁ ମାନଙ୍କ ଅଭିଭାବକ, ଅଙ୍ଗନବାଡି କର୍ମୀ, ଏନ୍.ଆର୍.ସି ପ୍ରତିନିଧି ଓ ପଂଚାୟତ ପ୍ରତିନିଧି ମାନଙ୍କୁ ନେଇ ୧୪ଟି ବୈଠକ କରାଯାଇଛି । ସେହିପରି ରକ୍ତହୀନତାର ସାଧାରଣ ଲକ୍ଷଣ ଚିହ୍ନଟ ପାଇଁ ୧୩ଟି ପ୍ରଶିକ୍ଷଣ ଶିବିର କରାଯାଇଛି ।

ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରର ଅସୁବିଧା ଅନୁଧ୍ୟାନ କରାଯାଇ ପଂଚାୟତ ସ୍ତରୀୟ ବୈଠକରେ ସେସବୁର ସମାଧାନ ପାଇଁ ଯୋଜନା କରାଯାଇଛି । ବ୍ଲକ୍ ସ୍ତରରେ ଏକ ପୁଷ୍ଟିସାଧନ କେନ୍ଦ୍ର ଖୋଲିବା ପାଇଁ ପଂଚାୟତ ସମିତି ସ୍ତରୀୟ ବୈଠକରେ ଆଲୋଚନା କରାଯାଇଛି । ଶିଶୁ ବିକାଶ ପ୍ରକଳ୍ପ ନିର୍ଦ୍ଦେଶିକାଙ୍କୁ ମିଶି ଦୂର ସ୍ଥାନରେ ରହୁଥିବା ପଡା ଗାଁ ଗୁଡ଼ିକ ପାଇଁ ମିନି ଅଙ୍ଗନବାଡି ସବୁ ଖୋଲିବା ପାଇଁ ଦାବୀ ଉପସ୍ଥାପନ କରାଯାଇଛି ।

ଅଙ୍ଗନବାଡି କେନ୍ଦ୍ର ଗୁଡ଼ିକ ତରଫରୁ ଶିଶୁ କନ୍ୟା ଦିବସ, ବିଶ୍ୱ ଏଡ୍ସ ଦିବସ, ଜାତୀୟ ନିରାପଦ ମାତୃତ୍ୱ ଦିବସ, ବିଶ୍ୱ ଋତୁସ୍ରାବ ପରିଛନ୍ନତା ଦିବସ ଏବଂ ମ୍ୟାଲେରିଆ ଦିବସ ଆଦି ପାଳନ କରଯାଇଛି ।

## ଫଳାଫଳ ଓ ପ୍ରଭାବ

ଏହିସବୁ ଦୁର୍ଗମ ଗାଁ ଗୁଡ଼ିକରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ପ୍ରତି ସଚେତନତା ବୃଦ୍ଧି ପାଇଛି । ଅଙ୍ଗନବାଡି କେନ୍ଦ୍ର ଗୁଡ଼ିକ ନିୟମିତ ହେବା ସହ ଶିଶୁ ଉପସ୍ଥାନ ବୃଦ୍ଧି ପାଇଛି । ପ୍ରସୂତିମାନଙ୍କ ମଧ୍ୟରେ ଡାକ୍ତରଖାନା ପ୍ରସବ ଏବଂ ଟୀକାକରଣ ପ୍ରତି ଆଗ୍ରହ ବଢ଼ିଛି । ଗୋଷ୍ଠୀ ଓ ପରିବାର








ସ୍ତରରେ ଗର୍ଭବତୀ ଓ ପ୍ରସୂତୀ ମାନଙ୍କର ଯତ୍ନ, ସୁଷମ ଖାଦ୍ୟ ଓ ପୁଷ୍ଟି ଏବଂ ନିୟମିତ ଡାକ୍ତରୀ ପରାମର୍ଶ ସଂପର୍କରେ ସଚେତନତା ବଢ଼ିଛି ।

ପରିବାର ଗୁଡ଼ିକରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସଚେତନତା ବଢ଼ିବା ସହ ପାରମ୍ପରିକ ଅନ୍ଧବିଶ୍ୱାସ ଗୁଡ଼ିକ ଦୂର ହୋଇଛି । ସ୍ଥାନୀୟ ଅଙ୍ଗନବାଡି ସହ ସେମାନଙ୍କ ସଂପର୍କ ବଢ଼ିଛି । ପରିବାର ପୁଷ୍ଟିକର ଖାଦ୍ୟ ପାଇଁ ନିଜ ନିଜର ପୁଷ୍ଟି ବଗିଚା କରିଛନ୍ତି । ସେମାନଙ୍କର ଅଭ୍ୟାସଗତ ପରିବର୍ତ୍ତନ ହୋଇଛି ଏବଂ ମଶାରୀ ବ୍ୟବହାର, ପାଇଖାନା ବ୍ୟବହାର, ସ୍ୱଚ୍ଛ ପାନୀୟ ଜଳ ବ୍ୟବହାର, ନୀୟମିତ ହାତ ଧୋଇବା, ସାନିଟାରୀ ନାପ୍‌କିନ୍ ବ୍ୟବହାର ଆଦି ଅଭ୍ୟାସ ବଢ଼ିଛି ।

କିଶୋରୀ ମାନେ ସ୍ୱାସ୍ଥ୍ୟ ସଚେତନ ହୋଇ ପାରିଛନ୍ତି । ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ, ଋତୁସ୍ରାବ ସମୟର ପରିଚ୍ଛନ୍ନତା, ଖାଦ୍ୟ ଓ ପୁଷ୍ଟି ସଂପର୍କରେ ସେମାନଙ୍କ ଜ୍ଞାନ ବଢ଼ିଛି । ବାଲ୍ୟ ବିବାହର କୁପରିଣାମ ବିଷୟରେ ଅବଗତ ହେବାସହ ବ୍ୟକ୍ତିଗତ ଓ ସାମାଜିକ ସ୍ତରରେ ଏହାକୁ ବିରୋଧ କରୁଛନ୍ତି । ଜୀବନ କୌଶଳ ତାଲିମ ସେମାନଙ୍କୁ ନିଜର ଭବିଷ୍ୟତ ବିଷୟରେ ପ୍ରେରଣା ଦେଉଛି । ଅଧାରୁ ପଢା ଛାଡିଥିବା ୨୧ ଜଣ କିଶୋରୀ ବାଳିକା ପୁଣି ପାଠପଢା ଚାଲୁ କରିଛନ୍ତି

ଏହିସବୁ ଦୁର୍ଗମ ଗାଁ ଗୁଡିକରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ପ୍ରତି ସଚେତନତା ବୃଦ୍ଧି ପାଇଛି । ଅଙ୍ଗନବାଡି କେନ୍ଦ୍ର ଗୁଡିକ ନିୟମିତ ହେବା ସହ ଶିଶୁ ଉପସ୍ଥାନ ବୃଦ୍ଧି ପାଇଛି । ପ୍ରସୂତିମାନଙ୍କ ମଧ୍ୟରେ ଡାକ୍ତରଖାନା ପ୍ରସବ ଏବଂ ଟୀକାକରଣ ପ୍ରତି ଆଗ୍ରହ ବଢ଼ିଛି । ଗୋଷ୍ଠୀ ଓ ପରିବାର ସ୍ତରରେ ଗର୍ଭବତୀ ଓ ପ୍ରସୂତୀ ମାନଙ୍କର ଯତ୍ନ, ସୁଷମ ଖାଦ୍ୟ ଓ ପୁଷ୍ଟି ଏବଂ ନିୟମିତ ଡାକ୍ତରୀ ପରାମର୍ଶ ସଂପର୍କରେ ସଚେତନତା ବଢ଼ିଛି ।

ପରିବାର ଗୁଡ଼ିକରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସଚେତନତା ବଢ଼ିବା ସହ ପାରମ୍ପରିକ ଅନ୍ଧବିଶ୍ୱାସ ଗୁଡ଼ିକ ଦୂର ହୋଇଛି । ସ୍ଥାନୀୟ ଅଙ୍ଗନବାଡି ସହ ସେମାନଙ୍କ ସଂପର୍କ ବଢ଼ିଛି । ପରିବାର ପୁଷ୍ଟିକର ଖାଦ୍ୟ ପାଇଁ ନିଜ ନିଜର ପୁଷ୍ଟି ବଗିଚା କରିଛନ୍ତି । ସେମାନଙ୍କର ଅଭ୍ୟାସଗତ ପରିବର୍ତ୍ତନ ହୋଇଛି ଏବଂ ମଶାରୀ ବ୍ୟବହାର, ପାଇଖାନା ବ୍ୟବହାର, ସ୍ୱଚ୍ଛ ପାନୀୟ ଜଳ ବ୍ୟବହାର, ନୀୟମିତ ହାତ ଧୋଇବା, ସାନିଟାରୀ ନାପ୍‌କିନ୍ ବ୍ୟବହାର ଆଦି ଅଭ୍ୟାସ ବଢ଼ିଛି ।

ଶିଶୁ ମାନଙ୍କ ମଧ୍ୟରେ ପୁଷ୍ଟିହୀନତା ଓ ଅପପୁଷ୍ଟି ହ୍ରାସ ପାଇଛି, ସ୍ୱାସ୍ଥ୍ୟ ଓ ଓଜନ ଆଦିରେ ବୃଦ୍ଧି ଘଟିଛି, ବିଭିନ୍ନ ଶିଶୁ ରୋଗ ଆକ୍ରାନ୍ତଙ୍କ ସଂଖ୍ୟା କମିଛି । ଶିଶୁ ଟୀକାକରଣ ଶତ ପ୍ରତିଶତ ହୋଇ ପାରିଛି । ପରିବାର ଓ ଗୋଷ୍ଠୀରେ ଶିଶୁ ନିର୍ଯ୍ୟାତନା ହ୍ରାସ ପାଇଛି । ଶିଶୁ ମାନଙ୍କୁ ପୁଅଝିଅ ପ୍ରଭେଦରେ ଦେଖିବା ମନୋଭାବରେ ପରିବର୍ତ୍ତନ ଆସିଛି ।

ପଂଚାୟତିରାଜ ଅନୁଷ୍ଠାନ ଓ ପ୍ରତିନିଧିମାନଙ୍କର ଅଙ୍ଗନବାଡି କେନ୍ଦ୍ର କାର୍ଯ୍ୟକ୍ରମରେ ସଂପୃକ୍ତି ବଢ଼ିଛି ଏବଂ କେନ୍ଦ୍ର ସମସ୍ୟା ସମାଧାନ ଦିଗରେ ସେମାନେ ଉଦ୍ୟମ କରୁଛନ୍ତି ।

ଅଙ୍ଗନବାଡି କର୍ମୀ ଓ ଆଶା କର୍ମୀ ମାନେ ତାଲିମ୍ ଓ ସହାୟତା ପାଇ ଦକ୍ଷ ହୋଇ ପାରିଛନ୍ତି । କେନ୍ଦ୍ର ଗୁଡିକ ନୀୟମିତ ହେବା ସହ ଖାଦ୍ୟ ଓ ଶିକ୍ଷାଦାନରେ ଗୁଣାତ୍ମକ ଅଭିବୃଦ୍ଧି ଘଟିଛି ।










## ଭ୍ରାମ୍ୟମାଣ ପ୍ରସବଯାନ

କନ୍ଧମାଳର ଗାଁ ଗୁଡିକର ଅବସ୍ଥିତି ଓ ଭୌଗୋଳିକ ଜଟିଳତା ପାଇଁ ଆମ୍ବୁଲାନ୍ସ ଉପଲବ୍ଧ ହୋଇପାରୁନଥିବା ବା ଆମ୍ବୁଲାନ୍ସ ପହଂଚିବା ପାଇଁ ସମସ୍ୟା ରହିଥିବା ଗାଁ ଗୁଡିକରେ ଗର୍ଭବତୀ ମହିଳାମାନଙ୍କୁ ଡାକ୍ତରୀ ପ୍ରସବ ସେବା ଯୋଗାଇଦେବା ପାଇଁ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ସହାୟତାରେ ଭ୍ରାମ୍ୟମାଣ ପ୍ରସବ ଯାନ ସେବା ବ୍ୟବସ୍ଥା କରାଯାଇଛି ।

ସ୍ୱାତୀ ଅନୁଷ୍ଠାନ ୪ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଂଚଳ ଫିରିଙ୍ଗିଆ, ଗୁଂଜିବାଡି, ଇନ୍ଦ୍ରଗଡ ଓ ବେଲଘରରେ ଏହି ଯାନର ପରିଚାଳନା ଦାୟିତ୍ୱ ନେଇଛି । ସ୍ୱାତୀ ୨୦୧୮ ମସିହାରୁ ଫିରିଙ୍ଗିଆ ସ୍ୱାସ୍ଥ୍ୟ କେନ୍ଦ୍ର ଅଂଚଳରେ ଏହି ପ୍ରସବ ଯାନ ପରିଚାଳନା କରୁଥିବାବେଳେ ଗତ ୨୦୨୨ ମସିହା ନଭେମ୍ବର ମାସରୁ ଅନ୍ୟ ତିନିଟି ସ୍ୱାସ୍ଥ୍ୟ କେନ୍ଦ୍ର ଅଂଚଳରେ ଏହାର ପରିଚାଳନା ଦାୟିତ୍ୱ ନେଇଛି । ଯାନ ଗୁଡିକରେ ପ୍ରସବ ପାଇଁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଥିବାବେଳେ ପ୍ରତ୍ୟେକ ଯାନରେ ଦୁଇଜଣ ନର୍ସ, ଦୁଇଜଣ ସହାୟିକା ଓ ଦୁଇଜଣ ଡ୍ରାଇଭର ନିୟୋଜିତ ଅଛନ୍ତି । ଦିନରାତି ସବୁ ସମୟରେ ଏହି ଯାନ ସେବା ଯୋଗାଇ ଦେଉଛି ।

ଚଳିତ ବର୍ଷ ଏହି ଯାନ ଗୁଡିକ ଦ୍ୱାରା ଫିରିଙ୍ଗିଆ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ୩୦୦, ସାରଙ୍ଗଡ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ୨୭୫, ବେଲଘର ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ୨୪୫, ଇନ୍ଦ୍ରଗଡ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ୧୭୫ ଜଣରୁ ଅଧିକ ଗର୍ଭବତୀ ମହିଳା ପରିବହନ ସେବା ପାଇଥିବାବେଳେ ୧୧୪ଜଣ ପ୍ରସବ ଯାନ ମଧରେ ପ୍ରସବ ସୁବିଧା ପାଇଛନ୍ତି । ଏହି ପ୍ରସବ ଯାନ ଗୁଡିକରେ ୫୮ ଜଣ ପ୍ରସୂତୀ ମହିଳା ମଧ ପରିବହନ ସେବା ପାଇପାରିଛନ୍ତି ।

## ବାଇକ୍ ଆମ୍ବୁଲାନ୍ସ

କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ଅଂଚଳ ଦୁର୍ଗମ ଓ ଘାଟି ଜଙ୍ଗଲ ପରିପୂର୍ଣ୍ଣ ହୋଇଥିବାରୁ ଏହାର ଆଭ୍ୟନ୍ତରୀଣ ଗାଁ ଗୁଡିକରେ ଯୋଗାଯୋଗ ଓ ଯାନବାହନର ଅସୁବିଧା ହେତୁ ଗ୍ରାମବାସୀ ମାନେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିବାରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଅନେକ ଗାଁକୁ ପଥୁରିଆ ଘାଟି ରାସ୍ତା ଯୋଗୁଁ ଆମ୍ବୁଲାନ୍ସ ସେବା ପରି ଅତ୍ୟାବଶ୍ୟକୀୟ ସେବାରୁ ସେମାନେ ବଂଚିତ ହୋଇଥାନ୍ତି । ପରିବହନର ଅସୁବିଧା ହେତୁ ରୋଗୀକୁ ଭାରରେ ବୋହି ଚିକିତ୍ସା ପାଇଁ ଆଣିବାକୁ ପଡିଥାଏ । ବିଶେଷକରି ଗର୍ଭବତୀ ମହିଳା ଏବଂ ଜରୁରୀ ଚିକିତ୍ସା ପାଇଁ ରୋଗୀମାନେ ଡାକ୍ତରଖାନାକୁ ଆସିବାକୁ ନାନା ଅସୁବିଧା ଓ ବିପଦର ସମ୍ମୁଖୀନ ହୁଅନ୍ତି । ଏସବୁ ସମସ୍ୟା ଗୁଡିକୁ ଆଖି ଆଗରେ ରଖି ଜିଲ୍ଲା ପ୍ରଶାସନ ଦ୍ୱାରା ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଜରିଆରେ ବାଇକ୍ ଆମ୍ବୁଲାନ୍ସ ସେବା ଗତ ତିନି ବର୍ଷ ହେବ ଚାଲୁ କରାଯାଇଛି । ସ୍ୱାତୀ ଫିରିଙ୍ଗିଆ ବ୍ଲକ୍‌ର ୪ଟି ପଂଚାୟତ ସାଡିଙ୍ଗିଆ, ପାଙ୍ଗା, ସୁମରବନ୍ଧ ଓ ଜଜେଶପାଙ୍ଗାର ୭୩ ଗାଁରେ ଏହି ଆମ୍ବୁଲାନ୍ସ ସେବା ଯୋଗାଇ ଦେଉଛି । ୩୦୭୮ଟି ପରିବାରର ୧୨୪୫୬ ଜଣ ଲୋକ ଏହାଦ୍ୱାରା ଉପକୃତ ହେଉଛନ୍ତି ।

ଚଳିତ ବର୍ଷ ସମୁଦାୟ ୧୧୦ ଜଣ ଏହି ସେବା ପାଇଥିବାବେଳେ ୯୨ ଜଣ ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନାରେ ପ୍ରସବ ପାଇଁ ଏଥିରେ ନିଆଯାଇଛି । ସେହିପରି ୧୮ ଜଣ ଅନ୍ୟାନ୍ୟ ରୋଗରେ ପୀଡିତ ରୋଗୀଙ୍କୁ ଜରୁରୀ ଚିକିତ୍ସା ପାଇଁ ଡାକ୍ତରଖାନାରେ ପହଂଚାଇ ଦିଆଯାଇଛି । ଏହାଦ୍ୱାରା ଆମ୍ବୁଲାନ୍ସ ଯାଇ ପାରୁନଥିବା ଗାଁ ଗୁଡିକର ୯୨ ଜଣ ଗର୍ଭବତୀ ମହିଳା ଡାକ୍ତରଖାନାରେ ପ୍ରସବ କରିବାର ସୁବିଧା ପାଇ ପାରିଛନ୍ତି ।



## ମହିଳା ସଶକ୍ତିକରଣ

ଚିରନ୍ତନ ବିକାଶ ଲକ୍ଷ୍ୟ – ୫ରେ ଥିବା ଲିଙ୍ଗଗତ ସମାନତା ଏବଂ ମହିଳା ଓ ବାଳିକା ମାନଙ୍କର ସଶକ୍ତିକରଣ ପାଇଁ ସ୍ୱାତୀ ବିଶେଷ ଭାବେ ପ୍ରାଧାନ୍ୟ ଦେଇ କାର୍ଯ୍ୟକ୍ରମ ମାନ ଗ୍ରହଣ କରି ଆସୁଛି । ଶିକ୍ଷା ଓ ସଚେତନତା ଅଭାବରୁ ମହିଳାମାନେ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଅନେକାଂଶରେ ପଛୁଆ ରହିଛନ୍ତି ଏବଂ ଉପଯୁକ୍ତ ପ୍ରୋତ୍ସାହନ ଓ ସହାୟତା ଅଭାବରୁ ନିଜର ଅଧିକାର ଓ ସୁଯୋଗରୁ ବଂଚିତ ହୋଇଆସୁଛନ୍ତି । ଏହିସବୁ ସାମାଜିକ ଓ ଲିଙ୍ଗଗତ ବିଭେଦ ସୃଷ୍ଟି କରୁଥିବା ବ୍ୟବସ୍ଥା ଗୁଡିକୁ ବିଲୋପ କରି ଅନୁନ୍ନତ, ଅସୁରକ୍ଷିତ ଏବଂ ବିଶେଷକରି ମହିଳାମାନଙ୍କୁ ନିଷ୍ପତିଗତ ପ୍ରକ୍ରିୟାରେ ସାମିଲ କରିବା ଏବଂ ସେମାନଙ୍କ ଅଧିକାରକୁ ସ୍ୱୀକୃତ କରାଇବା ନିମନ୍ତେ ସ୍ୱାତୀ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରୁଛି ।

ସ୍ୱାତୀ ଏହାର ଆରମ୍ଭ ସମୟରୁ ଗାଁ ଗୁଡିକରେ ମହିଳା ସ୍ୱୟଂସହାୟିକା ଦଳମାନ ଗଠନ କରି ସେମାନଙ୍କ ଆର୍ଥିକ ଓ ନେତୃତ୍ୱ ବିକାଶ ପାଇଁ ପଦକ୍ଷେପ ଗ୍ରହଣ କରିଥିଲା । ଅନୁଷ୍ଠାନ ପୂର୍ବରୁ ଗ୍ରହଣ କରିଥିବା ଜାତୀୟ ସହରୀ ବିକାଶ ଯୋଜନାରେ ଭୁବନେଶ୍ୱର, ବ୍ରହ୍ମପୁର, ଫୁଲବାଣୀ ଓ ବୌଦ ଆଦି ସହାରାଂଚଳରେ ୬୦୦ରୁ ଅଧିକ ମହିଳା ସ୍ୱୟଂସହାୟିକା ଦଳ ଗଢି ସେମାନଙ୍କୁ ରୋଜଗାର ବୃଦ୍ଧି ବ୍ୟବସ୍ଥା ସହ ମହାସଂଘ ମାନ ଗଠନ କରିଛି । ଏହାଛଡା ସ୍ୱାତୀର ବାଡି କାର୍ଯ୍ୟଭୂକ୍ତ ଅଂଚଳ, ଓଡିଶା ବନାଂଚଳ ଉନ୍ନୟନ କାର୍ଯ୍ୟକ୍ରମ କାର୍ଯ୍ୟଭୂକ୍ତ ଅଂଚଳ, ମହିଳା ଓ ଶିଶୁ କଲ୍ୟାଣ କାର୍ଯ୍ୟ ଅଂଚଳ, ମିଲେଟ ମିଶନ ଅଂଚଳ, କୃଷି ବିକାଶ କାର୍ଯ୍ୟଭୂକ୍ତ ଅଂଚଳରେ ୧୦୦୦ରୁ ଅଧିକ ମହିଳା ସ୍ୱୟଂସହାୟିକା ଦଳ ରହିଛି । ଏହି ମହିଳା ଦଳ ଗୁଡିକ ସଂଚୟ ଓ ରୋଜଗାର ଭିତିକ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ ସହ ସାମାଜିକ କାର୍ଯ୍ୟରେ ସଂପୃକ୍ତ ରହିଛନ୍ତି ।

ମହିଳା ସଶକ୍ତିକରଣ ଦିଗରେ ସ୍ୱାତୀ ଦ୍ୱାରା ଗତ ଦିନ ଗୁଡିକରେ ବାଲ୍ୟ ବିବାହ ନିରୋଧ ଅଭିଯାନ, ମହିଳା ଶିକ୍ଷା ଓ ସ୍ୱାସ୍ଥ୍ୟ ଅଭିଯାନ, ଘରୋଇ ହିଂସା ଓ ମହିଳା ହିଂସା ନିରୋଧ ଅଭିଯାନ ଆଦି କାର୍ଯ୍ୟକ୍ରମ ମାନ ଗ୍ରହଣ କରାଯାଇ ମହିଳା ସଶକ୍ତିକରଣ ପାଇଁ ପଦକ୍ଷେପ ଗ୍ରହଣ କରା ଯାଇଥିଲା । ସେହିପରି ଯୁବ ଗୋଷ୍ଠି ଏବଂ ଛାତ୍ର ମାନଙ୍କ ମଧରେ ମହିଳା ବିରୋଧି ହିଂସା ସଂପର୍କରେ ସଚେତନତା ସୃଷ୍ଟି ଏବଂ ପ୍ରତିରୋଧ ପାଇଁ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଗୁଡିକରେ ଛାତ୍ରଛାତ୍ରୀ ମାନଙ୍କ ମଧରେ ସଚେତନତା ସୃଷ୍ଟି କରାଯାଇଛି । ଗତ ବର୍ଷ ସ୍ୱାତୀ ତରଫରୁ ସାରା ରାଜ୍ୟରେ ମହିଳା ମାନଙ୍କୁ ଆଇନଗତ ସଚେତନତା ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିବାବେଳେ ମହିଳା ଆଇନ ସହାୟିକା କାଡର୍ ମାନ ବଛା ଯାଇଛି ।

ଚଳିତ ବର୍ଷ ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ କୌଣସି କାର୍ଯ୍ୟକ୍ରମ ନଥିଲେ ମଧ ଚାଲିଥିବା ପ୍ରକଳ୍ପ ଗୁଡିକରେ ମହିଳା ମାନଙ୍କୁ ବିଶେଷ ପ୍ରାଧାନ୍ୟ ଦିଆଯାଇଛି ।

## ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ମାଧ୍ୟମରେ ରୋଜଗାର ବୃଦ୍ଧି



ଚଳିତ ବର୍ଷ ବାଲିଗୁଡା ଓ ଟିକାବାଲି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ମାଧ୍ୟମରେ ଚାଲିଥିବା ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କାର୍ଯ୍ୟକ୍ରମରେ ମହିଳା ଚାଷୀ, ମହିଳା ଯୁବ ଉଦ୍ୟୋଗୀ ଓ ମହିଳା ସ୍ୱୟଂ ସହାୟିକା ଦଳ ଗୁଡିକୁ ରୋଜଗାର ବୃଦ୍ଧି ପାଇଁ ବିଭିନ୍ନ ଜୀବିକା ସହାୟତା ଦିଆଯାଇଛି । ମହିଳା ଚାଷୀମାନଙ୍କୁ ବିଭିନ୍ନ ପରିବା, ଡାଲିଜାତୀୟ, ତୈଳବୀଜ ଚାଷ ପାଇଁ ସହାୟତା ଦିଆଯାଇଛି । ସେହିପରି ମହିଳା ଦଳ ଗୁଡିକୁ ଦଳଗତ ଭାବରେ ମକାଚାଷ. ସୂର୍ଯ୍ୟମୁଖି ଚାଷ, ଡ୍ରାଗନ୍‌ଫ୍ରୁଟ୍ ଚାଷ, ଗୋଲ ମରିଚ ଚାଷ, ଗେଣ୍ଡୁଫୁଲ ଚାଷ, ଷ୍ଟ୍ରବେରୀ ଚାଷ ପାଇଁ ସହାୟତା ଦିଆଯାଇଛି । ପଶୁପାଳନ ଯୋଜନାରେ ମହିଳା ମାନଙ୍କୁ ଘରୋଇ ଭାବେ କୁକୁଡା ଚାଷ, ଛେଳି ଚାଷ ଏବଂ ମହିଳା ଦଳ ଗୁଡିକୁ କୁକୁଡା ଫାର୍ମ ଓ ଛେଳି ଫାର୍ମ ପାଇଁ ସହାୟତା ଦିଆଯାଇଛି । ଯୁବ ଉଦ୍ୟୋଗୀ ଯୋଜନାରେ ଶିକ୍ଷିତା ଯୁବତୀ ମାନଙ୍କୁ ସିଲେଇ କେନ୍ଦ୍ର ପ୍ରତିଷ୍ଠା, ଖଲି ଉଦ୍ୟୋଗ, କମ୍ପ୍ୟୁଟର କେନ୍ଦ୍ର ଆଦି ନିମନ୍ତେ ୧ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଯୋଗାଇ ଦିଆଯାଇଛି ।

## ଓଡିଶା ବନାଂଚଳ ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ରୋଜଗାର ବୃଦ୍ଧି

ଗଂଜାମ ଜିଲ୍ଲାର ଉତର ଘୁମୁସର ବନଖଣ୍ଡରେ ଚାଲିଥିବା ଓଡିଶା ବନାଂଚଳ ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ଭଂଜନଗର ଓ ଜଗନ୍ନାଥ ପ୍ରସାଦ ବ୍ଲକ୍ ଅଂଚଳରେ ୩୦୦ଟି ମହିଳା ସ୍ୱୟଂ ସହାୟିକା ଦଳକୁ ସହାୟତା ଯୋଗାଇ ଦିଆଯାଇଛି । ମହିଳା ଦଳ ଗୁଡିକୁ ରୋଜଗାର ଭିତିକ କାର୍ଯ୍ୟକ୍ରମ ଗ୍ରହଣ ପାଇଁ ଆବଶ୍ୟକୀୟ ତାଲିମ ସହ



ସହାୟତା ପାଣ୍ଠି ଯୋଗାଇ ଦିଆଯାଇଛି । ମହିଳାମାନେ ଛତୁଚାଷ, ଫୁଲଚାଷ, ବାଉଁଶ କାମ, କାଗଜ ପ୍ଲେଟ କପ୍ ପ୍ରସ୍ତୁତି, ମାଛଚାଷ, କୁକୁଡା ଚାଷ, ଚୁନାକଳ, ଚାଉଳକଳ ଆଦି କାର୍ଯ୍ୟକ୍ରମ ମାନ କରୁଛନ୍ତି ।

## ମାଣ୍ଡିଆ ମା



ସ୍ୱାତୀ ଦ୍ୱାରା ରାଇକିଆ ଓ ଟିକାବାଲି ବ୍ଲକ୍ ରେ ଚାଲିଥିବା ଶ୍ରୀ ଅନ୍ନ ଅଭିଯାନ କାର୍ଯ୍ୟକ୍ରମରେ ମହିଳା ଚାଷୀ ମାନଙ୍କୁ ଅଗ୍ରାଧିକାର ଦିଆ ଯାଇଛି । ସେମାନେ ବ୍ୟକ୍ତିଗତ ଭାବେ ମାଣ୍ଡିଆ ଚାଷ କରିବା ସହ ଦଳଗତ ଭାବେ ମଧ ମାଣ୍ଡିଆ ଚାଷ କରୁଛନ୍ତି । ମହିଳା ଦଳ ଗୁଡିକୁ ମାଣ୍ଡିଆ ଜଳଖିଆ ଦୋକାନ ଖୋଲିବା ନିମନ୍ତେ ସହାୟତା ଦିଆଯାଇଛି । ମହିଳା ଦଳ ଗୁଡିକ ମାଧ୍ୟମରେ ଗାଁ ଗାଁରେ ଖାଦ୍ୟମେଳା ହେଉଛି ଏବଂ ବ୍ଲକ୍ ଓ ଜିଲ୍ଲା ସ୍ତରୀୟ ପ୍ରଦର୍ଶନୀ ଗୁଡିକରେ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ପ୍ରଦର୍ଶନୀ କରୁଛନ୍ତି ।

## ବାଲ୍ୟ ବିବାହ ନିରୋଧ



କନ୍ଧମାଳ ଜିଲ୍ଲାର ଗାଁ ଗୁଡିକରେ ପାରମ୍ପରିକ ଭାବେ ବାଲ୍ୟ ବିବାହ ପ୍ରଥା ବହୁଳଭାବେ ପ୍ରଚଳିତ । ଏହା ଶିଶୁ ସୁରକ୍ଷା ଅଧିକାର ଏବଂ ମହିଳା ଅଧିକାରକୁ କ୍ଷୁର୍ଣ୍ଣ କରିବା ସହ ଜୀବନଜୀବିକା, ସ୍ୱାସ୍ଥ୍ୟଗତ ଏବଂ ସାମାଜିକ ବିଶୃଙ୍ଖଳାର କାରଣ ମଧ ହେଉଛି । ଏଣୁ ଗାଁ ଗୁଡିକରୁ ବାଲ୍ୟ ବିବାହ ଉଚ୍ଛେଦ କରି କିଶୋରୀ ବାଳିକାମାନଙ୍କୁ ସମାଜ ସଚେତନ, ସ୍ୱାସ୍ଥ୍ୟ ସଚେତନ, ଦକ୍ଷତା ବୃଦ୍ଧି ତଥା ବୃତିଗତ ସହାୟତା ଦେଇ ରୋଜଗାରକ୍ଷମ କରାଇବା ଏବଂ ଭବିଷ୍ୟତରେ ଏକ ସୁସ୍ଥ ପାରିବାରିକ ଜୀବନ ବିତାଇବାର ପରାମର୍ଶ ଓ ସହାୟତା ଦେବା ନିମନ୍ତେ ସ୍ୱାତୀ ବାଲ୍ୟବିବାହ ନିରୋଧ ସଚେତନତା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଆସୁଛି । କନ୍ଧମାଳ ଜିଲ୍ଲା କ.ନୂଆଗାଁ, ଫିରିଙ୍ଗିଆ, ଟିକାବାଲି ଓ ରାଇକିଆ ବ୍ଲକ୍ ଅଂଚଳରେ ୧୫୦ଟି କିଶୋରୀ ବାଳିକା ସଂଘ ଗଢାଯାଇ ସେମାନଙ୍କୁ ବାଲ୍ୟବିବାହ ନିରୋଧ ପାଇଁ ସଚେତନତା ସୃଷ୍ଟି ଓ ପଦକ୍ଷେପ ଗ୍ରହଣ କରିବାକୁ ସହଯୋଗ ଦିଆଯାଉଛି । ସେହିପରି ଫିରିଙ୍ଗିଆ ବ୍ଲକ୍ ଅଂଚଳରେ ଜୀବନ କୌଶଳ ଶିକ୍ଷା ଶିବିର ମାଧମରେ କିଶୋରୀ ବାଳିକା ମାନଙ୍କୁ ଜୀବନ କୌଶଳ, ସ୍ୱାସ୍ଥ୍ୟ ରକ୍ଷା, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଶିକ୍ଷା, ଭବିଷ୍ୟତ ଲକ୍ଷ୍ୟ ନିର୍ଦ୍ଧାରଣ, ମହିଳା ଓ ଆଇନଗତ ଅଧିକାର, ମହିଳା ହିଂସା ଆଦି ସଂପର୍କରେ ସଚେତନ କରାଯାଉଛି ।












## ଶିକ୍ଷାର ବିକାଶ

ଚିରନ୍ତନ ବିକାଶ ଲକ୍ଷ୍ୟ – ୪ରେ ଥିବା ସମସ୍ତଙ୍କ ପାଇଁ ଉନ୍ନତ ମାନର ଶିକ୍ଷା ଏବଂ ସାରା ଜୀବନ ଶିକ୍ଷାର ସୁଯୋଗ ଯୋଗାଇଦେବା ନିମନ୍ତେ ସ୍ୱାତୀ ଉଦ୍ୟମ କରି ଆସୁଛି । ସମ୍ବଳ ଓ ସୁଯୋଗ ଅଭାବରୁ ଆଦିବାସୀ ଅଂଚଳ ଗୁଡିକରେ ଗୁଣାତ୍ମକ ଶିକ୍ଷାର ପ୍ରସାର ହୋଇପାରିନାହିଁ । ଶିଶୁଶିକ୍ଷାରେ ଅବ୍ୟବସ୍ଥା, ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀ ମାନଙ୍କ ସଂଖ୍ୟାବୃଦ୍ଧି, ଝିଅ ମାନଙ୍କ କମ୍ ଶିକ୍ଷା ହାର ଏବଂ ଉଚ୍ଚଶିକ୍ଷାରେ କମ୍ ହାର ଆଦି ଏହି ଅଂଚଳର ଶିକ୍ଷାଗତ ଅବ୍ୟବସ୍ଥାକୁ ହିଁ ସୂଚାଉଛି । ଏକ ସାମାଜିକ ଅନୁଷ୍ଠାନ ହିସାବରେ ସ୍ୱାତୀ ଶିକ୍ଷାପ୍ରତି ଆଗ୍ରହ ସୃଷ୍ଟି କରିବା ଏବଂ ଶିକ୍ଷାର ସୁଯୋଗ ସୃଷ୍ଟି ନିମନ୍ତେ କାର୍ଯ୍ୟକ୍ରମ ମାନ ଗ୍ରହଣ କରିଆସିଛି । ଗତ ବର୍ଷ ଗୁଡିକରେ ଗୋଷ୍ଠି ଶିକ୍ଷାର ବିକାଶ ପାଇଁ ସ୍ୱାତୀ ତରଫରୁ ଶିଶୁ ମାନଙ୍କ ପାଇଁ ଗୁଣାତ୍ମକ ପ୍ରାକ୍ ପ୍ରାଥମିକ ଶିକ୍ଷା, ପ୍ରାଥମିକ ଓ ମାଧମିକ ଛାତ୍ରଛାତ୍ରୀ ମାନଙ୍କ ପାଇଁ ବ୍ରିଜ୍ କୋର୍ସ, ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ପାଇଁ ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ( ଏନ.ଆଇ.ଓ.ଏସ୍) ଆଦି କାର୍ଯ୍ୟକ୍ରମ ଗ୍ରହଣ କରିଛି ।

ଚଳିତ ବର୍ଷ ଶିକ୍ଷାର ପ୍ରସାର ନିମନ୍ତେ ସ୍ୱାତୀ ତରଫରୁ ଇ-ଲାଇବ୍ରେରୀ ପରିଚାଳନା, ପ୍ରଶାସନୀକ ସେବା ପ୍ରଶିକ୍ଷଣ କେନ୍ଦ୍ର ପରିଚାଳନା, ବିଜ୍ଞାନ ପାର୍କ ପରିଚାଳନା, ଗୋଷ୍ଠୀ ବେତାର କେନ୍ଦ୍ର – ରେଡିଓ ସ୍ୱାତୀ ଆଦି କାର୍ଯ୍ୟକ୍ରମ ମାନ ହୋଇଛି ।

### ଇ-ଲାଇବ୍ରେରୀ



ଛାତ୍ରଛାତ୍ରୀ ମାନଙ୍କ ଅଧ୍ୟୟନର ସୁବିଧା ପାଇଁ ଫୁଲବାଣୀ ଆଇ.ଟି.ଡି.ଏ ତରଫରୁ ଫୁଲବାଣୀ ଠାରେ ଏକ ଇ-ଲାଇବ୍ରେରୀ ପ୍ରତିଷ୍ଠା କରାଯାଇଛି । ସ୍ୱାତୀ ଅନୁଷ୍ଠାନ ଏହାର ପରିଚାଳନା ଦାୟିତ୍ୱ ନେଇଛି । ଏଠାରେ ଛାତ୍ରଛାତ୍ରୀ ମାନଙ୍କ ଉଚ୍ଚଶିକ୍ଷା ଓ ନିଯୁକ୍ତି ଭିତ୍ତିକ ପରୀକ୍ଷା ପ୍ରସ୍ତୁତି ପାଇଁ ସମସ୍ତ ସୁବିଧା ସୁଯୋଗ ରହିଛି । ପାଠାଗାରରେ ବିଭିନ୍ନ ପୁସ୍ତକ, ପାଠ୍ୟ ପୁସ୍ତକ, ପ୍ରତିଯୋଗୀତା ମୂଳକ ପୁସ୍ତକ, ପତ୍ରପତ୍ରିକା,

ସମ୍ବାଦପତ୍ର ଆଦି ଉପଲବ୍ଧ ହେଉଛି । ସେହିପରି ଏଠାରେ ଇଂଟରନେଟ ଓ କମ୍ପ୍ୟୁଟରର ବ୍ୟବସ୍ଥା ମଧ ରହିଛି । ଛାତ୍ରଛାତ୍ରୀ ମାନେ ଏହାକୁ ଉପଯୋଗ କରି ବିଭିନ୍ନ ପ୍ରତିଯୋଗୀତା ଓ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇ ପାରୁଛନ୍ତି । ବର୍ତମାନ ସୁଦ୍ଧା ଏହି ଲାଇବ୍ରେରୀରେ ୯୯ ଜଣ ବାର୍ଷିକ ସଭ୍ୟ, ୮୦ ଜଣ ଷାଣ୍ମାସିକ ଓ ୧୦୦୮ ଜଣ ତ୍ରୟୋମାସିକ ସଦସ୍ୟ ରହିଛନ୍ତି । ଇ-ଲାଇବ୍ରେରୀ ସହାୟତା ନେଇ ବର୍ତମାନ ସୁଦ୍ଧା ୯୫ ଜଣ ଯୁବକ ଯୁବତୀ ବିଭିନ୍ନ ପ୍ରତିଯୋଗୀତା ଓ ପରୀକ୍ଷାରେ କୃତକାର୍ଯ୍ୟହୋଇ ନିଯୁକ୍ତି ସୁଯୋଗ ପାଇ ପାରିଛନ୍ତି । ଏଠାରେ ଛାତ୍ରଛାତ୍ରୀ ମାନେ ବ୍ୟାଙ୍କିଙ୍ଗ ସର୍ଭିସ, ୟୁ.ପି.ଏସ୍.ସି ଏବଂ ଅନ୍ୟାନ୍ୟ ପ୍ରତିଯୋଗୀତା ମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇ ପାରୁଛନ୍ତି ।

## ପ୍ରଶାସନିକ ସେବା ପ୍ରଶିକ୍ଷଣ କେନ୍ଦ୍ର



କନ୍ଧମାଳ ଜିଲ୍ଲାର ଶିକ୍ଷାର୍ଥୀ ମାନଙ୍କ ପାଇଁ ପ୍ରଶାସନିକ ନିଯୁକ୍ତି ନିମନ୍ତେ ପ୍ରସ୍ତୁତି ହେବା ପାଇଁ ଏକ ଶିକ୍ଷଣ ପରିବେଶ ସୃଷ୍ଟି ଏବଂ ବିଭିନ୍ନ ସରକାରୀ ବେସରକାରୀ ନିଯୁକ୍ତି ପାଇଁ ପ୍ରସ୍ତୁତି ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ଫୁଲବାଣୀ ଠାରେ ଏକ ପ୍ରଶାସନିକ ସେବା ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯାଇଛି । ଫୁଲବାଣୀ ଆଇ.ଟି.ଡି.ଏ ସହାୟତାରେ ଚାଲୁଥିବା ଏହି କେନ୍ଦ୍ରର ପରିଚାଳନା ଦାୟିତ୍ୱ ଗ୍ରହଣ କରିଛି ସ୍ୱାତୀ ଅନୁଷ୍ଠାନ । ବିଭିନ୍ନ ସମୟରେ ସାଧନ ବ୍ୟକ୍ତି, ପ୍ରଶାସକ, ବୁଦ୍ଧିଜୀବି ମାନେ ଆସି ଏଠାରେ ଶିକ୍ଷାଦାନ କରୁଛନ୍ତି । ଏହି କେନ୍ଦ୍ର ଦ୍ୱାରା ଜିଲ୍ଲାର ଶିକ୍ଷାର୍ଥୀ ମାନେ ବିଭିନ୍ନ ନିଯୁକ୍ତି ନିମନ୍ତେ ପ୍ରସ୍ତୁତି ସୁଯୋଗ ପାଇପାରୁଛନ୍ତି ।

## ବିଜ୍ଞାନ ପାର୍କ

ଫୁଲାବାଣୀ ସହରରେ ଥିବା ବିଜ୍ଞାନ ପାର୍କର ତତ୍ତ୍ୱାବଧାନ ଓ ପରିଚାଳନା ଦାୟିତ୍ୱ ସ୍ୱାତୀ ନେଇଛି । ଏଠାରେ ଛାତ୍ରଛାତ୍ରୀ ମାନେ ଦୈନନ୍ଦିନ ବୁଲି ବିଭିନ୍ନ ବିଜ୍ଞାନ ବିଷୟକ ଜ୍ଞାନ ହାସଲ କରି ପାରୁଛନ୍ତି । ସେହିପରି ବିଭିନ୍ନ ସମୟରେ ଏଠାରେ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗୀତା ମାନ ମଧ କରାଯାଉଛି । ଏଠାରେ ଆନ୍ତର୍ଜାତୀୟ ଯୋଗ ଦିବସ, ବୟସ୍କ ନାଗରୀକ ଦିବସ, ଶିଶୁ ଦିବସ, ରଜ ଉତ୍ସବ ଆଦି ପାଳନ କରାଯିବା ସହ ଖାଦ୍ୟମେଳା, ସୁନ୍ଦର ସ୍ୱାସ୍ଥ୍ୟ ପ୍ରତି ଯୋଗୀତା ଆଦି କାର୍ଯ୍ୟକ୍ରମ ମାନ ହେଉଛି । ତେବେ ଚଳିତ ଜୁନ୍ ମାସଠାରୁ ଫୁଲବାଣୀ ବିଜ୍ଞାପିତ ଅଂଚଳ ପରିଷଦ ଏହାର ପରିଚାଳନା ଦାୟିତ୍ୱ ନେଇଛନ୍ତି ।

## ଗୋଷ୍ଠୀ ବେତାର କେନ୍ଦ୍ର – ରେଡିଓ ସ୍ୱାତୀ – ସ୍ୱର କନ୍ଧମାଳର

କନ୍ଧମାଳର ସାଂସ୍କୃତିକ, ସାମାଜିକ ଓ ବିକାଶ ସମ୍ବାଦ ଗୁଡିକୁ ଲୋକମାନଙ୍କ ପାଖରେ ପହଂଚାଇବା ଏବଂ ବିଭିନ୍ନ ବିଷୟରେ ସଚେତନତା ସୃଷ୍ଟି ପାଇଁ ଏହି ଗୋଷ୍ଠୀ ବେତାର କେନ୍ଦ୍ର ଫିରିଙ୍ଗିଆ ବ୍ଲକ୍ ବନ୍ଧଗଡ ସ୍ଥିତ ସ୍ୱାତୀ ସାଧନ କେନ୍ଦ୍ରଠାରେ ଆରମ୍ଭ କରାଯାଇଛି । ସ୍ଥାନୀୟ ଅଂଚଳର ଲୋକମାନେ ୯୦.୮ ଏଫ୍ ଏମ୍ ଯୋଗେ ଏହି ରେଡିଓ ସ୍ୱାତୀ – ସ୍ୱର କନ୍ଧମାଳର ଶୁଣିପାରୁଛନ୍ତି । ଚଳିତ ବର୍ଷ ବୟସ୍କ ନାଗରୀକ ମାନଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ କେନ୍ଦ୍ର ସରକାରଙ୍କ ଅଟଳ ବୟୋ ଅଭ୍ୟୁଦୟ ଯୋଜନା ସଂପର୍କରେ ଧାରାବାହିକ ବେତାର ନାଟକ ପ୍ରସାରିତ ହୋଇଥିଲା । ସେହିପରି ସ୍ୱାସ୍ଥ୍ୟ, ଶିକ୍ଷା, ପରିବେଶ, ସରକାରୀ ଯୋଜନା ସଂପର୍କିତ ତଥ୍ୟ ଓ ଆଲୋଚନା ନୀୟମିତ ଭାବେ ଏଥିରେ ପ୍ରସାରି ହେଉଛି । ଏହା ସ୍ଥାନୀୟ ଗ୍ରାମବାସୀ ମାନଙ୍କର ସଚେତନତା ଓ ଶିକ୍ଷାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ।



## ପ୍ରାକୃତିକ ସମ୍ବଳ ପରିଚାଳନା ଓ ଜଳବାୟୁ ପରିବର୍ତ୍ତନ ମୁକାବିଲା

ଚିରନ୍ତନ ବିକାଶ ଲକ୍ଷ୍ୟ – ୧୩ରେ ରହିଥିବା ଜଳବାୟୁ ପରିବର୍ତ୍ତନ ଓ ଏହର ପ୍ରଭାବର ମୁକାବିଲା ଏବଂ ଚିରନ୍ତନ ବିକାଶ ଲକ୍ଷ୍ୟ – ୧୫ରେ ରହିଥିବା ପ୍ରାକୃତିକ ପର୍ଯ୍ୟାବରଣର ସୁରକ୍ଷା, ସଂରକ୍ଷଣ, ବିକାଶ ଓ ସ୍ଥାୟୀ ପରିଚାଳନା, ପ୍ରାକୃତିକ ଜଙ୍ଗଲର ସ୍ଥାୟୀ ପରିଚାଳନା, ଜମି ସବୁର ଅବକ୍ଷୟକୁ ରୋକିବା ନିମନ୍ତେ ସ୍ୱାତୀ ନିଜର କାର୍ଯ୍ୟକ୍ରମ ଗୁଡିକରେ ପ୍ରାଧାନ୍ୟ ଦେଇ ଆସୁଛି । ଅନୁଷ୍ଠାନ ଏହାର ଆରମ୍ଭ ସମୟରୁ ପ୍ରାକୃତିକ ସଂପଦର ସ୍ଥାୟୀ ପରିଚାଳନାକୁ ଜୀବନଜୀବିକା ସହ ଯୋଡି ଅନେକ କାର୍ଯ୍ୟକ୍ରମ ଗ୍ରହଣ  କରିଛି । ମରୁଡି ପ୍ରଭାବିତ ଅଂଚଳ କାର୍ଯ୍ୟକ୍ରମ, ସମନ୍ୱିତ ଜଳଛାୟା ଉନ୍ନୟନ କାର୍ଯ୍ୟକ୍ରମ, ଓ.ଟି.ଇ.ଏଲ୍.ପି କାର୍ଯ୍ୟକ୍ରମ, ଏମ୍.ଏନ୍.ଆର୍.ଇ.ଜି.ଏ ମାଧମରେ ବିସ୍ତୃତ ବନୀକରଣ, ବଗିଚା ସୃଷ୍ଟି ଏବଂ  ମୃର୍ତ୍ତିକା ଓ ଜଳ ପରିଚାଳନା କାର୍ଯ୍ୟକ୍ରମ, ନାବାର୍ଡ ବାଡି କାର୍ଯ୍ୟକ୍ରମ ଆଦି ବିଭିନ୍ନ କାର୍ଯ୍ୟକ୍ରମ ମାନ ଗ୍ରହଣ କରିଛି । ସ୍ୱାତୀର କାର୍ଯ୍ୟକ୍ରମ ଯୋଗୁଁ ଫିରିଙ୍ଗିଆ ଓ ଟିକାବାଲି ବ୍ଲକ୍ ଅଂଚଳରେ ୫୦୦୦ ହେକ୍ଟରରୁ ଅଧିକ ଜମିକୁ ଉନ୍ନତ କରାଯାଇ ଉତ୍ପାଦନକ୍ଷମ କରାଯାଇ ପାରିଛି ଏବଂ ୨୦୦୦ ହେକ୍ଟରରୁ ଅଧିକ ଅଂଚଳରେ ଆମ୍ବ ବଗିଚା ଓ ବନୀକରଣ କାର୍ଯ୍ୟ କରାଯାଇଛି । ଗତ ୨୦୧୭ ମସିହାରୁ ସ୍ୱାତୀ ଗଂଜାମ ଜିଲ୍ଲାର ଉତ୍ତର ଘୁମୁସର ବନଖଣ୍ଡ ଅଂଚଳରେ  ଓଡିଶା ବନାଂଚଳ ଉନ୍ନୟନ କାର୍ଯ୍ୟକ୍ରମରେ ସହାୟକ ସଂସ୍ଥା ଭାବେ କାର୍ଯ୍ୟ କରି ଆସୁଛି । ଚଳିତ ବର୍ଷ ମଧ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି ।







# ଓଡିଶା ବନାଂଚଳ ଉନ୍ନୟନ ପ୍ରକଳ୍ପ (ଭାଗ – ୨)

୨୦୧୭-୧୮ ମସିହାରୁ ଓଡିଶା ସରକାର ଏବଂ ଜାପାନ ଇଂଟର୍‌ନାସ୍‌ନାଲ କୋପୋରେଟିଭ୍ ଏଜେନ୍‌ସି (ଜିକା)ର ମିଳିତ ସହଯୋଗରେ ଓଡିଶାର ଦଶଟି ଜିଲ୍ଲାରେ ୨ଟି ପଶୁ ଅଭୟାରଣ୍ୟ ଏବଂ ୧୨ଟି ବନଖଣ୍ଡର ୪୭ଟି ବନାଂଚଳରେ ଏହି ଓଡିଶା ବନାଂଚଳ ଉନ୍ନୟନ ପ୍ରକଳ୍ପ – ଭାଗ ୨ କାର୍ଯ୍ୟକାରୀ ହୋଇ ଆସୁଛି । ଜଙ୍ଗଲ ଅଂଚଳର ଗ୍ରାମବାସୀ ମାନଙ୍କ ସକ୍ରିୟ ସହଭାଗୀତାରେ କ୍ଷୟ ପାଇଆସୁଥିବା ପ୍ରାକୃତିକ ଜଙ୍ଗଲର ସୁରକ୍ଷା ଓ ସୁପରିଚାଳନା ଏବଂ ସଂପୃକ୍ତ ଗ୍ରାମବାସୀ ମାନଙ୍କ ଜଙ୍ଗଲ ଭିତିକ ଜୀବନଜୀବିକାର ଉନ୍ନତୀ ସହ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଗୁଡିକର ସମନ୍ୱୟରେ ପ୍ରାକୃତିକ ଜଙ୍ଗଲ ଓ ଜଙ୍ଗଲବାସୀଙ୍କ ବିକାଶ ନିମନ୍ତେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ଏହି ଯୋଜନା କାର୍ଯ୍ୟକାରୀ ହେଉଛି । ଗଂଜାମ ଜିଲ୍ଲା ଉତ୍ତର ଘୁମୁସର ବନଖଣ୍ଡ ଅଧିନସ୍ଥ ମୁଜାଗଡ, ଜଗନ୍ନାଥପ୍ରସାଦ, ମଧାଂଚଳ ଓ ତାରସିଂ ଆଦି ୪ଟି ସେକ୍‌ସନର ୧୦୦ଟି ବନସଂରକ୍ଷଣ ସମିତି ଏବଂ ୩୦୦ଟି ସ୍ୱୟଂସହାୟକ ଦଳ ଏହି କାର୍ଯ୍ୟକ୍ରମ ସହ ସଂପୃକ୍ତ ଅଛନ୍ତି । ମୁଜାଗଡ ଅଧିନରେ ୭ଟି ପଂଚାୟତର ୨୫ଟି ବନସଂରକ୍ଷଣ ସମିତି, ଜଗନ୍ନାଥପ୍ରସାଦର ୬ଟି ପଂଚାୟତର ୨୪ଟି ବନସଂରକ୍ଷଣ ସମିତି, ମଧାଂଚଳର ୧୧ଟି ପଂଚାୟତର ୨୫ଟି ବନସଂରକ୍ଷଣ ସମିତି ଏବଂ ତାରସିଂର ୫ଟି ପଞ୍ଚାୟତର ୨୬ଟି ବନସଂରକ୍ଷଣ ସମିତି ରହିଛି । ସ୍ୱାତୀ ଅନୁଷ୍ଠାନ ଏହାର କ୍ଷେତ୍ରସ୍ତରୀୟ ପରିଚାଳନା ସହାୟତା ଦାୟିତ୍ୱ ତୁଲାଇଆସୁଛି ।

## କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ

ଏହି ପ୍ରକଳ୍ପର ମୂଖ୍ୟ ଲକ୍ଷ୍ୟ ହେଉଛି ଜଙ୍ଗଲ ଅଂଚଳରେ ରହୁଥିବା ଗ୍ରାମବାସୀ ମାନଙ୍କର ସହଯୋଗରେ ମିଳିତ ଜଙ୍ଗଲ ପରିଚାଳନା କୌଶଳରେ ପ୍ରାକୃତିକ ଜଙ୍ଗଲ ଗୁଡିକର ସୁରକ୍ଷା ଓ ସଂରକ୍ଷଣ । କାର୍ଯ୍ୟକ୍ରମର ଆଭିମୁଖ୍ୟ ଗୁଡିକ ହେଉଛି - ଗୋଷ୍ଠୀ ସହାୟତାରେ ଅବକ୍ଷୟମୁଖି ଜଙ୍ଗଲର ପୁନରୁଦ୍ଧାର, ଜଙ୍ଗଲ ବିଭାଗ ଓ ଗୋଷ୍ଠୀ ସଂଗଠନ ଆଦିର ପରିଚାଳନା କୌଶଳକୁ ଦୃଢ କରିବା, ଜୈବବିବିଧତାର ସଂରକ୍ଷଣ ଓ ବୈଜ୍ଞାନିକ ଅଧାରିତ ପରିଚାଳନା, ଜଙ୍ଗଲ ଉପରେ ନିର୍ଭରଶୀଳ ଗୋଷ୍ଠୀ ଗୁଡିକର ରୋଜଗାରରେ ଉନ୍ନତୀ, ବିଭିନ୍ନ ସରକାରୀ ବିଭାଗର ସମନ୍ୱୟରେ ଜଙ୍ଗଲ ଅଭୟନ୍ତର ଗାଁ ଗୁଡିକର ଭିତିଭୂମିରେ ବିକାଶ ଏବଂ ଜଙ୍ଗଲବାସୀଙ୍କ ଜୀବନଜୀବିକାର ଉନ୍ନତୀ ।

## ୨୦୨୪-୨୫ ବର୍ଷର କାର୍ଯ୍ୟକ୍ରମ ସମୂହ

ଚଳିତ ବର୍ଷ ମୁଜାଗଡ ବନାଂଚଳର ୨୫ଟି ବନ ସଂରକ୍ଷଣ ସମିତିକୁ ବିଭିନ୍ନ ଆସବାବପତ୍ର କ୍ରୟ ପାଇଁ ୪.୨୮ ଲକ୍ଷ ଟଙ୍କାର ସହାୟତା ଦିଆଯାଇଥିବାବେଳେ ବିଭିନ୍ନ ଋଣ ସହାୟତା ପାଇଁ ବନ ସଂରକ୍ଷଣ ସମିତି ଗୁିକର ପାଣ୍ଠିରେ ୫୦ଲକ୍ଷ ଟଙ୍କା ଗଚ୍ଛିତ ରହିଛି । ୭ଟି ବନ ସଂରକ୍ଷଣ ସମିତି ଅଂଚଳରେ ବିଭିନ୍ନ ବିଭାଗ ସହ ସମନ୍ୱୟ ରଖି ରାସ୍ତା ନିର୍ମାଣ, ଛେଳି ଫାର୍ମ ପ୍ରତିଷ୍ଠା, ଧାନ ବିହନ ବଂଟନ, ପଶୁ ଟୀକାକରଣ ଆଦି କାର୍ଯ୍ୟକ୍ରମ ମାନ କରାଯାଇଛି । ୧୧୫ଟି ସ୍ୱୟଂସହାୟିକା ଦଳ ମଧରୁ ୭୪ଟି ଦଳକୁ ବ୍ୟାଙ୍କରଣର





ବ୍ୟବସ୍ଥା କରାଯାଇଛି । ସମସ୍ତ ଗାଁରେ ୫୨.୨ ହେକ୍ଟର ଜମିରେ ଫାର୍ମ ଫରେଷ୍ଟ୍ରି କରାଯାଇଛି । କୁଲଦା, ଡାଙ୍ଗୁଆପାଲ୍ଲୀ, ଡହ, ଦୁର୍ଗାପ୍ରସାଦ, ଜୟମଙ୍ଗଳ, ଧନୁପାଲ୍ଲୀ, ସମାପାଲ୍ଲୀ, କୁରୁଡୁଗୋଚ୍ଛା, କୋଟିବରାଡି, ଲଙ୍ଗଳଖୋଲ ଆଦି ବନସଂରକ୍ଷଣ ସମିତି ଏବଂ ମହିଳା ଦଳ ଗୁଡିକ ରଣ ନେଇ ବିଭିନ୍ନ ଆୟ ବର୍ଦ୍ଧକ କାର୍ଯ୍ୟକ୍ରମ କରୁଛନ୍ତି ।

ଜଗନ୍ନାଥ ପ୍ରସାଦ ବନାଂଚଳରେ ସମୁଦାୟ ୨୦୭ ହେକ୍ଟର ଜମିରେ ବନୀକରଣ କରାଯାଇଛି । ବନସଂରକ୍ଷଣ ସମିତି ଅଂଚଳରେ ଭିତିଭୂମୀ ବିକାଶ ପାଇଁ ୬.୮ ଲକ୍ଷ ଟଙ୍କାର ବିଭିନ୍ନ କାର୍ଯ୍ୟ ହୋଇଛି । ହିସାବରେ ବିଭିନ୍ନ ଆୟବର୍ଦ୍ଧକ କାର୍ଯ୍ୟ କରିବା ପାଇଁ ୨୭ଟି ମହିଳା ସ୍ୱୟଂସହାୟିକା ଦଳ ଓ ୩୪୫ ଜଣ ବ୍ୟକ୍ତିଗତ ହିତାଧିକାରୀଙ୍କୁ ଆବର୍ତନ ପାଣ୍ଠି ରଣ ୪୦ ଲକ୍ଷ ୭୫ ହଜାର ଟଙ୍କାର ରଣ ଯୋଗାଇ ଦିଆଯାଇଛି । ଏଥିରେ ମାଛଚାଷ, ଘରୋଇ କୁକୁଡା ପାଳନ, ପରିବା ଚାଷ, କାଜୁ ଉଦ୍ୟାନ, ଗୋ ପାଳନ, ଛେଳି ପାଳନ, ମହୁଚାଷ, ଖଲି ସିଲେଇ, ଛତୁ ଚାଷ, ସାଇକେଲ୍ ମରାମତି ଦୋକାନ, କିରାଣି ଦୋକାନ,ଧାନ ଚାଷ, କାଗଜ କପ୍‌ପ୍ଲେଟ ତିଆରି, କୁକୁଡା ଫାର୍ମ, ଷ୍ଟେସନାରୀ ଦୋକାନ, ମିଠାମକା ଚାଷ, ଜିଆଖତ, ପରିବା ଚାଷ ଆଦି ଆୟ ବର୍ଦ୍ଧକ କାର୍ଯ୍ୟମାନ କରୁଛନ୍ତି । ସେହିପରି ବିଭିନ୍ନ ବିଭାଗ ସହ ସମନ୍ୱୟ ରଖି କୃଷି ଯନ୍ତ୍ରପାତି ପ୍ରଦାନ, ଜଳ ସେଚନ ଓ ଜମି ଉନ୍ନତି ପାଇଁ ଫାର୍ମପଣ୍ଡ ଓ ଜମି ମରାମତି, ଛେଳି ଚାଷ ସହାୟତା, ଅଟାକଳ, ମାଣ୍ଡିଆ ଚାଷ, ପରିବା ଚାଷ ଆଦି ପାଇଁ ସହାୟତା ଦିଆଯାଇଥିବାବେଳେ ଗ୍ରାମ ଭିତିଭୂମି ବିକାଶ ପାଇଁ ରାସ୍ତା ତିଆରି, ସୋଲାର ଚାଳିତ ପାଣିପମ୍ପ, ପୋଲ ନିର୍ମାଣ, କେନାଲ ତିଆରି, ଅଙ୍ଗନବାଡି କେନ୍ଦ୍ର ତିଆରି, ଶ୍ମଶାନ ଘର, କୋଠଘର, ମଣ୍ଡପ, ପୋଖରୀ ପାହାଚ ଆଦି କାର୍ଯ୍ୟ କରାଯାଇଛି ।

କେନ୍ଦ୍ରଂଚଳ ବନାଂଚଳ ୨୫ଟି ବନସଂରକ୍ଷଣ ସମିତି, ୧୦୫ଟି ସ୍ୱୟଂସହାୟିକା ଦଳ ଓ ୮୯୫ ଜଣ ବ୍ୟକ୍ତିଗତ ହିତାଧିକାରୀ ମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି । ସ୍ୱୟଂସହାୟିକା ଦଳ ଗୁଡିକୁ ନେଇ ବିଭିନ୍ନ ଆୟବର୍ଦ୍ଧକ କାର୍ଯ୍ୟକ୍ରମ କରାଯାଇଛି । ୨୫ଟି କୃଷକ ଦଳକୁ ବିଭିନ୍ନ କୃଷି ଉନ୍ନୟନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ଜୀବନଜୀବିକାର ଉନ୍ନତୀ ପାଇଁ ବିଭିନ୍ନ ଆୟବର୍ଦ୍ଧକ କାର୍ଯ୍ୟ କରିବାକୁ ୮୨ ଲକ୍ଷ ୬୫ ହଜାରଟଙ୍କା ଆବର୍ତନ ପାଣ୍ଠି ରଣ ଯୋଗାଇ ଦିଆଯାଇଛି । କୃଷି ବିଭାଗ ସହ ସମନ୍ୱୟ ରଖି ଚାଷୀ ମାନଙ୍କୁ ଉନ୍ନତ ମାନର ବିହନ ଓ କୃଷି ଯନ୍ତ୍ରପାତି ଯୋଗାଇ ଦିଆଯାଇଛି । ମିଶନଶକ୍ତି ଓ କୃଷି ବିଭାଗ ସହଯୋଗରେ ମହିଳା ଦଳ ଗୁଡିକୁ ବିଭିନ୍ନ ଧାନ କଳ, ଅଟାକଳ, ତେଲ କଳ ଆଦି ମେସିନ୍ ଯୋଗାଇ ଦିଆଯାଇଛି । ଆର୍.ଡବ୍ଲ୍ୟୁ.ଏସ୍.ଏସ୍ ସହାୟତାରେ ସୋଲାର ଚାଳିତ ପାନୀୟଜଳ ବ୍ୟବସ୍ଥା କରାଯିବା ସହ ପଂଚାୟତିରାଜ ବିଭାଗ ସହାୟତାରେ ବିଭିନ୍ନ ଭିତିଭୂମୀ ବିକାଶ କାର୍ଯ୍ୟ କରାଯାଇଛି । ୨୨.୬୬ ହେକ୍ଟର ଜମିରେ ଫଳ ବଗିଚା ୪୦.୫୩ ହେକ୍ଟର ଜମିରେ ଜଙ୍ଗଲୀ ବୃକ୍ଷ ଲଗାଯାଇଛି ।









বন সংরক্ষণ সমিতি ও মহিলা দল গুড়িকর সভ্যসভ্যা মানঙ্কু গ্রাম্য বিকাশ, কৃষি বিকাশ, উদ্যান বিকাশ, পশু সংপদ বিকাশ, রোজগার বৃদ্ধি যোজনা, ব্যবসায় কৌশল আদি সংপর্করে তালিম প্রদান করাযাইছি । বন সংরক্ষণ সমিতি ও মহিলা দল গুড়িক সহায়তারে বিশ্ব পরিবেশ দিবস, বন মহোত্সব, মহিলা দিবস আদি জাতীয় ও আন্তর্জাতীয় দিবস গুড়িক পালন করাযাইছি ।



## সফলতা ও প্রভাব

এহি যোজনা যোগুঁ জঙ্গল বিভাগ ও গ্রামগোষ্ঠীর মিলিত উদ্যমরে জঙ্গল গুড়িক সুরক্ষিত হোইপারিছি । জঙ্গল অংচলর বৃদ্ধি ঘটিছি ।



গ্রাম গোষ্ঠীর উদ্যম যোগুঁ কাঠচোর, জঙ্গল ব্যবসায়ী এবং পশু শিকারী মানঙ্ক দৌরাত্ম হ্রাস পাইছি । জঙ্গলকু নিআঁ দাউরু সুরক্ষা দেবা, কাঠ ব্যবসায়ী মানঙ্কু জগিবা এবং জঙ্গলী জীবজন্তু মানঙ্কু সুরক্ষা দেবারে গ্রামবাসীঙ্ক সংপৃক্তি বৃদ্ধি পাইছি । চলিত বর্ষ জঙ্গলকু নিআঁদাউরু রক্ষা পাইঁ বনসংরক্ষণ সমিতি গুড়িক মুখ্য ভূমিকা তুলাইছন্তি ।



মহিলা দল গুড়িকর সুদৃঢ়ীকরণ এবং দক্ষতা বিকাশ তালিম মহিলামানঙ্কু সংচয় ও রোজগার পাইঁ সংগঠিত করিপারিছি । মহিলা দল গুড়িক বিভিন্ন ক্ষুদ্র উদ্যোগ মান করি নিজ আয় বৃদ্ধি করিপারিছন্তি । দল গুড়িক দ্বারা বিভিন্ন রোজগার ভিতিক কার্য্যরু সেমানঙ্ক আয়রে অভিবৃদ্ধি ঘটিছি ।



বিভিন্ন বিভাগর সমন্বয়রে গাঁ গুড়িকরে ভিতিভূমি বিকাশ হোই পারিছি । গ্রামবাসী মানঙ্কু মিলিথিবা বিভাগীয় সহায়তারে গাঁ লোকমানঙ্কু কর্ম নিযুক্তির সুযোগ মিলিবা, গাঁর কৃষিভিতিক রোজগার বৃদ্ধি, পশুপক্ষী পালন,আত্মনিযুক্তি ভিতিক রোজগার বৃদ্ধি সেমানঙ্ক আয় বৃদ্ধিরে সহায়ক হোইছি ।



## ସାମାଜିକ ସଂହତି ଓ ସାମାଜିକ ନ୍ୟାୟ

ଚିରନ୍ତନ ବିକାଶ ଲକ୍ଷ୍ୟ – ୧୬ରେ ରହିଥିବା ଶାନ୍ତି, ନ୍ୟାୟ ଓ ସାଂଗଠନିକ ଦୃଢତା ନିମନ୍ତେ ସ୍ୱାତୀ ନିଷ୍ଠାର ସହ ଉଦ୍ୟମ ଜାରି ରଖିଛି । ବିଗତ ବର୍ଷ ଗୁଡିକରେ କନ୍ଧମାଳ ଜିଲ୍ଲାରେ ସାମାଜିକ ସଂହତି ଓ ଶାନ୍ତି ରକ୍ଷା ନିମନ୍ତେ ଗ୍ରହଣ କରାଯାଇଥିବା ଉଦ୍ୟମ "ଅନ୍ତରଙ୍ଗ"ରେ ଏହା ସାମିଲ ରହି ଯୁବ ଗୋଷ୍ଠୀକୁ ଗ୍ରାମୀଣ ବିକାଶ ଓ ଗୋଷ୍ଠୀ ସଂହତି ରକ୍ଷାରେ ଜଡିତ ରଖିବା ପାଇଁ ଏହା ଅନକେ କାର୍ଯ୍ୟକ୍ରମ ଗ୍ରହଣ କରିଛି । ସେହିପରି କନ୍ଧମାଳର ଗାଁ ଗୁଡିକରେ ଭାରତ ନିର୍ମାଣ କାର୍ଯ୍ୟକ୍ରମ ମାଧମରେ ଯୁବସଂଘ ମାନ ଗଠନ କରାଯାଇ ସେମାନଙ୍କୁ ବିଭିନ୍ନ ସାମାଜିକ ସେବା କାର୍ଯ୍ୟ ସହ ଜଡିତ କରାଯାଇଛି । ଏଥିସହିତ ସ୍ୱାତୀ, ସମ୍ବାଦ- ଆମ ଓଡିଶା ସହ ମିଳିତ ଭାବରେ ପ୍ରତିବର୍ଷ ରକ୍ତଦାନ ଶିବିର ମାନ ଆୟୋଜନ କରିଆସୁଛି । ତୃତୀୟଲିଙ୍ଗି ମାନଙ୍କୁ ସାମାଜିକ ପ୍ରତିଷ୍ଠା ଅଧିକାର ଦେବା ନିମନ୍ତେ ମଧ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ।

ଚଳିତ ବର୍ଷ ସ୍ୱାତୀ ଏବଂ ସମ୍ବାଦ- ଆମ ଓଡିଶା ସହ ମିଳିତ ଭାବରେ ୨ଟି ରକ୍ତଦାନ ଶିବିର କରାଯାଇ ୮୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ସେହିପରି ଫୁଲବାଣୀ ଠାରେ ବୟସ୍କ ନାଗରୀକ ମାନଙ୍କୁ ନେଇ ସେମାନଙ୍କ ସମସ୍ୟା ଓ ସମାଧାନ ପନ୍ଥା ସଂପର୍କରେ ଆଲୋଚନା ଚକ୍ର କରାଯାଇଥିଲା । ଜିଲ୍ଲାରେ ସାମାଜିକ ସଂହତି ଦୃଢ କରିବା ନିମନ୍ତେ ସ୍ଥାନୀୟ ନାଗରୀକ ପରିଷଦ, ଯୁବ ସଂଘ ଗୁଡିକ ସହ ମିଳିତ ଭାବେ ଗାନ୍ଧୀ ଜୟନ୍ତୀ, ବିଶ୍ୱ ମାନବାଧିକାର ଦିବସ, ସ୍ୱାଧିନତା ଦିବସ, ସାଧାରଣତନ୍ତ୍ର ଦିବସ ଆଦି ପାଳନ କରାଯାଇଛି । ସ୍ୱାତୀର ୨୬ ତମ ପ୍ରତିଷ୍ଠା ଦିବସ ଅବସରରେ ଘୁ. ଉଦୟଗିରି ଠାରେ ଏକ ଶାନ୍ତି ଶୋଭାଯାତ୍ର ମଧ କରାଯାଇଥିଲା ।






## ଅଧ୍ୟୟନ ଓ ପ୍ରକାଶନ




ସ୍ୱାତୀ କାର୍ଯ୍ୟକରୁଥିବା ଅଂଚଳ ଓ ଗୋଷ୍ଠୀର ସାମାଜିକ ଅବସ୍ଥା, ଏବଂ ନିଜେ କରୁଥିବା କାର୍ଯ୍ୟକ୍ରମ ଗୁଡିକର ଉପଯୋଗୀତା, ଆବଶ୍ୟକତା ଓ ପ୍ରଭାବ ସଂପର୍କରେ ନୀୟମିତ ଅଧ୍ୟୟନ କରିଥାଏ । ଅନୁଷ୍ଠାନ ନିଜର କାର୍ଯ୍ୟଧାରା, ଅନୁଭୂତି ଓ ବିକଳ୍ପ ଚିନ୍ତାକୁ ସର୍ବସାଧାରଣରେ ପହଂଚାଇବା ପାଇଁ ବିଭିନ୍ନ ଅଧ୍ୟୟନ ଓ ରିପୋର୍ଟ ପ୍ରସ୍ତୁତି, ବୃତଚିତ୍ର ନିର୍ମାଣ, ସଚେତନତା ପାଇଁ ପୋଷ୍ଟର ଓ ପୁସ୍ତିକା ପ୍ରକାଶନ କରିଆସୁଛି । ପୂର୍ବରୁ ସ୍ୱାତୀ ଜୀବନଜୀବିକାକୁ ନେଇ "ଏଇ ମାଟିର କଥା", ସ୍ୱାସ୍ଥ୍ୟ ବିଷୟକୁ ନେଇ "ଜୀବନଧାରା", ବାଲ୍ୟବିବାହ ନିରୋଧ ଆନ୍ଦୋଳନ ଅନୁଭୂତିକୁ ନେଇ "ଅନନ୍ୟା" ଏବଂ ପ୍ରାକ୍ ଶୈଶବ ଯତ୍ନ ଓ ଶିକ୍ଷା ବିଷୟକୁ ନେଇ "ଅଙ୍କୁର" ଏବଂ କରୋନାକାଳୀନ ଅନୁଭୂତିକୁ ନେଇ ଏହା "କରୋନା କାଳର କଥା" କନ୍ଧମାଳର ଜୈବିକ ଓ ପ୍ରାକୃତିକ କୃଷି ପରଂପରାକୁ ନେଇ "କନ୍ଧମାଳର ପ୍ରାକୃତିକ କୃଷି" ନାମରେ ପୁସ୍ତିକାମାନ ପ୍ରକାଶ କରିଛି ।

ସେହିପରି ସ୍ୱାତୀ ଜୀବନଜୀବିକା, ସ୍ୱାସ୍ଥ୍ୟ ଓ ଗ୍ରାମୀଣ ବିକାଶର ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ବୃତଚିତ୍ର ମାନ ପ୍ରସ୍ତୁତ କରିଛି । ଗ୍ରାମ ସଂଗଠନ, ସ୍ୱାସ୍ଥ୍ୟ, ସରକାରୀ ଯୋଜନା ବିଷୟରେ ଲୋକ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ ଜାଗରଣ ସଂଗୀତକୁ ନେଇ ସ୍ୱାତୀ ତରଫରୁ ଦୁଇଟି ସଂଗୀତ ସିଡି କରାଯାଇଛି । ଏହାଛଡା ବିଭିନ୍ନ ଯୋଜନା ସଂପର୍କିତ ପୁସ୍ତିକା, ସ୍ୱାସ୍ଥ୍ୟ, ଶିକ୍ଷା, ପଂଚାୟତିରାଜ ଆଦି ସଂପର୍କିତ ପୁସ୍ତିକା ଗୁଡିକର ସଂଗ୍ରହ ମଧ କରି ଗାଁ ସ୍ତରରେ ସୂଚନା କେନ୍ଦ୍ର ଖୋଲାଯାଇ ଲୋକମାନଙ୍କୁ ଯୋଗାଇ ଦିଆଯାଉଛି । ସ୍ୱାତୀର ଏକ ନିଜସ୍ୱ ୱେବ୍‌ସାଇଟ୍ ରହିଛି ଏବଂ ସେଥିରେ ସ୍ୱାତୀ ସଂପର୍କୀତ ସମସ୍ତ ସୂଚନା ସମସ୍ତଙ୍କ ପାଇଁ ଉପଲବ୍ଧ ।

ଚଳିତ ବର୍ଷ ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ଅବସରରେ ଏହାର ୨୫ ବର୍ଷର ବିକାଶ ଯାତ୍ରାକୁ ନେଇ ଅନୁଷ୍ଠାନ ଏକ ସ୍ମରଣିକା ପ୍ରକାଶ କରିଛି । ଫିରିଙ୍ଗିଆ ବ୍ଲକ୍ ଅଂଚଳରେ ଗର୍ଭବତୀ ମହିଳା ଓ ଶିଶୁ ମାନଙ୍କର ରକ୍ତହୀନତା ର କାରଣ ଓ ନିରାକରଣ ସଂପର୍କରେ ଏକ ଅନୁଧାନ ମୂଳକ ରିପୋର୍ଟ ପ୍ରସ୍ତୁତ କରିଛି । ସେହିପରି ଏଚ୍.ଆ.ଭି / ଏଡ୍‌ସ ଏବଂ ତୃତୀୟ ଲିଙ୍ଗୀ ମାନଙ୍କ ଜୀବନ ଓ ସମସ୍ୟାକୁ ନେଇ ଦୁଇଟି ବୃତଚିତ୍ର ମଧ କରାଯାଇଛି । ସ୍ୱାତୀ ନିଜର ବାର୍ଷିକ କାର୍ଯ୍ୟ ବିବରଣୀ ଉଭୟ ଓଡିଆ ଓ ଇଂରାଜୀରେ ନିୟମିତ ପ୍ରକାଶ କରିବା ସହ ସମସ୍ତଙ୍କୁ ଏହା ଉପଲବ୍ଧ କରାଇଆସୁଛି ।

## ଅନୁରୋଧ

ସ୍ୱାତୀ ଏକ ବିକାଶ ଅନୁଷ୍ଠାନ ହିସାବରେ ସ୍ୱଚ୍ଛ ଓ ଉତ୍ତରଦାୟିତ୍ୱର ସହ ଗୋଷ୍ଠୀ ବିକାଶ ପାଇଁ ପ୍ରତିଶୃତିବଦ୍ଧ ହୋଇ କାର୍ଯ୍ୟକରି ଆସୁଛି । ଗ୍ରାମାଂଚଳର ଅସୁରକ୍ଷିତ ଅବସ୍ଥାରେ ରହୁଥିବା ଅସହାୟ ବୃଦ୍ଧବୃଦ୍ଧାମାନଙ୍କ ପାଇଁ ଆବାସିକ କେନ୍ଦ୍ରଟିଏ ଖୋଲିବାର ସଂକଳ୍ପ ରହିଛି ସ୍ୱାତୀର । ସ୍ୱାତୀର ଏହି ପ୍ରଚେଷ୍ଟାରେ ସାମିଲ୍ ହୋଇ ସହଯୋଗ ଓ ସହାୟତାର ହାତ ବଢାଇବାକୁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ସ୍ୱାତୀ ଅନୁରୋଧ କରୁଛି ।

## ବିଧିସମ୍ମତ ଆନୁଷ୍ଠାନିକ ତଥ୍ୟ

ବିଧିସମ୍ମତ ଆୟବ୍ୟୟ ସମୀକ୍ଷକ – ଏସ୍.ସି.ପି ଏବଂ ସହଯୋଗୀ, ଭୁବନେଶ୍ୱର

ଆନୁଷ୍ଠାନିକ  ଆୟବ୍ୟୟ ସମୀକ୍ଷକ – ଧରଣୀ ଏଣ୍ଡ କୋ, ଭୁବନେଶ୍ୱର

ଆଇନ ପରାମର୍ଶଦାତା - ଆଇନଜୀବୀ ଶ୍ରୀ ରତିକାନ୍ତ ମହାପାତ୍ର, ଭୁବନେଶ୍ୱର

ବ୍ୟାଙ୍କ – ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପାବୁରିଆ ଶାଖା, ଗୁଟିଙ୍ଗିଆ ଶାଖା, ସାରଙ୍ଗଡ ଶାଖା, ଜି.ଉଦୟଗିରି ଶାଖା, ଫୁଲବାଣୀ ଶାଖା, ତୁମୁଡିବନ୍ଧ ଶାଖା ଓ ବ୍ରହ୍ମପୁର ଶାଖା, ୟୁ.ଜି.ବି - ଫୁଲବାଣୀ ଶାଖା / ବେଲଘର ଶାଖା, ଆନ୍ଧ୍ର ବ୍ୟାଙ୍କ – ଗୋଷାଣୀ ନୂଆଗାଁ,

ସୂଚନା ଅଧିକାରୀ – ଶ୍ରୀ ହରିଶଙ୍କର ରାଉତ

## ସ୍ୱାତୀର ପରିଚାଳନା ବୋର୍ଡ ସଭ୍ୟ/ସଭ୍ୟା

| ପରିଷଦ ସଭ୍ୟ/ସଭ୍ୟାଙ୍କ ନାମ | ପରିଷଦ ସଭ୍ୟ/ସଭ୍ୟାଙ୍କ ଠିକଣା | ପରିଷଦରେ ପଦବୀ |
|---|---|---|
| ଶ୍ରୀ ପ୍ରଶାନ୍ତ ଶତପଥି | ପ୍ଲଟ୍ ନଂ – ୨୧୯/୧୩୮୬/୨୬୩୨, ଭୁବନେଶ୍ୱର- ୭୫୧୦୦୧, ଖୋର୍ଦ୍ଧା, ଓଡିଶା, ଫୋନ୍ – ୯୪୩୭୨୪୨୮୭୨, E-mail: prasantasatapathy@gmail.com | ଅଧ୍ୟକ୍ଷ |
| ଶ୍ରୀମତୀ ସୁଜାତା ମହାପାତ୍ର | କେ – ୪, ଏଲ୍,ଆଇ,ଜି – ୭୪୪, କଳିଙ୍ଗନଗର, ପୋ - ପାତ୍ରପଡା, ଭୁବନେଶ୍ୱର- ୭୫୧୦୧୯, ଖୋର୍ଦ୍ଧା, ଓଡିଶା, ଫୋନ୍ – ୯୮୬୧୭୩୨୮୫୮ E-mail- Sujjiosam@gmail.com | ଉପାଧ୍ୟକ୍ଷା |
| ଇଂ.ହରିଶଙ୍କର ରାଉତ | ପ୍ରଧାନ କଲୋନୀ, ପୋ – ଜି.ଉଦୟଗିରି – ୭୬୨୧୦୦, କନ୍ଧମାଳ, ଓଡିଶା, ଫୋନ୍ – ୯୪୩୭୧୮୬୧୨୮, E-mail: swati_pab@yahoo.co.in | ସଂପାଦକ |
| ଶ୍ରୀ ଶାନ୍ତନୁ କୁମାର ମିଶ୍ର | ଅମଲାପଡା, ଫୁଲବାଣୀ – ୭୬୨୦୦୧ , କନ୍ଧମାଳ, ଓଡିଶା ଫୋନ୍ – ୯୪୩୭୧୯୨୩୬୫, E-mail: paribes_plb96@rediffmail.com | କୋଷାଧ୍ୟକ୍ଷ |
| ଶ୍ରୀମତୀ ପ୍ରେମସୀ ନାୟକ | ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜିକା, ଓ.ଏଲ୍.ଏମ୍, ଢେଙ୍କାନାଳ ଫୋନ୍ - ୯୪୩୭୩୫୯୩୮୧ | ପରିଚାଳନା ପରିଷଦ ସଭ୍ୟା |
| ଶ୍ରୀ ପ୍ରଶାନ୍ତ କୁମାର ମିଶ୍ର | ସା/ପୋ – ଟିକାବାଲି, ଜି – କନ୍ଧମାଳ – ୭୬୨୦୧୦, ଫୋନ୍ - ୯୪୩୭୭୬୫୧୬୭ | ପରିଚାଳନା ପରିଷଦ ସଭ୍ୟ |
| ଶ୍ରୀମତୀ ରଶ୍ମିରେଖା ଖଟୁଆ | ନାରାୟଣୀ ରୋଡ୍, ଫୁଲବାଣୀ – ୭୬୨୦୦୧, କନ୍ଧମାଳ ଫୋନ୍ – ୯୪୩୮୦୬୧୧୦୮, E-mail: bnkhatua@rediffmail.com | ପରିଚାଳନା ପରିଷଦ ସଭ୍ୟା |
| ଶ୍ରୀମତୀ ସାନ୍ତନା ନାୟକ | ନୂଆସାହି, ପୋ – ଜି.ଉଦୟଗିରି, ୭୬୨୧୦୦, କନ୍ଧମାଳ ଫୋନ୍ - ୯୪୩୮୦୪୩୬୮୦ | ସାଧାରଣ ପରିଷଦ ସଭ୍ୟା |
| ଶ୍ରୀ ଲାଲ୍‌ନନ୍ଦ ପ୍ରଧାନ | ସା/ପୋ - ପାଦେରିପଡା, ତଳଦଣ୍ଡିକିଆ, ଭାୟା – ବନ୍ଦଗଡ କନ୍ଧମାଳ. ଓଡିଶା, ଫୋନ୍ - ୯୪୩୯୨୬୭୧୦୪ | ସାଧାରଣ ପରିଷଦ ସଭ୍ୟ |
| ଶ୍ରୀ ପ୍ରଶାନ୍ତ କୁମାର ଦାଶ | ନୂଆସାହି, ପୋ – ଜି.ଉଦୟଗିରି, ୭୬୨୧୦୦, କନ୍ଧମାଳ ଫୋନ୍ – ୭୭୫୦୦୦୯୫୦୦, E-mail – tukuonly@gmail.com | ସାଧାରଣ ପରିଷଦ ସଭ୍ୟ |
| ଶ୍ରୀ ମୃତ୍ୟୁଞ୍ଜୟ ବେହେରା | କେ୬, ଏଚ୍.ଆଇ.ଜି – ୨୨୦, କଳିଙ୍ଗ ବିହାର, ଭୁବନେଶ୍ୱର – ୭୫୧୦୧୯ ଫୋନ୍ – ୯୪୩୮୦୧୧୯୭୮, E-mail – mrutyunjaya.behera@gmail.com | ସାଧାରଣ ପରିଷଦ ସଭ୍ୟ |

ସୋସିଆଲ୍ ୱେଲ୍‌ଫେୟାର ଏଜେନ୍ସି ଏଣ୍ଡ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍

Website – www.swatiodisha.org
E-mail- swati_pab@yahoo.co.in

## ସ୍ୱାତୀର ପ୍ରକଳ୍ପ କାର୍ଯ୍ୟାଳୟ

ପାବୁରିଆ, କନ୍ଧମାଳ
ବନ୍ଧଗଡ, କନ୍ଧମାଳ
ଦୁଗୁଡି, ଜି.ଉଦୟଗିରି, କନ୍ଧମାଳ
ବେଲଘର, ତୁମୁଡିବନ୍ଧ, କନ୍ଧମାଳ
କଲେଜଛକ, ଫୁଲବାଣୀ, କନ୍ଧମାଳ
ଛତିଝର ଛକ, ଟିକାବାଲି, କନ୍ଧମାଳ
କଟ୍ରିଙ୍ଗିଆ, ଫୁଲବାଣୀ, କନ୍ଧମାଳ
ରାଇକିଆ, କନ୍ଧମାଳ

ବାଲନ୍ଦାପଡା, ଫିରିଙ୍ଗିଆ, କନ୍ଧମାଳ
ମହୁରା, ଭୁବନେଶ୍ୱର, ଖୋର୍ଦ୍ଧା
ଗୋସାଣୀ ନୂଆଗାଁ, ବ୍ରହ୍ମପୁର, ଗଞ୍ଜାମ
ଭଞ୍ଜନଗର, ଗଞ୍ଜାମ
ଜଗନ୍ନାଥ ପ୍ରସାଦ, ଗଞ୍ଜାମ
ତାରସିଂ, ଗଞ୍ଜାମ
ଖଦାଳ ସାହି, ବୌଦ୍ଧ
ବାଇଗଞ୍ଜୁରି, ସୋନପୁର, ସୁବର୍ଣ୍ଣପୁର